RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-339 ◆BHUBANESWAR ◆SATURDAY ◆7 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୯ ◆ଭୁବନେଶ୍ୱର ◆ଶନିବାର ◆୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଫ୍ରେଞ୍ଚ ଓପନ୍: ଫାଇନାଲ୍‌ରେ ଆଲ୍‌କାରାଜ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଲଜ୍ଜା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଘଟଣା ଚପାଇଦେଲେ

■ ବ୍ରହ୍ମପୁର/କନିଷି, ୬।୬ (ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ତଥା ଗୋଳନ୍ଥରା ଥାନା ଅଞ୍ଚଳର ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକାଙ୍କୁ ଅପହରଣ ଓ ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଳନ୍ଥରା ଥାନାରେ ଉଭୟ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।

ଗତ ୩ ତାରିଖ ମଧ୍ୟାହ୍ନ ୨ଟାରେ ଦୁଇଜଣ ନାବାଳିକା (୧୪ ଓ ୧୫ବର୍ଷ)ଙ୍କୁ ୪ଜଣ ଯୁବକ ତାଙ୍କ ଗ୍ରାମରୁ ଅପହରଣ କରି ନିକଟସ୍ଥ ଓଡିଆରପି କଲୋନୀକୁ ନେଇ ଯାଇଥିଲେ। ସେଠାରେ ପ୍ରଥମେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଦୁଷ୍କର୍ମ କରିଥିଲେ। ପରେ ୨ଜଣ ଯୁବକ ଉଭୟ ନାବାଳିକାଙ୍କୁ ବଳପୂର୍ବକ ବାଇକ୍ ଯୋଗେ ଆର୍ଯ୍ୟପଲ୍ଲୀ ଓ ପରେ ନୋଳିଆ ନୂଆଗାଁକୁ ନେଇଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ଖୋଦ୍ ପୀଡ଼ିତା ଓ ସେମାନଙ୍କ ପରିବାର ପକ୍ଷରୁ କୁହାଯାଇଛି। ୩ ତାରିଖ ବିଳମ୍ବିତ ରାତିରେ ଉଭୟ ନାବାଳିକାଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ନାବାଳିକା ଦ୍ୱୟ ନିଖୋଜ ହେବା ପରେ ସେମାନଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବାବେଳେ ୪ତାରିଖ ସକାଳେ ନୋଳିଆ ନୂଆଗାଁରୁ ଉଭୟ ନାବାଳିକାଙ୍କ ସନ୍ଧାନ ମିଳିଥିଲା। ଉଭୟଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମର ଭଦ୍ରଲୋକଙ୍କୁ ଜଣାଇଥିଲେ। ତେବେ ଘଟଣାର ସମାଧାନ କରିବା ପରିବର୍ତ୍ତେ ଚପାଇ ଦେବାକୁ ବିଭିନ୍ନ ଆଡ଼ୁ ଚାପ ପଡିବା ସହ ଧମକଚମକ ମିଳିଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ନିରୁପାୟ ହୋଇ ନ୍ୟାୟ ଆଶାରେ ଉଭୟ ପୀଡ଼ିତା ନାବାଳିକାଙ୍କ ପରିବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ।

ସୂଚନା ଅନୁସାରେ ଉଭୟ ନାବାଳିକା ସମ୍ପର୍କୀୟା ଭଉଣୀ। ଜଣେ ମାମୁଁ ଘରକୁ ଆସିଥିବାବେଳେ ଅନ୍ୟଜଣଙ୍କ ଘର ଉକ୍ତ ଗ୍ରାମରେ। ଏକ ବିବାହ ଭୋଜିବେଳେ ଗହଳିର ସୁଯୋଗ ନେଇ ସମ୍ପୃକ୍ତ ଅଞ୍ଚଳର ଯୁବକମାନେ ସେମାନଙ୍କୁ ଅପହରଣ କରି ପରେ ▶ପୃଷ୍ଠା-୭

# ୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

**'ମୁଖ୍ୟମନ୍ତ୍ରୀ ସହରୀ ବିକାଶ'ରେ ଖର୍ଚ୍ଚହେବ ୬୦୦୦ କୋଟି**

**ଚଳିତ ଆର୍ଥିକ ବର୍ଷ ପାଇଁ ୧୧୦୦ କୋଟି ବ୍ୟୟଅଟକଳ**

**ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ ମଞ୍ଜୁରୀ; ୪ ବର୍ଷରେ ୧୧୧୩ କୋଟି ବ୍ୟୟଅଟକଳ**

**ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ, ସ୍ପିଲ୍ ୱେକୁ ମଞ୍ଜୁରୀ**

**ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନାମରେ ଆବଣ୍ଟିତ ଜମି ପାଇଁ ୨.୬୦ କୋଟି ଟଙ୍କା ଛାଡ଼**

■ ଭୁବନେଶ୍ୱର, ୬।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରମୁଖ ପ୍ରସ୍ତାବ ମଧ୍ୟରେ ସହରାଞ୍ଚଳ ଗୁଡ଼ିକର ସମନ୍ୱିତ ବିକାଶ ପାଇଁ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'କୁ ଅନୁମୋଦନ ମିଳିଛି। ରାଜ୍ୟର ସହର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ରାଜସ୍ୱ ବୃଦ୍ଧି କରିବା ଯୋଜନାର ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ ୨୦୨୫ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ଏଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା'କୁ ବୈଠକରେ ଅନୁମୋଦନ ମିଳିଥିବା ବେଳେ ଏହାଦ୍ୱାରା ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରି ସମାଜକୁ ଲାଭ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ଶିଳ୍ପ, କୃଷି, ଚିକିତ୍ସା ଓ ପରିବେଶ ସହ ଜୈବପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ପାଇଁ ଏହି ଯୋଜନା ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରଖାଯାଇଛି। ସେହିପରି ଅନ୍ୟ ପ୍ରସ୍ତାବ ଦ୍ୱୟ ମଧ୍ୟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ▶ପୃଷ୍ଠା-୭

DADLS-25

## ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାର୍ଟି)

## ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0671/2526

# ଅଶୁଭ ଶୁକ୍ରବାର ଦୁର୍ଘଟଣାରେ ଗଡ଼ିଲା ୭ ମୁଣ୍ଡ

**ଟ୍ୟାଙ୍କର୍ ଧକ୍କାରେ ଗଲା ମାମୁଁ ଓ ଦୁଇ ଭାଣିଜୀଙ୍କ ଜୀବନ**

**ଗଛରେ ପିଟିହେଲା ଟାଟା ମ୍ୟାଜିକ୍; ଦମ୍ପତି ମୃତ**

**ବସ୍ ଧକ୍କାରେ ଗଲା ୨ ବାଇକ୍ ଆରୋହୀଙ୍କ ଜୀବନ**



■ ଦିଗପହଣ୍ଡି/କୋଲାବିରା/ଦେବଗଡ଼, ୬।୬ (ସମିସ): ଦୁର୍ଘଟଣାରେ ଆଜି ରାଜ୍ୟରେ ୭ଜଣଙ୍କ ମୁଣ୍ଡ ଗଡ଼ିଛି। ଗଂଜାମ ଜିଲ୍ଲା ଦେଇ ଯାଇଥିବା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଟ୍ୟାଙ୍କର୍ ଧକ୍କାରେ ମାମୁଁ ସମେତ ୨ ଭାଣିଜୀଙ୍କ ମୃତ୍ୟୁ ଘଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଧକ୍କାରେ ୨ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି। ସେହିପରି, ଦେବଗଡ଼ ଜିଲ୍ଲା ଅସନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥରେ ଏକ ଟାଟା ମ୍ୟାଜିକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ସେଥିରେ ଥିବା ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସୂଚନାନୁସାରେ, ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ବଜାଜ୍ ସୋ' ରୁମ୍ ସାମ୍ନାରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ, ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି. ତ୍ରିନାଥ ରେଡ୍ଡୀ(୩୯) ଏବଂ ତାଙ୍କ ଦୁଇଭାଣିଜୀ ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ (୧୮) ଓ ▶ପୃଷ୍ଠା-୭



# ଗାଜାରେ ୨୪୦୦ ଟଙ୍କାରେ ବିକ୍ରି ହେଉଛି ଭାରତର ବିସ୍କୁଟ୍



ନୂଆଦିଲ୍ଲୀ, ୬ ।୬(ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ଭାରତରେ ୫ ଟଙ୍କା ମୂଲ୍ୟର ବିସ୍କୁଟ୍ ଯୁଦ୍ଧବିଧ୍ୱସ୍ତ ଗାଜରେ ୨, ୪୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବିସ୍କୁଟ୍ ଭାରତର ଘରେ ଘରେ ବେଶ୍ ଆଦୃତ। କମ୍ ଦାମ୍‌ରେ ମିଳୁଥିବା ଏହି ବିସ୍କୁଟ୍‌କୁ ପିଲାମାନେ ଖାଇବାକୁ ଭଲ ପାଆନ୍ତି ଓ ଖାସ୍ କରି ଚା ପାନ ବେଳେ ଏହାର ଗୁରୁତ୍ୱ ବଢ଼ିଯାଇଥାଏ। ଭାରତରେ ନିହାତି ଶସ୍ତାରେ ମିଳୁଥିବା ଏହି ବିସ୍କୁଟ୍ ଗାଜାରେ କିନ୍ତୁ ୫୦୦ ଗୁଣା ଅଧିକ ମୂଲ୍ୟରେ ମିଳୁଛି। ଗାଜାରୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ପୋଷ୍ଟରୁ ଏହା ଜଣାପଡ଼ିଛି। ମହମ୍ମଦ ଜବାଦ ନାମକ ଜଣେ ବ୍ୟକ୍ତି ଏକ୍ସରେ ପୋଷ୍ଟ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ୨୪ ୟୁରୋରେ ଗୋଟିଏ ବିସ୍କୁଟ ପ୍ୟାକେଟ ମିଳୁଛି ବୋଲି ସେ ଭିଡିଓରେ କହିଥିବାର ଲକ୍ଷ୍ୟ କରାଯାଇଛି

ଉଲ୍ଲେଖଥାଉ କି, ୨୦୨୩ରେ ହମାସର ଆକ୍ରମଣ ପରେ ଇସ୍ରାଏଲ୍ ପାଲେଷ୍ଟାଇନ୍ ଓ ଗାଜାରେ ଆକ୍ରମଣ କରିଥିଲା ଓ ଏହା ଏପର୍ଯ୍ୟନ୍ତ ଜାରି ରହିଛି। ଫଳରେ ଗାଜାରେ ଅହେତୁକ ଭାବେ ଖାଦ୍ୟ ପଦାର୍ଥର ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ପାର୍ଲେ-ଜି ଭଳି ଗାଜାରେ ଏକ କେଜି ଚିନିର ଦାମ୍ ୪, ୯୧୪ ଟଙ୍କା ରହିଛି। ସେହିପରି ଏକ ଲିଟର ଖାଇବା ତେଲରୁ ମୂଲ୍ୟ ୪, ୧୭୭ ଟଙ୍କା, ଏକ କେଜି ଆଳୁର ଦାମ୍ ୧, ୯୫୬ ଟଙ୍କା, ଏକ କେଜି ପିଆଜର ଦାମ୍ ୪, ୪୭୩ ଟଙ୍କା, ଗୋଟିଏ କପ୍ କପ୍‌ର ଦାମ ୧, ୮୦୦ ଟଙ୍କାରେ ପହଞ୍ଚିଛି।

# ଚୀନ୍‌ର ସାହାଯ୍ୟ ମାଗିଲା ଇରାନ



ତେହେରାନ୍, ୬ ।୬(ଏଜେନ୍ସି): ବାଲାଷ୍ଟିକ୍ ମିସାଇଲ ନିର୍ମାଣ ପାଇଁ ଇରାନ୍ ଚୀନ୍‌ର ସହାୟତା ମାଗିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହିକ୍ରମରେ ଚୀନ୍‌ଠାରୁ ଇରାନ ହଜାର ହଜାର ଟନ୍‌ର ସଲିଡ ଫୁଏଲ ବା ଇନ୍ଧନ ଏବଂ ରକେଟ ଅକ୍ସିଡାଇଜର ଆମୋନିୟମ ପେରକ୍ଲୋରେଟ୍ ମଗାଇଛି। ଏଥିରୁ ୮୦୦ରୁ ଊର୍ଦ୍ଧ୍ୱ ବାଲାଷ୍ଟିକ ମିସାଇଲ ନିର୍ମାଣ କରିହେବ। ଏ ନେଇ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲ ତା'ର ରିପୋର୍ଟ ପ୍ରକାଶ କରିଛି। ଖୁବ୍‌ଶୀଘ୍ର ଏହି ଜିନିଷ ଇରାନରେ ପହଞ୍ଚିବ। ଇରାନର ସାମରିକ ଦକ୍ଷତାରେ ବୃଦ୍ଧି କରିବାକୁ ଏପରି କରାଯିବ ବୋଲି କୁହାଯାଇଛି। ଇସ୍ରାଏଲର ଆକ୍ରମଣ ପରେ ଇରାନ ପୁଣିଥରେ ନିଜର ମିସାଇଲ କ୍ଷମତାକୁ ଫେରାଇବାକୁ ପ୍ରୟାସ କରିବ। ତେବେ ଏ ନେଇ ଆମ ପାଖରେ କିଛି ଖବର ନାହିଁ ଓ ଏହି ଡିଲ୍ ବିଷୟରେ ଆମକୁ କିଛି ଜଣାନାହିଁ ବୋଲି ଚୀନ୍ ତରଫରୁ କୁହାଯାଇଛି। ପୂର୍ବରୁ ଅବଶ୍ୟ ଇରାନର ମିସାଇଲ କାର୍ଯ୍ୟକ୍ରମରେ ଚୀନ୍ କମ୍ପାନୀ ଓ ଅଧିକାରୀଙ୍କ ଭୂମିକା ରହିଆସିଛି ବୋଲି ଆମେରିକା ବାରମ୍ବାର କହିଆସିଛି। ଗତ ଫେବୃଆରୀ ଓ ମାର୍ଚ୍ଚରେ ଇରାନର ବନ୍ଦରରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ଆମୋନିୟମ ପେରକ୍ଲୋରେଟ୍ ବିସ୍ଫୋରଣ ହେବା କଥା ସାମ୍ନାକୁ ଆସିଥିଲା। ଏହା ଚୀନରୁ ଆସିଥିବାର ଅନୁମାନ କରାଯାଉଥିଲା। ଫଳରେ ଇରାନ ଓ ଚୀନ୍ ମିଳିତ ଭାବେ ଏ ନେଇ କାର୍ଯ୍ୟ କରୁଥିବା ଆଶଙ୍କା କରାଯାଉଛି।

## ବେଙ୍ଗାଲୁରୁ ଦଳାଚକଟା

# ଆରସିବି କର୍ମକର୍ତ୍ତାଙ୍କ ସମେତ ୪ ଗିରଫ

■ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ବରଖାସ୍ତ

■ କ୍ରିକେଟ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ କୋର୍ଟ ଆଶ୍ୱସ୍ତି

ବେଙ୍ଗାଲୁରୁ, ୬।୬: ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ କେଠାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି କର୍ଣ୍ଣାଟକ ସରକାର। ଦାୟିତ୍ୱରେ ଅବହେଳା ଲାଗି ଗତକାଲି ବେଙ୍ଗଲୁରୁ ପୁଲିସ କମିସନର, ଡେପୁଟି ପୁଲିସ କମିସନରଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ବିଭାଗ ମୁଖ୍ୟ ନିଖିଲ ସୋସାଲେଙ୍କୁ ଗିରଫ କରାଯାଇଛି। ତାଙ୍କ ସହିତ ଆଉ ତିନି ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଭୟରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ କର୍ମକର୍ତ୍ତାମାନେ ଫେରାର ହୋଇଯାଇଥିଲେ। ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ସେମାନଙ୍କ ଗିରଫଦାରି ଉପରେ କୋର୍ଟ ରୋକ୍ ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଏହି ଘଟଣାରେ ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି।

ଗତକାଲି ପୁଲିସ କମିସନରଙ୍କୁ ସସପେଣ୍ଡ କରିବା ପରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଆଇପିଏଲ ବିଜୟ ଉତ୍ସବର ଆୟୋଜକମାନଙ୍କୁ ମଧ୍ୟ ଗିରଫ କରାଯିବ। ସେହି ଅନୁସାରେ ସେମାନଙ୍କ ବିରୋଧରେ ଏଫଆଇଆର ମଧ୍ୟ ଦାଖଲ କରାଯାଇଥିଲା। ଆଜି ଆରସିବି ମାର୍କେଟିଂ ମୁଖ୍ୟଙ୍କ ସହିତ ଡିଏନର ବରିଷ୍ଠ କର୍ମକର୍ତ୍ତା ସୁନିଲ ମାଥ୍ୟୁଙ୍କୁ ମଧ୍ୟ ଗିରଫ କରିଛି। ମାଥ୍ୟୁ ମୁମ୍ବାଇ ଯିବା ଲାଗି ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ପୁଲିସ ତାଙ୍କୁ ଗିରଫ କରିନେଇଥିଲା। ଏହି ମାମଲାରେ ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ବରିଷ୍ଠ ଆଇପିଏସ ଅଧିକାରୀ ସୀମନ୍ତ କୁମାର ସିଂହ ଆଜି ବେଙ୍ଗାଲୁରୁର ନୂଆ ପୁଲିସ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନକୁ ଖାରଜ କରି କୋର୍ଟ ଏହି ୪ ଜଣଙ୍କୁ ୧୫ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଛନ୍ତି।

ଆର୍‌ସିବି ମାର୍କେଟିଂ ମୁଖ୍ୟ ନିଖିଲ କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ ଗିରଫଦାରିକୁ ଚାଲେଞ୍ଜ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଦଳାଚକଟା ପାଇଁ ସେ କୌଣସି ଦୃଷ୍ଟିରୁ ଦାୟୀ ନୁହନ୍ତି। ତାଙ୍କର ଗିରଫଦାରିକୁ ସେ ବେଆଇନ ଓ ଏକତରଫା କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପକ୍ଷରେ ଗିରଫ ଭୟରେ ଫେରାର ଥିବା କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଭାପତି ରଘୁରାମ, ସଂପାଦକ ଏ. ଶଙ୍କର, କୋଷାଧ୍ୟକ୍ଷ ଜୟରାମ ଏବଂ ଅନ୍ୟ କର୍ମକର୍ତ୍ତା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ସେମାନଙ୍କୁ ଅନ୍ତିରିଣ ସୁରକ୍ଷା ପ୍ରଦାନ କରିଛନ୍ତି। ଗତକାଲି ହାଇକୋର୍ଟ ଦଳାଚକଟା ମାମଲାର ଶୁଣାଣି କରିବା ସହିତ ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏବେ ବି ଦୋଷ ଲଦାଲଦି ଚାଲିଛି। ଆୟୋଜକମାନେ ଏହି ମାମଲାରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହିତ ସମସ୍ତ ଦୋଷ ପୁଲିସ ଓ ପ୍ରଶାସନକୁ ଦେଇଛନ୍ତି। ସେମାନେ କହିଛନ୍ତି ଯେ ପୁଲିସର ବିଫଳତାକୁ ଲୁଚାଇବା ଲାଗି ଆୟୋଜକମାନଙ୍କୁ ବଳି ପକାଯାଉଛି।

ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଆଜି ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି। ଗୋବିନ୍ଦରାଜ ଏବେ ବିଧାୟକ ଅଛନ୍ତି। ତାଙ୍କୁ କାହିଁକି ହଟାଯାଇଛି, ସେ ସଂପର୍କରେ କିଛି କୁହାଯାଇନଥିଲେ ମଧ୍ୟ ବେଙ୍ଗାଲୁରୁ ଦଳାଚକଟା ସହିତ ଏହି କାର୍ଯ୍ୟାନୁଷ୍ଠାନକୁ ଯୋଡ଼ାଯାଉଛି। ଏହି ଦଳାଚକଟାରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ୫୦ ଜଣ ଆହତ ହୋଇଥିଲେ।

# ବିଶ୍ୱର ସୁଉଚ୍ଚ ରେଳ ଆର୍କ ବ୍ରିଜ୍ ଚେନାବ୍ ସେତୁ ଉଦ୍‌ଘାଟିତ



■ ଜାମ୍ମୁ, କାଶ୍ମୀରରେ ୪୬,୦୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

■ ପ୍ରଥମ କେବୁଲ ସମର୍ଥିତ ଅଞ୍ଜି ସେତୁର ଲୋକାର୍ପଣ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ସେତୁ ଚେନାବ ସେତୁ ଆଜି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି। ଏହାଛଡା ଦେଶର ପ୍ରଥମ କେବୁଲ ସମର୍ଥିତ ରେଳ ସେତୁ ଅଞ୍ଜି ସେତୁ ଉଦଘାଟିତ ହୋଇଛି। ଶୁକ୍ରବାର ଜାମ୍ମୁ ଏବଂ କାଶ୍ମୀରର କଟରାଠାରେ ପ୍ରଧାନମନ୍ତ୍ରୀ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ଜାମ୍ମୁ ଏବଂ କାଶ୍ମୀର ମଧ୍ୟରେ ସଂଯୋଗୀକରଣକୁ ବୃଦ୍ଧି କରିବ। ଏହି ୪୬,୦୦୦ କୋଟି ଟଙ୍କାର ପ୍ରକଳ୍ପ ଜାମ୍ମୁ ଏବଂ କାଶ୍ମୀରରେ ବିକାଶକୁ ତ୍ୱରାନ୍ୱିତ କରିବ, ପ୍ରଗତି ଏବଂ ସମୃଦ୍ଧିକୁ ଆଗେଇ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତ୍ୱରାନ୍ୱିତ ହେବା ଏବଂ ବର୍ତ୍ତମାନ ସଫଳତାର ସହିତ ସମାପ୍ତ ହେବା ସେମାନଙ୍କ ସରକାରଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ। କଷ୍ଟକର ଭୂମି ପରିସ୍ଥିତି, ଚରମ ପାଣିପାଗ ଏବଂ ପାହାଡ଼ରୁ ପଥର ଖସିବା ଭଳି ଆହ୍ୱାନଗୁଡ଼ିକ ମଧ୍ୟରେ କାମ ଶେଷ କରାଯାଇଛି, ଯାହା ପ୍ରକଳ୍ପକୁ ଅତ୍ୟନ୍ତ କଠିନ ଏବଂ ଆହ୍ୱାନପୂର୍ଣ୍ଣ କରିଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଜାମ୍ମୁ ଏବଂ କାଶ୍ମୀରରେ ଚାଲିଥିବା ଅନେକ ସର୍ବକାଳୀନ ଭିତ୍ତିଭୂମି ପ୍ରକଳ୍ପ ଏହି ପ୍ରତିବଦ୍ଧତାର ଉଦାହରଣ। ସେ ସମ୍ପ୍ରତି ଖୋଲାଯାଇଥିବା ସୋନମାର୍ଗ ସୁଡ଼ଙ୍ଗ ଏବଂ ଚେନାବ ସେତୁ ଏବଂ ଅଞ୍ଜି ସେତୁ ଉପରେ ଯାତ୍ରା କରିବାର ତାଙ୍କ ଅଭିଜ୍ଞତାକୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବରେ ବ୍ୟକ୍ତ କରିଥିଲେ। ଲୋକେ ଏଫେଲ୍ ଟାୱାର ଦେଖିବା ପାଇଁ ପ୍ୟାରିସ ଯାତ୍ରା କରିଥାନ୍ତି, ଚେନାବ ସେତୁ ଉଚ୍ଚତାରେ ଏହାକୁ ଅତିକ୍ରମ କରିଛି, ଯାହା ଏହାକୁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସଫଳତା ନୁହେଁ ବରଂ ଏକ ଉଦୀୟମାନ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଥାଏ। ସେହିପରି, ପ୍ରଧାନମନ୍ତ୍ରୀ ଅଞ୍ଜି ସେତୁକୁ ଏକ ଇଞ୍ଜିନିୟରିଂ କ୍ଷେତ୍ରର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ, ଯାହା ଭାରତର ପ୍ରଥମ କେବୁଲ - ସମର୍ଥିତ ରେଳ ସେତୁ। ସର୍ବୋପରି, ସେ ଗୁରୁତ୍ୱାରୋପ କରିଥିଲେ ଯେ, ପବିତ୍ର ଉଦ୍ଦେଶ୍ୟ ଏବଂ ନିରନ୍ତର ସମର୍ପଣ ହେଉଛି ଭାରତର ପରିବର୍ତ୍ତନ ପଛରେ ପ୍ରେରଣାଦାୟକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜାମ୍ମୁ କାଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ଭି. ସୋମନ୍ନା, ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର କୁମାର, ଜାମ୍ମୁ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ସୁନୀଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ

ନୂଆଦିଲ୍ଲୀ, ୬ ।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାରେ ଆୟୋଜନ ହେବାକୁ ଯାଉଥିବା ଜି-୭ ସମିଟ୍‌ରେ



ଯୋଗ ଦେବେ। କାନାଡ଼ା ନବନିର୍ବାଚିତ ପ୍ରଧାନମନ୍ତ୍ରୀ ମାର୍କ ଜେ କାର୍ଣ୍ଣିଙ୍କ ନିମନ୍ତ୍ରଣ ମିଳିବା ପରେ ମୋଦୀ ଏ ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ଏ ନେଇ ଦୁଇ ଦେଶର ମୁଖ୍ୟ ଟେଲିଫୋନ୍‌ରେ କଥା ହୋଇଛନ୍ତି। କାର୍ଣ୍ଣିଙ୍କୁ ନିର୍ବାଚନ ବିଜୟରେ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଜି-୭ ସମିଟ୍‌ର ଏହି ୫୧ତମ ସଂସ୍କରଣକୁ ନିମନ୍ତ୍ରଣ କରିଥିବାରୁ ସେ କାର୍ଣ୍ଣିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କଥାବାର୍ତ୍ତାକୁ ନେଇ ମୋଦୀ ଖୁସି ଜାହିର କରିଛନ୍ତି। ଏନେଇ ମୋଦୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କାର୍ଣ୍ଣିଙ୍କ ସହ କଥା ହୋଇ ବେଶ୍ ଖୁସି ଅନୁଭବ କରୁଛି। ଦୁଇ ଦେଶରେ ଗଣତନ୍ତ୍ର ଆହୁରି ଶକ୍ତିଶାଳୀ ହୋଇଛି ଓ ଏହା ଦୁଇଦେଶର ନାଗରିକଙ୍କୁ ଏକାଠି କରିଛି। ଏହାପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ କାର୍ଯ୍ୟକାଳରେ ଖଲିସ୍ଥାନୀଙ୍କ ବିରୋଧ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା। କିନ୍ତୁ କାର୍ଣ୍ଣିଙ୍କ ନେତୃତ୍ୱରେ ଦୁଇ ଦେଶ ପୁଣିଥରେ ଏକାଠି ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକାଠି କାର୍ଯ୍ୟ କରିବେ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଜି-୭ ସମ୍ମିଳନୀକୁ ମୋଦୀଙ୍କ ନିମନ୍ତ୍ରଣ କରାଯାଇ ନଥିବାରୁ ଚର୍ଚ୍ଚା ହେଉଥିଲା। ଏବେ ଏହି ଚର୍ଚ୍ଚାର ଅନ୍ତ ଘଟିବ ବୋଲି ଆଶା କରାଯାଉଛି।

# ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଗିରଫ୍

ଜଳନ୍ଧର, ୬ ।୬(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିପି ନେତା ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜିଶାନ ଅଖତାର ଉର୍ଫ ଜସି ପୁରେୱାଲାକୁ କାନାଡା ପୁଲିସ୍ ଗିରଫ୍ କରିଛି। ତେବେ ସେ କିଭଳି



ଗିରଫ୍ ହୋଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ୨୦୨୪ ଅକ୍ଟୋବର ୧୨ରେ ପୁଅ ଜିସାନ ସିଦ୍ଦିକିଙ୍କ ଅଫିସ ଆଗରେ ବାବାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟି କରି ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଜିଶାନ ଅଖତାର ଜଳନ୍ଧରରେ ରହୁଛି ବୋଲି ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ସେ ବିଦେଶ ଚାଲିଯାଇଥିଲା। ତାକୁ ଭଗାଇବାରେ ପାକିସ୍ତାନୀ ଡନ୍ ଶାହଜାଦ ଭଟ୍ଟୀ ସହାୟତା କରିଥିଲା। କିନ୍ତୁ କିଛିଦିନ ତଳେ ବିଷ୍ଣୋଇ ଗ୍ୟାଙ୍ଗ୍ ଜିସାନକୁ ମାରିବାକୁ ଧମକ ଦେଇ ମାମଲାରେ ଦ୍ୱନ୍ଦ୍ୱ ବଢ଼ାଇଥିଲା।

# ଟ୍ରମ୍ପ-ମସ୍କ ମୁହାଁମୁହିଁ



■ ରାଷ୍ଟ୍ରପତି ପଦରୁ ଟ୍ରମ୍ପଙ୍କୁ ହଟାଯାଉ: ମସ୍କ

■ ମସ୍କ ପାଗଳ ହୋଇଯାଇଛନ୍ତି: ଟ୍ରମ୍ପ

ୱାସିଂଟନ, ୬ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ପ୍ରମୁଖ ଗ୍ରହଣ କରିଥିଲେ ଶିଳ୍ପପତି ଏଲନ ମସ୍କ। ନିର୍ବାଚନରେ ବିଜୟୀ ହେବାପରେ ଟ୍ରମ୍ପ ଓ ମସ୍କ ମଧ୍ୟରେ ସଂପର୍କ ଏତେ ନିବିଡ଼ ହୋଇଯାଇଥିଲା ଯେ ଦୁହେଁ ପରସ୍ପରକୁ ପ୍ରଶଂସାରେ ପୋତି ପକାଉଥିଲେ। କିନ୍ତୁ ଏବେ ହଠାତ ଟ୍ରମ୍ପ ଓ ମସ୍କ ଶତ୍ରୁ ପାଲଟିଯାଇଛନ୍ତି। ଦୁହେଁ ପରସ୍ପର ବିରୋଧରେ ବିଷୋଦଗାର କରିବା ।।ରେ ଲାଗି ପଡ଼ିଛନ୍ତି। ଟ୍ରମ୍ପ ତାଙ୍କ ପାଇଁ ନିର୍ବାଚନ ଜିତିଛନ୍ତି, କିନ୍ତୁ କୃତଜ୍ଞ ହେଉ ନାହାନ୍ତି। ମସ୍କଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଟ୍ରମ୍ପ କହିଛନ୍ତି ଯେ ମସ୍କ ପାଗଳ ହୋଇଯାଇଛନ୍ତି।


ଟ୍ରମ୍ପ ସରକାରରୁ ଓହରିଯିବା ପରେ ହିଁ ଏଲନ ମସ୍କ ଖୋଲାଖୋଲି ଭାବେ ତାଙ୍କର ବିରୋଧ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଗତକାଲି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟ ।।ରେ ଯୁକ୍ତିତର୍କ ହୋଇଥିଲା। କଥା ଏତେବାଟ ବଢ଼ିଯାଇଥିଲା ଯେ, ମସ୍କ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ଦାବି କରିଥିଲେ। କହିଥିଲେ ।।ଯେ 'ମୋ ସାହାଯ୍ୟ ବିନା ଟ୍ରମ୍ପ କଦାପି ନିର୍ବାଚନ ଜିତିପାରି ନଥାନ୍ତେ। ଟ୍ରମ୍ପ ଏବେ ବେଇ କରିଛନ୍ତି।' ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ 'ବିଗ୍ ବିୟୁଟିଫୁଲ ବିଲ୍' ଅର୍ଥାତ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ଅଯଥା ଖର୍ଚ୍ଚ କରିବାର ଏକ ପ୍ରକ୍ରିୟା ବୋଲି ମସ୍କ କହିଛନ୍ତି। ତେଣୁ ଟ୍ରମ୍ପଙ୍କୁ ଯଥାଶୀଘ୍ର ରାଷ୍ଟ୍ରପତି ପଦରୁ ହଟାଇବାର ଆବଶ୍ୟକତା ରହିଛି। ତାଙ୍କ ସ୍ଥାନରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବାର ଉଚିତ୍ ବୋଲି ସେ କହିଛନ୍ତି।। ମସ୍କ ଆହୁରି ସୂଚନା ଦେଇଛନ୍ତି ଯେ ସେ ଖୁବଶୀଘ୍ର ଏକ ରାଜନୈତିକ ଦଳ ଗଠନ କରିବେ।

ମସ୍କଙ୍କ ସମାଲୋଚନାର ଜବାବ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ।।ଯେ ଯେଉଁ ବିଲ୍ କଥା ମସ୍କ କହୁଛନ୍ତି ସେହି ବିଲକୁ ସେ ପ୍ରଥମେ ପ୍ରଶଂସା କରିଥିଲେ। ପ୍ରଶାସନରୁ ହଟିବା ପରେ ନିଜର ମତ ପରିବର୍ତ୍ତନ କରିଛନ୍ତି। ମସ୍କ ପାଗଳ ହୋଇଯାଇଛନ୍ତି ବୋଲି ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଏଭଳି ବ୍ୟକ୍ତିଙ୍କ ସହିତ ସେ କଥା ହେବାକୁ ଚାହାନ୍ତି ନାହିଁ। ମସ୍କଙ୍କ କମ୍ପାନୀଗୁଡିକ ଉପରୁ ସରକାରଙ୍କ ଅନୁଦାନ ଓ ଅନ୍ୟାନ୍ୟ କଣ୍ଟ୍ରାକ୍ଟ ପ୍ରତ୍ୟାହାର କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ବିତର୍କିତ ବିଲ୍ ସପକ୍ଷରେ ଯୁକ୍ତି ରଖି ଟ୍ରମ୍ପ କହିଛନ୍ତି ଯେ ଏହି ବିଲ୍ ହେଉଛି ସବୁଠାରୁ ଉଚ୍ଚକୋଟୀର। ଏହାଦ୍ୱାରା ସରକାରଙ୍କ ଅର୍ଥ ବଞ୍ଚିପାରିବ।

# ଥରୁରଙ୍କୁ ସାମ୍ବାଦିକ ପୁଅ ଇଶାନଙ୍କ ପ୍ରଶ୍ନ

## ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି?

ୱାସିଂଟନ, ୬ ।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା କଂଗ୍ରେସ ସଂସଦ ତଥା ବରିଷ୍ଠ ନେତା ଶଶି ଥରୁରଙ୍କୁ ୱାଶିଂଟନ ପୋଷ୍ଟ ପାଇଁ କାର୍ଯ୍ୟ କରୁଥିବା ତାଙ୍କ ସାମ୍ବାଦିକ ପୁଅ ଇଶାନ ଥରୁର ପ୍ରଶ୍ନ ପଚାରି ଚର୍ଚ୍ଚାକୁ ଆସିଛନ୍ତି। ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି, ବୋଲି ସେ ଶଶିଙ୍କୁ ପ୍ରଶ୍ନ ପଚାରିଥିଲେ। ପାକିସ୍ତାନ ଏହି ଆତଙ୍କବାଦୀ ଆକ୍ରମଣରେ ସାମିଲ ନାହିଁ ବୋଲି କହୁଥିବା ବେଳେ ଶଶି ମଧ୍ୟ ସୁନ୍ଦର ଭାବେ ଏହାର ଜବାବ ରଖିଥିଲେ। ଯଦି ପାକିସ୍ତାନ ବିପକ୍ଷରେ ଠୋସ ପ୍ରମାଣ ନଥାନ୍ତା, ତେବେ ଭାରତ ଜବାବ ଦେଇ ନଥାନ୍ତା ବୋଲି ସେ କହିଥିଲେ। ଏଥିରେ କୌଣସି ସନ୍ଦେହର ଅବକାଶ ନଥିଲା। ତେଣୁ ଭାରତ ମଧ୍ୟ କାହାକୁ ପ୍ରମାଣ ମାଗି ନଥିଲା। ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଛି ଓ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ ସେ ୩ଟି କାରଣ ଦେଇଥିଲେ। ପ୍ରଥମଟି ହେଲା ପାକିସ୍ତାନ ମିଛ କହିବା ଲମ୍ବା ଇତିହାସ ରହିଛି। ସେ ଏହି କ୍ରମରେ ଓସାମା ବିନ ଲାଡେନର ଉଦାହରଣ ଦେଇଥିଲେ। ପୁଣି ପାକିସ୍ତାନର ଦି ରେଜମେଣ୍ଟ ଫ୍ରଣ୍ଟ (ଟିଆରଏଫ୍) ନାମକ ଆତଙ୍କବାଦୀ ସଂଗଠନ ପହଲଗାମ ଆକ୍ରମଣର ୪୫ ମିନିଟ୍ ମଧ୍ୟରେ ନିଜକୁ ଦାୟୀ କରିଥିଲା। ତୃତୀୟଟି ହେଲା ପାକିସ୍ତାନରେ



ଆତଙ୍କବାଦୀଙ୍କ ଶବ ଶୋଭାଯାତ୍ରା ପୂରା ଆଡମ୍ବରରେ ଆୟୋଜନ କରାଯାଇଥିଲା। ପୂର୍ବରୁ ମଧ୍ୟ ଥରୁର ଭାରତ ପାଇଁ ନିଜ ପାର୍ଟି କଂଗ୍ରେସ ବିରୋଧରେ ଯିବାକୁ ପଛାଇ ନାହାନ୍ତି। ଦେଶ ପାଇଁ କାର୍ଯ୍ୟ କରିବା ପାର୍ଟିକୁ ବିରୋଧ କରିବା ନୁହଁ ବୋଲି ସେ କହିଥିଲେ।

■ ବିହାର ସମେତ ୮ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା

# ୧୮ ଟି ରାଜ୍ୟରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୬ ।୬(ଏଜେନ୍ସି): ଦେଶରେ ବିହାର ସମେତ ୮ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କ ସୂଚନା ଦିଆଯାଇଛି। ସେହିପରି ୧୭ଟି ରାଜ୍ୟରେ ଘୂର୍ଣ୍ଣିବାତ୍ୟା ସହ ବର୍ଷା ହେବ। ତେବେ ପଶ୍ଚିମ ରାଜସ୍ଥାନ, ତାମିଲନାଡୁ ଓ ପୁଡୁଚେରୀରେ ଗ୍ରୀଷ୍ମ ଅନୁଭୂତ ହେବ ବୋଲି କୁହାଯାଇଛି। ରାଜସ୍ଥାନର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ମଧ୍ୟପ୍ରଦେଶରେ ମଧ୍ୟ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପଟେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ଓ ଭୂସ୍ଖଳନ ହୋଇଛି। ଆସାମର ୨୧ଟି ଜିଲ୍ଲାରେ ପାଖାପାଖି ୭ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଏଥିରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇ ୨୧ରେ ପହଞ୍ଚିଛି। ଭୂସ୍ଖଳନରେ ପ୍ରଭାବିତ ଉତ୍ତର ସିକିମ୍‌ରେ ୬୩ଜଣ ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ଉଦ୍ଧାର କରାଯାଇଛି। ୬୪ ଜଣ ଲୋକ ଏବେ ବି ଫସି ରହିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ଧୋଲାଧାର ପର୍ବତ ଶୃଙ୍ଖଳାରେ ହିମପାତ ଯୋଗୁଁ ତାପମାତ୍ରାରେ ଅବନତୀ ହୋଇଛି। ଧର୍ମଶାଳାରେ ତାପମାତ୍ରା ୧୬ ଡିଗ୍ରୀରେ ପହଞ୍ଚିଛି। ଇତମଧ୍ୟରେ ମୌସୁମୀ ମହାରାଷ୍ଟ୍ର ଓ ଛତିଶଗଡ଼ ସୀମ ନିକଟରେ ପହଞ୍ଚିଛି। ମୌସୁମୀ ଏପର୍ଯ୍ୟନ୍ତ ଦେଶର ୧୮ଟି ରାଜ୍ୟରେ ପହଞ୍ଚିଛି। ଜୁନ୍ ୧୦ ବେଳକୁ ଏହା ମଧ୍ୟପ୍ରଦେଶରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

# କରୋନାରେ ୫୫ ଜଣଙ୍କ ମୃତ୍ୟୁ

## ୨୪ ଘଣ୍ଟାରେ ନୂଆ ୫୦୦ ମାମଲା

ନୂଆଦିଲ୍ଲୀ, ୬ ।୬(ଏଜେନ୍ସି): ଦେଶରେ କରୋନା ଅର୍ଥାତ କୋଭିଡ୍-୧୯ ମାମଲାରେ ଯଥେଷ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨୦ ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୫୮ ଗୁଣା ବୃଦ୍ଧି ପାଇଛି। ଗତ ମେ ୧୬ରେ ଦେଶରେ କୋଭିଡ୍‌ର ୯୩ଟି ଆକ୍ଟିଭ କେସ୍ ଥିଲା। ଏବେ ଏହି ସଂଖ୍ୟା ୫୩୬୪ରେ ପହଞ୍ଚିଛି। ଏବେ କରୋନା ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟାପିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୫୦୦ଟି ମାମଲା ଦେଖିବାକୁ ମିଳିଛି। କେରଳରେ ସର୍ବାଧିକ ୧୬୭୯ ମାମଲା, ଗୁଜରାଟ୍‌ରେ ୬୧୫, ପଶ୍ଚିମବଙ୍ଗରେ ୫୯୬, ଦିଲ୍ଲୀରେ ୫୯୨ ଓ ମହରାଷ୍ଟ୍ରରେ ୫୪୮ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। କରୋନାର ଏହି ନୂଆ ଭ୍ୟାରିଏଣ୍ଟରେ ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୫ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରୁ ୫୩ ଜଣଙ୍କର ମୃତ୍ୟୁ ୧୫ ଦିନ ମଧ୍ୟରେ ହୋଇଛି। ଗୁରୁବାର ଦିଲ୍ଲୀରେ କୋଭିଡ୍‌ରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଏକ ୫ ମାସର ଶିଶୁ ରହିଛି। ସେହିପରି କେରଳରେ ୨, କର୍ଣ୍ଣାଟକ ଓ ପଞ୍ଜାବରେ ଜଣେ ଲେଖାଏଁ, ମହାରାଷ୍ଟ୍ରରେ ସର୍ବାଧିକ ୧୭ଜଣ ଜୀବନ ହରାଇଛନ୍ତି।

# ପ୍ରଥମଥର ପାଇଁ ଅମରନାଥ ଯାତ୍ରା ଅବଧି କମିଲା

ନୂଆଦିଲ୍ଲୀ, ୬ ।୬(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରାର ସମୟ ଅବଧିକୁ ଏଥର ୩୮ ଦିନକୁ କମାଇ ଦିଆଯାଇଛି। ଗତ ୨୦୨୪ ବର୍ଷରେ ଏହା ୫୨ ଦିନଧରି ଚାଲିଥିଲା। ଏଥର ଏହି ଯାତ୍ର ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଇତିହାସରେ ଏହି ଯାତ୍ରାର ଅବଧିକୁ କମାଯାଇଛି। ନରାପତ୍ତା ତଥା ସୁରକ୍ଷା, ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଓ ଲଜିଷ୍ଟିକ୍ ଏଫିସିଏନ୍ସିକୁ ଦୃଷ୍ଟିରେ ରଖି ଯାତ୍ରାର ସମୟ ଅବଧିକୁ କମାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଯାତ୍ରା ପାଇଁ ସବୁଥର ଭଳି ଏଥର କଡ଼ା ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## ବିହନ ଯୋଗାଣରେ ଅନିୟମିତତା

# ସମବାୟରେ ମିଳୁନି, ବଜାରରେ ହାଉଯାଉ

ଭୁବନେଶ୍ୱର, ୬।୬(ସମିସ): ଓଡ଼ିଶା ଚାଷୀମାନେ ସ୍ୱର୍ଣ୍ଣ, ଶକ୍ତି, ଏମ୍‌କ୍ୟୁ ୧୨୧୦, ଏମ୍‌କ୍ୟୁ ୧୨୨୬ ଆଦି ବିହନକୁ ବେଶ ପସନ୍ଦ କରୁଛନ୍ତି। ତିନି ବର୍ଷ ତଳେ ଏହି ବିହନ ନୂଆ କରି ବାଣ୍ଟିଥିଲା ବିହନ ନିଗମ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର ହେଉଥିବା ବେଳେ ଏହି ବିହନ ମାତ୍ର ୨୦ କେଜି ବ୍ୟବହାର ହେଉଛି। ଏହି ବିହନରୁ ହେକ୍ଟର ପିଛା ୪ରୁ ୫ଟନ୍ ଧାନ ଉତ୍ପାଦନ ହେଉଛି। ତେଣୁ ସ୍ୱାଭାବିକ ଭାବେ ଚାଷୀ ଏହି ବିହନକୁ ବେଶ ପସନ୍ଦ କରୁଛନ୍ତି। ହେଲେ ସମବାୟରେ ବିହନ ଉପଲବ୍ଧତା ଖୁବ୍ କମ ରହୁଛି। ମାତ୍ର ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଭାବେ ମିଳୁନଥିବା ବେଳେ ଖୋଲା ବଜାରକୁ ଏହି ବିହନ କେଉଁଠୁ ଆସୁଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁସାରେ, ଖରିଫ୍‌ରେ ରାଜ୍ୟରେ ୧୧ଲକ୍ଷ କ୍ୱିଣ୍ଟାଲ୍ ବିହନର ଆବଶ୍ୟକତା ରହିଛି। ଏଥିରୁ ଅର୍ଦ୍ଧାଧିକ ବିହନ ନିଗମ ଯୋଗାଇଥାଏ। ବଳକା ଚାଷୀ ସଂରକ୍ଷିତ କରି ରଖିଥିବା ବିହନ ଓ ହାଇବ୍ରିଡ୍ ବିହନରୁ ଭରଣା ହୋଇଥାଏ। ମାତ୍ର ପୂର୍ବବର୍ଷ ହାଇବ୍ରିଡ୍ ବିହନରୁ ଭଲ ଧାନ ହୋଇନଥିବାରୁ ଚାଷୀ ସେହି ବିହନକୁ ନାପସନ୍ଦ କରୁଛନ୍ତି। ସରକାରୀ ବିହନର ଭଲ ଚାହିଦା ଥିବାବେଳେ ଯୋଗାଣରେ ଅନିୟମିତତା ଚାଷୀ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସରକାରୀ ବିହନକୁ ଅପେକ୍ଷା କରିବେ, ନା ବାହାରୁ କିଣି ବୁଣିବେ ତାକୁ ନେଇ ଏବେ ଚାଷୀ



ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅପରପକ୍ଷେ ସମବାୟ ସଂସ୍ଥା ପକ୍ଷରୁ ବିହନ ନିଗମକୁ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଚିଠି କରାଯାଇଥିଲା। ହେଲେ ସେହି ଅନୁସାରେ ବିହନ ମିଳିନଥିବାରୁ ଏବେ ବିହନ ବଣ୍ଟନ ବେଳେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଗୋଟିଏପଟେ ଚାଷୀ ଏହି ବିହନ ପାଇଁ ବେଶ ଆଗ୍ରହ ପ୍ରକାଶ କରୁଥିବା ବେଳେ ସରକାର ଏହାକୁ କମ୍ ମାତ୍ରାରେ ଯୋଗାଉଛନ୍ତି। ଫଳରେ ଏମ୍‌ଏସ୍‌ପି ସହାୟତା ମିଳିବା ପରେ ଅଧିକ ଜମି ଚାଷ କରିବାକୁ ଚାହିଁ ବସିଥିବା ଚାଷୀ ବିହନ ପାଇଁ ଚିନ୍ତାରେ ପଡ଼ିଛି।

ବଜାରରେ ମିଳୁଥିବା ବିହନ ଉପରେ ମଧ୍ୟ ଚାଷୀ ନିର୍ଭର କରିପାରୁନି। କାରଣ ଅଧିକାଂଶ ସମୟରେ ଚାଷୀ ବଜାରରୁ ଆଣିଥିବା ବିହନ

**■ ସରକାରୀ ଦର ୨୫, ଦୋକାନରେ ୧୫୦**
**■ ବିହନ ପାଇଁ ଚିନ୍ତାରେ ଚାଷୀକୁଳ**

ନକଲି ବୋଲି ଜଣାପଡୁଛି। ବିଲରେ ବୁଣିବା ପରେ ଗଜା ଧରୁନଥିବାରୁ ସମସ୍ୟା ବଢ଼ିଯାଉଛି। ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସିରେ ଯାଞ୍ଚ କରାଯାଉଛି। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଧିକ ଲାଭ ପାଇବା ଆଶାରେ ବାହାର ରାଜ୍ୟରୁ ନକଲି ବିହନ ଆଣି ବିକ୍ରି କରୁଥିବା ଅଭିଯୋଗ ହେଉଛି। କୋଲକାତା, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର କମ୍ପାନି ଏଜେଣ୍ଟମାନେ ପଞ୍ଚାୟତରେ ବୈଠକ କରି ଉଚ୍ଚ ଉତ୍ପାଦନ ସହିତ ଆକର୍ଷଣୀୟ ଅଫରର ଲୋଭ ଚାଷୀଙ୍କୁ ଦେଖାଉଛନ୍ତି। ଅନେକ ସମୟରେ ଚାଷୀ ଏହାଦ୍ୱାରା ପ୍ରଭାବିତ ହୋଇପଡୁଛନ୍ତି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ଯେଉଁ ସରକାରୀ ବିହନ ସରକାରୀ ଭାବେ ୨୦ରୁ ୨୫ଟଙ୍କାରେ ବିକ୍ରି ହୁଏ, ଖୋଲାବଜାରରେ ତାହା ୧୫୦ ଟଙ୍କାରେ ବିକ୍ରି ହେଉଛି। ନିଗମ ପାଖରେ ସେହି ବିହନ ରହୁନଥିବା ବେଳେ ଦୋକାନୀମାନଙ୍କ ପାଖରେ କେଉଁଠୁ ଆସୁଛି। ସେହି ବିହନ ପ୍ରାମାଣିକ ହୋଇଥିବା ବେଳେ ବାହାର ରାଜ୍ୟରୁ ବି ତାକୁ ଆଣିବା ସମ୍ଭବ ନୁହେଁ। ତେଣୁ ବିହନ ନିଗମ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ଚାଷୀ ବର୍ଷକର ଆୟ ପାଇଁ ବିହନ ଉପରେ ନିର୍ଭର କରିଥାଏ। ହେଲେ ସରକାର ଆରମ୍ଭରୁ ବିହନର ଦାମ୍ ବଢ଼ାଇଲେ। ଏବେ ପୁଣି ଦେବାରେ ଅନିୟମିତତା କରୁଛନ୍ତୁ। ତେଣୁ ଚାଷୀ ସଂପୂର୍ଣ୍ଣ ହତାଶ ହୋଇଯାଉଛି। ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

---

**■ ୧୦ ପର୍ଯ୍ୟନ୍ତ ପ୍ରବଳ ଗୁଳୁଗୁଳି**

# ରଜରେ ମେଘୁଆ ପାଗ

ଭୁବନେଶ୍ୱର,୬।୬(ସମିସ): ଶନିବାରଠାରୁ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବ। ତାପମାତ୍ରା ବୃଦ୍ଧି ଯୋଗୁଁ ଗରମ ଗୁଳୁଗୁଳି ବୃଦ୍ଧି ପାଇବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରା ତାତିର ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଉପକୂଳରେ ଗୁଳୁଗୁଳି କଲବଲ କରିବ। ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଅନ୍ୟପଟେ ସକାଳୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ୩ଟା ପରେ କିଛି କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବ। ପ୍ରଚଣ୍ଡ ତାତି ଗୁଳୁଗିଳି ପରେ ସାମୁଦ୍ରିକ ବାୟୁର ପ୍ରବାହ ବଢ଼ିଲେ ଏଭଳି ସ୍ଥିତି ସୃଷ୍ଟି ହୋଇ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାରଠାରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇବ। ତେଣୁ ରାଜ୍ୟରେ ତାତି ଓ ଗୁଳୁଗୁଳି ବୃଦ୍ଧି ପାଇବ। ମୌସୁମୀ ଏବେ ବିରତି ନେଇଛି। ଫଳରେ ବର୍ଷାରେ ରୋକ୍ ଲାଗିଛି। ବଙ୍ଗୋପସାଗରରେ କୌଣସି ଲଘୁଚାପ ବା ଘୂର୍ଣ୍ଣିବଳୟ ନ ହେବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିବାର ସମ୍ଭାବନା କମ୍ ରହିଛି। ମାତ୍ର ୧୦ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ସମ୍ଭାବନା ରହିଛି। ଏହି ସ୍ଥିତି ଉପୁଜିଲେ ରଜରେ ରାଜ୍ୟରେ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିବା ନେଇ ଅନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ନେଇ ସତର୍କ ସୂଚନା ଜାରି ହୋଇଛି। ଶୁକ୍ରବାର ସମ୍ବଲପୁରରେ ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ଅପରାହ୍ଣରେ ପ୍ରବଳ ବର୍ଷା ହୋଇଛି। ଏଠାରେ ୭୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଜଗତସିଂହପୁର ୩୯, ଖୋର୍ଦ୍ଧା ୧୫, ଅନୁଗୁଳରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।

---



ଶ୍ରୀକ୍ଷେତ୍ରରେ ଚାଲିଛି ରଥ ନିର୍ମାଣ: ଉଠିଲା ଗୟଳ ଓ ଗରଗରା (ଫଟୋ:ଅନିଲ)

# ଲୋନ୍ ଆପ୍ ଜରିଆରେ ୪୯.୨କୋଟି ଠକେଇ

ଭୁବନେଶ୍ୱର, ୬।୬ (ସମିସ): ଡିଜିଟାଲ ଲୋନ୍ ଆପ୍ ଜରିଆରେ ସାରା ଦେଶରୁ ପାଖାପାଖି ୫୦ କୋଟି ଟଙ୍କା ଠକି ଗିରଫ ଦୁଇ ଚୀନ୍ ନାଗରିକଙ୍କ ବିରୋଧରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୩ଶହ

**■ ୨ ଚୀନ୍ ଠକଙ୍କ ବିରୋଧରେ ଚାର୍ଜସିଟ୍**
**■ ଓଡ଼ିଶାରୁ ଠକି ନେଇଛନ୍ତି କୋଟିଏ**

ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଜିଆ ୟୁ ମାଲାନ୍ ଏବଂ ୱିୟୁ ୟାନାଲ। ଇଡି ଏମାନଙ୍କୁ ତାମିଲନାଡୁରୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟ ଓଡ଼ିଶା ସମେତ ପୂରା ଦେଶରେ କିପରି ରାକେଟ୍ ଚଳାଉଥିଲେ, ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି, ସେମାନଙ୍କ ଠକେଇ କରିବାର କୌଶଳ ଆଦି ସବୁ କିଛି ଇଡି ତା'ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଥିବା ଜଣାଯାଇଛି।

ଟୁରିଷ୍ଟ ଭିସାରେ ଆସିଥିବା ଚୀନ୍‌ର ଏହି ନାଗରିକଦ୍ୱୟ ଲୋନ୍ ଆପ୍ ଜରିଆରେ ଲୋକଙ୍କୁ ଠକିବା ଆରମ୍ଭ କରିଥିଲେ। ଆପ୍ ଜରିଆରେ ସେମାନେ ଲୋକଙ୍କୁ ୫ରୁ ୧୦ ହଜାର ଟଙ୍କାର ଲୋନ୍ ଅତି ସହଜରେ ଦେଇ ଦେଉଥିଲେ। କିନ୍ତୁ ଉକ୍ତ ଆପ୍ ଜରିଆରେ ସେମାନେ ଋଣକର୍ତ୍ତାଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ନେଇ ଯାଉଥିଲେ। ପରେ ତାହାକୁ ଆଧାର କରି ଲୋକଙ୍କୁ ମନଇଚ୍ଛା ଟଙ୍କା ମାଗୁଥିଲେ। ଯେଉଁମାନେ ଟଙ୍କା ଦେଉନଥିଲେ, ସେମାନଙ୍କୁ ବିଭିନ୍ନ ଜରିଆରେ ବ୍ଲାକମେଲ୍ କରୁଥିଲେ। ଲୋନ୍ ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ, ସାଙ୍ଗ ଏବଂ ପରିବାରଲୋକାଙ୍କୁ ସେମାନଙ୍କ ଅଶ୍ଳୀଳ ଏଡିଟିଂ ଫଟୋ ପଠାଇବାକୁ କହି ଧମକାଉଥିଲେ। ସେମାନଙ୍କ ଏଭଳି ବ୍ଲାକ୍‌ମେଲିଂ ପାଇଁ ଅନେକ ଲୋକ ଜୀବନ ମଧ୍ୟ ହାରିଛନ୍ତି। ଧୀରେଧୀରେ ସେମାନଙ୍କ ନେଟ୍‌ୱାର୍କ ପୂରା ଦେଶକୁ ଲମ୍ବି ଯାଇଥିଲା। ଏପରି କରି ସେମାନେ ଓଡ଼ିଶାରୁ ମଧ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ଅଭିଯୁକ୍ତଦ୍ୱୟ ଠକେଇ ଟଙ୍କାକୁ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଚାଇନାକୁ ପଠାଉଥିଲେ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ



ଭବାନୀପାଟଣା, ୬।୬(ସମିସ): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗ୍ରିଭାନ୍ସ ସେଲ୍‌ରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିଲମ୍ବିତ କରିଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ତାଙ୍କ ବିରୋଧରେ ଜମିଜମା ସମ୍ପର୍କିତ କିଛି ମାମଲା ରହିଥିଲା। ଜମି କିସମରେ ତଞ୍ଚକତା କରିବା ଭଳି ଗୁରୁତର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି।

---

# ଚାଷୀଙ୍କୁ ଠକିଦେଲେ ସରକାର

## ୪ ମାସ ହେଲା ବାକି ପଡ଼ିଛି ସାଢ଼େ ୪ କୋଟିର ଧାନବିକା ଟଙ୍କା



**ଗାନ୍ଧୀମାର୍ଗରେ ନବରଙ୍ଗପୁର ଜିଲ୍ଲାର ଶତାଧିକ ଚାଷୀଙ୍କ ଅହୋରାତ୍ର ଧାରଣା**

ଭୁବନେଶ୍ୱର,୬।୬(ସମିସ): ବିଜେପି ସରକାର ଧାନକିଣା ଦୁର୍ନୀତିରେ ବୁଡ଼ି ରହିଛି। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି କହି ସରକାର ଚାଷୀଙ୍କୁ ଠକି ଦେଇଛନ୍ତି। ରାଇଘର ବ୍ଲକର ୩୪୪ଜଣ ଚାଷୀଙ୍କର ୧୪୨୫୨.୫୨ କୁଇଣ୍ଟାଲ ଧାନ ମଣ୍ଡିରୁ କିଣି ତା'ର ଦେୟ ବାବଦକୁ ୪ କୋଟି ୪୧ ଲକ୍ଷ ୮୨ ହଜାର ୬୮୬ ଟଙ୍କା ୪ ମାସ ହେବ ସରକାର ଚାଷୀଙ୍କୁ ଦେଉନାହାନ୍ତି ବୋଲି ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି। ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଧାରଣା ୭ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲା ଚାଷୀମାନଙ୍କର ଧାନକିଣାରେ ଦୁର୍ନୀତି ଏବଂ ଚାଷୀଙ୍କ ଠାରୁ ଧାନ କିଣି ସରକାର ଏପର୍ଯ୍ୟନ୍ତ ଟଙ୍କା ପଇଠ ନ କରିବା ପ୍ରସଙ୍ଗରେ ଏହି ଧାରଣା ଦିଆଯାଇଛି। ଏଥିରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ଯେ ମଣ୍ଡିରୁ ଧାନ ଉଠିବାର ୪୮ ଘଣ୍ଟା ମଧ୍ୟ ଟଙ୍କା ଦେବାର ନିୟମ ରହିଛି। କିନ୍ତୁ ସରକାର କଣ ପାଇଁ ରାଇଘର ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ମୋହନ ଚରଣ ମାଝୀ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ଆଦିବାସୀ ଚାଷୀଙ୍କୁ ହଇରାଣ ହରକତ କରିବା ସହ ଶୋଷଣ କରୁଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।

ଏହି ଧାରଣାରେ ମୁଖ୍ୟତଃ ଧାନ ଟଙ୍କା ପ୍ରଦାନ ସମେତ ୪ଟି ଦାବି ଉପସ୍ଥାପନ କରାଯାଇଛି। ଅନ୍ୟ ତିନିଗୋଟି ପ୍ରସଙ୍ଗ ମଧ୍ୟରେ ନବରଙ୍ଗପୁର ଜିଲ୍ଲାରୁ ୨୬ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଯାଇଥିବା ବେଳେ ଏଠାରେ ୨୬ ଲକ୍ଷ କୁଇଣ୍ଟାଲ ଧାନ ରଖିବା ପାଇଁ ଗୋଦାମର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ତେଣୁ ଜାଲ କାଗଜପତ୍ର ଜରିଆରେ ପଞ୍ଜିକୃତ କରାଯାଇଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏଥିରେ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ ଜାଲ୍ କାଗଜପତ୍ର ଜରିଆରେ ମିଥ୍ୟା ହିସାବ ଦେଖାଯାଇଛି। ମିଲର-ଲ୍ୟାମ୍ପ୍ସ-ସରକାରଙ୍କ ମଧୁଚନ୍ଦ୍ରିକାରେ ଏପରି ହୋଇଛି ଏବଂ ଚାଷୀଙ୍କୁ ଠକିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି। ତୃତୀୟରେ ଧାନକିଣା ବ୍ୟବସ୍ଥାରେ ଜିଲ୍ଲାର ସରକାରୀ ପଦାଧିକାରୀ ଯଥା ସିଏସ୍‌ଓ, ଏସ୍‌ସିଏସ୍‌ଓ, ମାର୍କେଟ ଇନିସ୍‌ପେକ୍ଟର ଏବଂ ଧାନ ଅମଳ କମିଟିର ଅଧ୍ୟକ୍ଷ ନିଜେ ଜିଲ୍ଲାପାଳ ଥାଆନ୍ତି। ତେଣୁ ଏହି ସମସ୍ତ ଦୁର୍ନୀତି ଏହି କମିଟି ଦ୍ୱାରା ହୋଇଛି। ଏଥିପାଇଁ ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

ଚାଷୀଙ୍କ ଧାନବିକ୍ରି ଟଙ୍କା ତୁରନ୍ତ ସୁଧ ସହ ଫେରାଇବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ କୋଅପରେଟିଭ ସଂସ୍ଥା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏଥିରେ ହେଉଥିବା ଦୁର୍ନୀତିକୁ ସହଜରେ ଜାଣିବାର ସୁଯୋଗ ନାହିଁ। ସୁତରାଂ ତୁରନ୍ତ ଏହାକୁ ସୂଚନା ଅଧିକାର ଆଇନରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଚାଷୀ ମହାସଂଘ ଦାବି କରିଛି। ଏହି ଧାରଣାରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକ୍କା, ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ପ୍ରୀତମ ପାଢ଼ୀ, ପ୍ରଭୁ ଜାନି, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝଙ୍କାର ଓ ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଚାଷୀମାନଙ୍କୁ ହେଉଥିବା ଶୋଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନବରଙ୍ଗପୁରର ରାଇଘର ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ଧାରଣାରେ ଅଂଶଗ୍ରହଣ କରିଛନ୍ତି।

---

# ପୁଣି ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା

କପ୍ତିପଦା, ୬।୬ (ସମିସ): ରାଜ୍ୟରେ ନାରୀବିରୋଧୀ ହିଂସା, ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠୁ ନା କେଉଁଠୁ ଦୁଷ୍କର୍ମ, ହତ୍ୟା, ଅପହରଣ ଭଳି ଖବର ଆସୁଛି। ସରକାର ଏହାକୁ ଅଟକାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରୁ ପୁଣି ଏକ ନାବାଳିକା ଉତ୍ପୀଡ଼ନ ଖବର ଆସିଛି। ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା ହୋଇଛି। କପ୍ତିପଦା ଥାନା ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି। ପ୍ରଲୋଭନ ଦେଖାଇ ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ମୋରଡ଼ା ଥାନା ଅଞ୍ଚଳର ବସନ୍ତ ନାଇକକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ୍ ସୂଚନାନୁଯାୟୀ, ପୀଡ଼ିତାର ସଂପର୍କୀୟ ଭାଇ ବସନ୍ତ। ୬ ମାସ ତଳେ ନାବାଳିକାଜଣଙ୍କ ବସନ୍ତ ଘରକୁ ଆସିଥିବା ବେଳେ ବସନ୍ତ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ନାବାଳିକାର ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ କପ୍ତିପଦା ପୁଲିସ୍ ଏକ ମାମଲା ରୁଜୁ କରି ବସନ୍ତକୁ ଗିରଫ କରିଥିଲା।

---

# ମାସକ ମଧ୍ୟରେ କୋଟିଆ ପାଇଁ ରୋଡ୍‌ମ୍ୟାପ୍

**■ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ; କୌଣସି ସାଲିସ୍ କରାଯିବ ନାହିଁ**
**■ ଅଦାଲତରେ କୋଟିଆ ମାମଲାକୁ ପୁନଃଜୀବିତ କରାଯିବ: ରାଜସ୍ୱ ମନ୍ତ୍ରୀ**

ଭୁବନେଶ୍ୱର,୬।୬(ସମିସ): କୋଟିଆବାସୀଙ୍କ ହୃଦୟ ଜୟ କରିବା ପାଇଁ ଯାହା ଯାହା ବିକାଶମୂଳକ କାର୍ଯ୍ୟ ଆବଶ୍ୟକ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ। ସେମାନଙ୍କ ସାମାଜିକ, ସାଂସ୍କୃତିକ ଉନ୍ନତି ସହ ଯୁବସମାଜର ସମସ୍ୟାର ସମାଧାନ କରାଯିବ। ଏନେଇ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମାପ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

କୋଟିଆ ପ୍ରସଙ୍ଗକୁ ନେଇ ଶୁକ୍ରବାର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ଗଠିତ କମିଟିର ଏହି ପ୍ରଥମ ବୈଠକରେ କୋଟିଆର ବିକାଶ ନେଇ ମାଷ୍ଟରପ୍ଲାନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ମାର୍କେଟ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚାଷଜମିରୁ ମାର୍କେଟ ଯାଏଁ କିପରି ଶସ୍ୟ ଆସିବ ଏବଂ ଏହା କିପରି ବିକ୍ରି ହୋଇ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିପାରିବ ସେନେଇ ରୋଡମ୍ୟାପ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କୋଟିଆ ହେଉଛି ଓଡ଼ିଶାର ଏକ ଅବିଚ୍ଛେଦ ଅଙ୍ଗ। ଏହାକୁ ନେଇ କୌଣସି ସାଲିସ କରାଯିବ ନାହିଁ। ଆଜିର ବୈଠକରେ ପ୍ରାଥମିକ ଆଲୋଚନା ସମ୍ପନ୍ନ ହୋଇଛି। କେଉଁ କେଉଁ ପଦକ୍ଷେପ ଅତୀତରେ ନିଆଯାଇଛି ଏବଂ ଅତୀତରେ ବିଧାନସଭା ଗୃହ କମିଟି ଯେଉଁ ସୁପାରିସ କରିଥିଲେ, ସେନେଇ କେଉଁ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ମଗାଯାଇଛି। ଆସନ୍ତା ବୈଠକରେ ଏହି ରିପୋର୍ଟଗୁଡ଼ିକ ଉପସ୍ଥାପିତ ହେବ। ପୂର୍ବରୁ ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗରେ ଓଡ଼ିଶା ମାମଲା ହାରିଥିବା ବେଳେ ଏହି ମାମଲାକୁ ପୁନଃଜୀବିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋଟିଆ ପାଇଁ ଗଠିତ କମିଟିରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି।

---

**ସୀମା ବିବାଦକୁ ନେଇ ବିଜେଡିର କଟାକ୍ଷ**

# ବର୍ଷକ ପରେ ସରକାରଙ୍କ ମନେପଡ଼ିଲା 'କୋଟିଆ'

ଭୁବନେଶ୍ୱର,୬।୬(ସମିସ): କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟକୁ ନେଇ ପ୍ରବଳ ବର୍ଷିଛି ବିଜେଡି। କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ୍ ରହି ଆସିଥିବା ବେଳେ ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି; ମାତ୍ର ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି। କୋଟିଆ ସୀମା ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି। କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୁର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ସରକାର ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି। ଶ୍ରୀ ମାଝୀ କହିଥିଲେ ଯେ ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର । କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ। ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି



ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା। କୁନ୍ଦୁଲି ଓ କୋଟିଆ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା, ଯାହା ଫଳରେ ଆଜି ସେହି ଅଞ୍ଚଳରୁ ସମଗ୍ର ରାଜ୍ୟକୁ ପନିପରିବା ଆସୁଛି ।

ଶ୍ରୀ ମାଝୀ କହିଥିଲେ ଯେ କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପିର ସହଯୋଗୀ ଦଳର ସରକାର ଅଛି। କିନ୍ତୁ ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି। ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଥିଲାବେଳେ ରାଜ୍ୟ ସରକାର କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ । ଡ. ଲେନିନ ମହାନ୍ତି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ

**■ ବିବାଦ ସମାଧାନ ପାଇଁ ଟ୍ରିପଲ ଇଞ୍ଜିନର ଆନ୍ତରିକତା ନାହିଁ**
**■ ନବୀନ ସରକାର କରିଥିଲେ କୋଟିଆରେ ଭିତ୍ତିଭୂମିର ବିକାଶ**

ଅନ୍ତଃରାଜ୍ୟ କାଉନସିଲ ବୈଠକରେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ମୁହଁ ଖୋଲିନଥିଲେ। ଯାହା କୋଟିଆ ସୀମା ବିବାଦ ସମାଧାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜିର ବୈଠକରେ ସୀମା ବିବାଦ ନେଇ ରାଜ୍ୟ ସରକାର ନିରବ ରହିବା ଯୋଗୁଁ ଆଜିର ବୈଠକ ଏକ ଭେଳିକିରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ପୂର୍ବ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଓଡ଼ିଶାର ଦାବି ଗ୍ରହଣୀୟ ହୋଇପାରିଲା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

● ଅର୍ଥ ଆତ୍ମସାତ୍ ଅଭିଯୋଗ

## ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଲଙ୍ଗଳେଶ୍ୱର, ୬।୬ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଥ ଆତ୍ମସାତ୍ କରିଥିବା ନେଇ ସମସ୍ତ ପିଆରଆଇ ସଦସ୍ୟ ତଥା ୱାର୍ଡମେମ୍ବର ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନେଲେ ଆମରଣ ଅନଶନ କରିବେ ବୋଲି ମଧ୍ୟ ବିଡ଼ିଓଙ୍କୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ସନ୍ୟାସୀ ବଡୁ ଏଠାରେ ଆଠ ବର୍ଷ ଧରି ଚାକିରି କଲେଣି। ହେଲେ ଏଠାରୁ ତାଙ୍କ ବଦଳି ହେଉନାହିଁ। ପଞ୍ଚାୟତକୁ ଆସୁଥିବା ଉନ୍ନୟନ କାର୍ଯ୍ୟର ଖର୍ଚ୍ଚ ହିସାବ, ଘରଭଡା ବାବଦକୁ ମାସକୁ ଆୟ, ବିଜୁଳି ବିଲ କେତେ ପୈଠ ହେଲା, ଆୟ ବ୍ୟୟ ର ବିଧିବଦ୍ଧ ହିସାବ ନ ଦେଇ ଅର୍ଥ ଆତ୍ମସାତ କରିବା ସହିତ ସରକାରୀ ଅର୍ଥକୁ ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଛି। ଏ ବାବଦରେ ବାଲିଆପାଳ ବିଡ଼ିଓଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କିଛି ସୁଫଳ ମିଳୁନାହିଁ। କେଉଁ ସ୍ୱାର୍ଥରେ ଜଣେ ଅଧିକାରୀଙ୍କୁ ଦୀର୍ଘବର୍ଷ ଧରି ଏଠାରେ ନିଯୁକ୍ତି ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଏବ ସରପଞ୍ଚ ହେମନ୍ତ ଜେନା, ୱାର୍ଡ ସଦସ୍ୟା ଅଫଜୁଲ ବିବି, ବୁଦ୍ଧଦେବ ପ୍ରଧାନ,ଦାବିମମତା ପାଳ, ଅଗଣି ବେହେରା, ଅପୁତା ଦଳାଇ ଦାବି କରିଛନ୍ତି। ଏ ବାବଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ୟାସୀ ବଡୁଙ୍କୁ ପଚାରିବାରୁ ସେ କହିଲେ ମୋ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ।

## ଆକ୍ରମଣକାରୀ ଯୁବକ ଗିରଫ



କମର୍ଦ୍ଦା, ୬।୬ (ସମିସ): ସାମାନ୍ୟ କଥାରୁ କଥା କଟାକଟି ହୋଇ ଉଗ୍ର ରୂପନେଲାରୁ ଆପୋଷ ବୁଝାମଣା ପାଇଁ ଯାଇ ଅଭିଯୁକ୍ତଙ୍କ ଆକ୍ରୋଶର ଶିକାର ହୋଇ ମରଣାନ୍ତକ ଆକ୍ରମଣରେ ଖଣ୍ଡିଆ ଖାବରା ହେଲେ ଯୁବକ। ଏଭଳି ଏକ ଅମାନବୀୟ ଘଟଣା ଭୋଗରାଇ ବ୍ଲକ ଖରିଦପିପଳ ପଞ୍ଚାୟତର ଦହମୁଣ୍ଡା ଠାରେ ଘଟିଛି। ଖରିଦପିପଳ ଗ୍ରାମର ପୁଲିନ ଜେନା , ସଞ୍ଜୟ ଜେନା ଏବଂ ଜଗନ୍ନାଥ ଜେନା ଗଣ୍ଡଗୋଳ ଭିଆଇ ଥିଲେ। ପୁଲିନ ଏବଂ ତାର ବଡ଼ ଭାଇ ସଞ୍ଜୟ ଏବଂ ତାର ବାପା ଜଗନ୍ନାଥ ବୋଲି ଜଣାପଡ଼ିଛି। ପୁଲିନ ବାହାର ରାଜ୍ୟରେ କାମ କରନ୍ତି। ମାତ୍ର ଖରିଦଚକ ଗ୍ରାମର ରାଜେଶ ଦେ ଏଭଳି ଘଟଣାର ଆଶୁ ସମାଧାନ ନିମନ୍ତେ ଯାଇଥିବାବେଳେ ଗୋଟିଏ ପରିବାରର ୩ ଜଣଙ୍କ କୋପର ଶିକାର ହୋଇଥିଲେ ଏବଂ ମରଣାନ୍ତକ ଆକ୍ରମଣର ଶିକାର ହୋଇ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ଚିକିତ୍ସାଳୟ ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଅଭିଯୁକ୍ତ ୩ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରି ଫେରାର ହୋଇଥିଲେ। ଆକ୍ରମଣର ଶିକାର ରାଜେଶ ଦେଙ୍କ ଲିଖିତ ଅଭିଯୋଗ ମୂଳେ କମର୍ଦ୍ଦା ଥାନା ପୋଲିସ ଫେରାରଙ୍କୁ ଖୋଜା ଖୋଜି କରି ଜଳେଶ୍ୱର ଷ୍ଟେସନ ପରିସରରୁ ମୁଖ୍ୟ ପୁଲିନ୍ ଜେନାଙ୍କୁ କାବୁ କରିବା ସହ କେଶ ନଂ ୮୨ ମୂଳେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ପୁଲିନ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି। ଅନ୍ୟ ଦୁଇ ଅଭିଯୁକ୍ତ ସଞ୍ଜୟ ଏବଂ ଜଗନ୍ନାଥ ଫେରାର ଅଛନ୍ତି।

## କାମରେ ଆସୁନି ଶୌଚାଳୟ



କାଳିପଦା, ୬।୬ (ସମିସ): ବାଲିଆପାଳ ବ୍ଲକ ପରିସରରେ ଥିବା ଏକ ଶୌଚାଳୟ ଏବେ ଲୋକଙ୍କ କାମରେ ଆସୁ ନାହିଁ। ଦୀର୍ଘ ଦିନରୁ ଶୌଚାଳୟର ନିର୍ମାଣ କାର୍ଯ୍ୟ ସରି ଯାଇଛି। ତେବେ କ'ଣ ପାଇଁ ଶୌଚାଳୟକୁ ଲୋକେ ବ୍ୟବହାର କରୁ ନାହାଁନ୍ତି ତାର ଉତ୍ତର କାହାରି ପାଖରେ ନାହିଁ। ପ୍ରତିଦିନ ଅନେକ ଲୋକ ଅଫିସ ଓ ବ୍ୟକ୍ତିଗତ କାମ ନେଇ ବ୍ଲକକୁ ଆସିଥାନ୍ତି। ମହିଳା ମାନେ ଶୌଚାଳୟ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏବେ ଶୌଚାଳୟର ଚାରିପଟ ଅନା ବନା ଗଛ ଲତାରେ ପୂରି ଯାଇଛି। ଶୌଚାଳୟଟି ଏବେ ସରୀସୃପଙ୍କ ବାସସ୍ଥଳୀ ପାଲଟି ଯାଇଛି। ନୂଆ ବିଡିଓ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପାଇକସିଦା ସମବାୟ ସମିତିକୁ ଲକ୍ଷେ ଟଙ୍କା ପ୍ରଦାନ



ଜଳେଶ୍ୱର ବ୍ଲକ, ୬।୬ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ସମବାୟ ସମିତିକୁ ବିଭିନ୍ନ ଉନ୍ନୀତ ମୂଳକ କାର୍ଯ୍ୟ ପାଇଁ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ତପନ କୁମାର ଦାସଙ୍କ ପ୍ରଚେଷ୍ଟା କ୍ରମେ ଆଜି ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଜଳେଶ୍ୱର ଶାଖା ପକ୍ଷରୁ ପାଇକସିଦା ସମବାୟ ସମିତିର ସେକ୍ରେଟାରୀ ଜନ୍ମେଜୟ ଜେନା, ଓ ସମିତିର ସମ୍ପାଦକ ମମତା ସାହୁଙ୍କୁ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ସଞ୍ଜୟ ପ୍ରଧାନ ଓ ବ୍ୟାଙ୍କ ନିର୍ଦ୍ଦେଶକ ତପନ କୁମାର ଦାସ ସମିତିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଯଦ୍ୱାରା ସମବାୟ ସମିତି ଓ ଚାଷୀ କମିଟି ପକ୍ଷରୁ ଧନ୍ୟବାଦ୍ ଜ୍ଞାପନ ଜଣାଇଛନ୍ତି।

## ଡାକ୍ତରଖାନା ପରିସରରେ ଚାରାରୋପଣ




ଲଙ୍ଗଳେଶ୍ୱର, ୬।୬ (ସମିସ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କରାଯାଇଛି। ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ଅବସର ରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଉଥିବା ବେଳେ ବଣିଆଡିହା ପଞ୍ଚାୟତ ପକ୍ଷରୁ ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ତପନ କୁମାର ଗିରି ଯୋଗଦେଇ ଥିବା ବେଳେ ପଞ୍ଚାୟତର ଜିଆରଏସ ମାନସ କୁମାର ନାୟକ, ୱାର୍ଡମେମ୍ବର ବସନ୍ତ ମଲ୍ଲିକ, ସମାଜସେବୀ ଜଗତଜୀବନ ଦାସ, କମଳାକାନ୍ତ ଦାସ, ଏସକେ ବାବୁ, ସାର୍ତ୍ତୁକ ରାଉଳ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ବାହାନଗା ଫାୟାର ଅଫିସର ଲାଞ୍ଚ ନେବା ଘଟଣା

# ତଦନ୍ତ ଆରମ୍ଭ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ବାହାନଗା, ୬।୬ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ଅଗ୍ନିଶମ କାର୍ଯ୍ୟାଳୟର ଫାୟାର ଅଫିସର ଅଗ୍ନିଶମ ପ୍ରମାଣପତ୍ର ପାଇଁ ଲାଞ୍ଚ ନେଇ ହରଡ ଘଣାରେ ପଡିଛନ୍ତି। ଲାଞ୍ଚ ଦାବି କରିବା ଏବଂ ଲାଞ୍ଚ ନେବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ସର୍କଲ ଡେପୁଟି ଫାୟାର ଅଫିସରଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି।

ମେଳା ମହୋତ୍ସବ ପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି , ଯାହା ଅଞ୍ଚଳର ଭାଇଚାରା ବଜାଇ ରଖିବା ସହ ଅଞ୍ଚଳର ବିକାଶର ମାଧ୍ୟମ ପାଲଟିବ। ଏହି କ୍ରମରେ ବାହାନଗା ବ୍ଲକର ନିର୍ଦ୍ଦିଷ୍ଟ ଅଞ୍ଚଳର ମହୋତ୍ସବ ପାଇଁ ସରକାରୀ ନିୟମ ମୁତାବକ ଗତ ଫେବ୍ରୁଆରୀ ମାସରେ ଫାୟାର ସେଫଟି ରେକୋମେଣ୍ଡେସନ ଫର ଟେମ୍ପୋରାରୀ ଷ୍ଟ୍ରକଚର ପ୍ରମାଣପତ୍ର ପାଇଁ ଅନଲାଇନ ଜରିଆରେ ଅଗ୍ନିଶମ ବିଭାଗ ନିକଟରେ ଆବେଦନ କରାଯାଇଥିଲା। ବାହାନଗା ଅଗ୍ନିଶମ ଅଧିକାରୀ ମହୋତ୍ସବ ହେବାକୁ ଥିବା ସ୍ଥାନ ପରିଦର୍ଶନ କରି ସବୁ କିଛି ଠିକ ଥିବା କହିଥିଲେ। ହେଲେ ସରକାରୀ ନିୟମକୁ 'ଫୁ' କରି ବାହାନଗା ଫାୟାର ଅଫିସର ରମେଶ ଚନ୍ଦ୍ର ସିଂ ଫାୟାର ସେଫଟି ରେକୋମେଣ୍ଡେସନ ଫର ଟେମ୍ପୋରାରୀ ଷ୍ଟ୍ରକଚର ପ୍ରମାଣପତ୍ର ଦେବା ପାଇଁ ୨ ହଜାର ଟଙ୍କା ଦାବି କରିଥିଲେ। ଶେଷରେ ଶ୍ରୀ ସିଂ ୧ ହଜାର ଟଙ୍କା ଲାଞ୍ଚ ନେବା ପରେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବାହାନଗା ଫାୟାର ଅଫିସର ରମେଶ ଚନ୍ଦ୍ର ସିଂ ସାର୍ଟିଫିକେଟ ପାଇଁ ଟଙ୍କା ଦାବି କରିବା ଏବଂ ଟଙ୍କା ନେବାର ଭିଡିଓ ଭାଇରାଲ ହୋଇଥିଲା। ସରକାର ମେଳା ମହୋତ୍ସବ ପାଇଁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ବେଳେ ଅଗ୍ନିଶମ ବିଭାଗ ଭଳି ଜରୁରୀ କାଳୀନ ବିଭାଗରେ ଖୋଲମଖୋଲା ଲାଞ୍ଚ କାରବାର ହେବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଥିଲା। ଏ ନେଇ ଅଭିଯୋଗ ପରେ ଆହ୍ୱାନ ମୋଡକୁ ଆସିଥିଲା ରାଜ୍ୟ ଅଗ୍ନିଶମ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ ସହ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ। ଘଟଣାକୁ ଗୁରୁତର ଭାବେ ନେଇ ଲାଞ୍ଚ ନେବା ଘଟଣାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ସର୍କଲ ଡେପୁଟି ଫାୟାର ଅଫିସରଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି। ସେପଟେ ବାହାନଗା ଅଗ୍ନିଶମ ଅଧିକାରୀ ଲାଞ୍ଚ ନେବା ଭିଡିଓ ସହ ଅଭିଯୋଗ ଆଧାରରେ ଡେପୁଟି ଫାୟାର ଅଫିସର ସରୋଜ କୁମାର ବେହେରା ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର




କାଳିପଦା, ୬।୬ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟକୁ ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଗୁରୁବାର ବିଶ୍ୱ ପରିବେଶ ଦିବସ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଗୌରାଙ୍ଗ ରାଉତ ଓ ଏନ୍‌ଏସଏସ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ପ୍ରେମାନନ୍ଦ ସେଠୀ ଏହି ସମ୍ମାନ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଓ ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ମହାବିଦ୍ୟାଳୟକୁ ଏହି ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ପିସିସିଏଫ୍ ସୁରେଶ ପନ୍ଥ, କେ. ମୃଗେଶନ୍ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଉତ ସ୍ୱେଚ୍ଛାସେବୀମାନଙ୍କୁ ତାଙ୍କର ଶ୍ରମ, ସମୟ ଓ ଦୃଢ଼ ପ୍ରତିବଦ୍ଧତାକୁ ଏହି ସଫଳତାର ମୂଳ କାରଣ ବୋଲି ଦର୍ଶାଇଛନ୍ତି।

## ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ସ୍ମୃତିସଭା



ନୀଳଗିରି, ୬।୬ (ସମିସ): ବାଲେଶ୍ୱର ଜିଲ୍ଲାର ଶିକ୍ଷକନେତା ତଥା ସମଗ୍ରରାଜ୍ୟରେ ଶିକ୍ଷକଜାତିର ତ୍ରାଣକର୍ତ୍ତା କୁହାଯାଉଥିବା ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୬ତମ୍ ଶ୍ରାଦ୍ଧୋତ୍ସବ ନୀଳଗିରି ଗୁରୁକୁଳ ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ଓ ଔପଦା ଶିକ୍ଷାବିଭାଗର ପ୍ରାୟ ୩୫ରୁ ଅଧିକ ଅବସରପ୍ରାପ୍ତ ଶିକ୍ଷକ ଓ ୨୦ରୁ ଅଧିକ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମୀ ଯୋଗଦେଇ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସଭାପତି ଗୌରାଙ୍ଗ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ବସନ୍ତ କୁମାର ଖୁଣ୍ଟିଆ ଯୋଗଦେଇ ସ୍ୱର୍ଗତ ବନମାଳୀ ବାବୁ ନିଜ ଜୀବଦଶାରେ ଶିକ୍ଷକମାନଙ୍କ ସମସ୍ୟା ଓ ଉନ୍ନତି ଉପରେ ଉତ୍ସର୍ଗୀକୃତ ଥିଲେ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ବାରିକ ସ୍ୱର୍ଗତ ବନମାଳୀବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ "ସଂଘ ବଞ୍ଚିବ କିପରି' ଏକ ନିଜସ୍ୱ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସାରଥୀ ବେହେରା, ବାସୁଦେବ ନାୟକ, ଅଜୟ ମହାପାତ୍ର, ସୁରେନ୍ଦ୍ର ପୃଷ୍ଟି, ରବୀନ୍ଦ୍ର ବେହେରା, ନିରଞ୍ଜନ ରାଉତ, ନିରଞ୍ଜନ ବିଶ୍ୱାଳ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ ତଥା ସଂଘପ୍ରେମୀ ଶରତ ଚନ୍ଦ୍ର ମହାପାତ୍ର ମଧ୍ୟ ବନମାଳୀ ବାବୁ ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥିବା କଥା ସୂଚାଇଥିଲେ। ଭାଗବତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ନିୟମ ମାନୁନି ବ୍ଲକ୍ ପ୍ରଶାସନ



ଖଇରା, ୬।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କାର୍ଯ୍ୟାଳୟ ପରିସରରେ ନୂଆ ଗୃହ ନିର୍ମାଣ କରାଯିବା ଆଳରେ ପୁରୁଣା ଗୃହକୁ ସରକାରୀ ନୀତି ନିୟମକୁ ଅନୁସରଣ କରାନଯାଇ ରାତି ଅଧିଆ ଭଙ୍ଗାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୫ ବର୍ଷ ମଧ୍ୟରେ ୩ରୁ ଅଧୀକ ଘର ଭଙ୍ଗା ଯାଇଥିବା ବେଳେ ବ୍ଲକ ପ୍ରଶାସନ ଓ କିଛି ରାଜନୈତିକ ଦଳ ବ୍ୟକ୍ତିଙ୍କ ମିଳିତ ସହଯୋଗରେ ଆସବାବପତ୍ର ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ପାଖାପାଖି ୩ ବର୍ଷ ତଳେ ପଞ୍ଚାୟତ ସମିତି ର ପୁରୁଣା ଗୃହ କୁ ରାତି ଅଧିଆ ଭଙ୍ଗାଗଲା। ଏଥିରେ ଥିବା କବାଟ, ଝରକା, ଲୁହା ଉପକରଣ, ଦାମି ଆଲମିରା ଇତ୍ୟାଦି ଆସବାବ ପତ୍ର ବିକ୍ରିରେ ଯାହା ମିଳିଲା ମିଳିମିଶି ଚଳୁ କରିଦେଲେ। ନିଲାମ କରାଯାଇଥିଲେ ପାଖପାଖି ୫ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷକୁ ଯାଇଥାନ୍ତା। ସେହିଭଳି ଶୁକ୍ରବାର ଅନ୍ୟ ଏକ ପୁରୁଣା ଗୃହ ହଠାତ ବିନା ନୋଟିସରେ ଭାଙ୍ଗି ଦିଆଯାଇଛି। ଏଥିଲାଗି କୌଣସି ସରକାରୀ ନିୟମ ଅନୁସରଣ କରାଯାଇନଥିବା ଅଭିଯୋଗ ହୋଇଛି। କାଳେ ନୂଆ ଗୃହର ଶୁଭ ଲାଗି ଏଭଳି ତରବରିଆ ଘର ଭଙ୍ଗା ଯାଉଥିବା କୁହାଯାଉଛି। ସେହିଭଳି ବିଭିନ୍ନ ସମୟରେ ଯେଉଁ ନୂତନ ଗୃହ ନିର୍ମାଣ କରାଯାଉଛି ଅଧିକାଂଶ ବିନା ଟେଣ୍ଡରରେ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ ଏହି କାର୍ଯ୍ୟ ଦିଆଯାଉଛି। ଯେଉଁଥିପାଇଁ କାମ ନିମ୍ନମାନର ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରେ ଶୁକ୍ରବାର ଭଙ୍ଗା ଯାଉଥିବା ଗୃହଟି ବହୁ ପୂର୍ବରୁ ଅସୁରକ୍ଷିତ ଘୋଷଣା କରାଯାଇଥିବା କହିଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ଅଭିଯୋଗ

ସୋର, ୬।୬ (ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ କର୍ମଚାରୀମାନେ ଗତକାଲି ରାତିରେ ତାଲା ପକାଇ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ କରି ଘରକୁ ଯାଇଥିଲେ। ସେଠାରେ କେହି ନ ରହୁଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗତକାଲି ବିଳମ୍ବିତ ରାତିରେ ତାଲା ଭାଙ୍ଗି ଭିତରେ ପଶି ଫ୍ରିଜଟିକୁ ଚୋରି କରି ନେଇଥିଲେ। ଆଜି ସକାଳେ କର୍ମଚାରୀ ମାନେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ଏହାଦେଖି ଗ୍ରାମବାସୀଙ୍କୁ ଜଣାଇବା ସହିତ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ପୁଲିସ ଘଟଣାର ତଦନ୍ତ କରିଛି।

## ଗଣ୍ଡଗୋଳ ଘଟଣାରେ ୩ ଗିରଫ

ସୋର, ୬।୬ (ସମିସ): ସୋର ଥାନା ଦହିପୁର ଛକରେ ବାୟୁ ମେଡିକାଲ ୱେଷ୍ଟ ପ୍ଲାଣ୍ଟ ମ୍ୟାନେଜର ସମେତ ଅନ୍ୟ କର୍ମଚାରୀମାନଙ୍କୁ ମାଡ଼ ଘଟଣାରେ ସୋର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ ମାଣତ୍ରୀ ପଞ୍ଚାୟତ ବଳିବେଡ଼ ଗ୍ରାମରେ ଉତ୍କଳ ଇନ ଭାଇରୋକେୟାର ଦ୍ୱାରା ନିର୍ମିତ ହୋଇଥିବା ବାୟୁ ମେଡିକାଲ ୱେଷ୍ଟ ପ୍ଲାଣ୍ଟର ମ୍ୟାନେଜର ପ୍ରକାଶ ସ୍ୱାଇଁ ତାଙ୍କ ପ୍ଲାଣ୍ଟର କର୍ମଚାରୀଙ୍କୁ ନେଇ ସୋର ରେଳ ଷ୍ଟେସନକୁ ଯାଉଥିବା ବେଳେ ଦହିପୁର ଛକରେ ବଳିବେଡ଼ ଗ୍ରାମର ସନାତନ ବେହେରା (୪୦), କୈଳାସ ଚନ୍ଦ୍ର ନାୟକ(୩୮) ଏବଂ ଦହିପୁର ଗ୍ରାମର ବସନ୍ତ କୁମାର ପାଢ଼ୀ (୩୧) ତାଙ୍କୁ ଅଟକାଇ ଚାନ୍ଦା ମାଗିବା ସହିତ ମାଡ଼ ମାରିଥିଲେ। ଏ ବାବଦରେ ପ୍ରକାଶ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ କୈଳାସ, ବସନ୍ତ ଏବଂ ସନାତନକୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ବିଦ୍ୟୁତ୍ ଆଘାତରେ ଦୋକାନୀଙ୍କ ମୃତ୍ୟୁ

ସୋର, ୬।୬ (ସମିସ): ଔପଦା ଥାନା ବଧି ବଜାରରେ ଫ୍ରିଜରୁ ବିଦ୍ୟୁତ ଆଘାତର ଶିକାର ହୋଇ ଜଣେ ଦୋକାନୀଙ୍କ ସୋର ମେଡିକାଲରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ବଡ଼ପୋଖରୀ ପଞ୍ଚାୟତ ବଧି ଗ୍ରାମର ଉପେନ୍ଦ୍ର ନାଥ ମଲିକ ବଧି ସ୍କୁଲ ନିକଟରେ ଏକ ଗ୍ରୋସେରୀ ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଆଜି ସକାଳେ ସେ ଦୋକାନ ଖୋଲିବାକୁ ଯାଇଥିବା ବେଳେ ଦୋକାନରେ ଥିବା ଫ୍ରିଜରୁ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଔପଦା ପୁଲିସ ସୋର ଡାକ୍ତର ଖାନାରେ ପହଂଚି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପିଏଚ୍.ଡି ଡିଗ୍ରୀ



କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ (K I S S ) ମାନିତ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ସମ୍ମାନ ସୂଚକ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି ।ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର, ଡ. ପ୍ରସନ୍ନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A Study on Nutritional Status and Associated Risk Factors among the Juang Tribe of Keonjhar District of Odisha" ସମ୍ପର୍କ ରେ ଗବେଷଣା କରିଛନ୍ତି ଏବଂ ଉକ୍ତ ସନ୍ଦର୍ଭଟି ଆନ୍ଧ୍ର ବିଶ୍ୱବିଦ୍ୟାଳୟର ହ୍ୟୁମାନ ଜେନେଟିକ୍ସ ବିଭାଗର ପ୍ରଫେସର ଜି. ସୁଧାକର ଏବଂ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପୂର୍ବତନ ପ୍ରଫେସର ପ୍ରେମାନନ୍ଦ ଭାରତୀଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି । ଡ. ମନୋରଞ୍ଜନ ମହାପାତ୍ର ନୟାଗଡ଼ ଜିଲ୍ଲା କାଳିକାପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗମେଇଁ ଗ୍ରାମ ନିବାସୀ ଶ୍ରୀମତୀ ଦମୟନ୍ତୀ ମହାପାତ୍ର ଏବଂ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି ।ସେ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ପିତାମାତା, ପିଏଚଡି ମାର୍ଗଦର୍ଶକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସହକର୍ମୀ, ଛାତ୍ର ଛାତ୍ରୀଙ୍କ ପ୍ରେରଣା ତଥା ପତ୍ନୀ, ଝିଅ, ବନ୍ଧୁ ଓ ପରିବାରବର୍ଗଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

# ପରକୀୟା ପ୍ରୀତିର କରୁଣ ପରିଣତି

## ମହିଳାଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ, ଶାଶୂଶଶୁର ଅଟକ

ଭୋଗରାଇ, ୬।୬ (ସମିସ)

ଭୋଗରାଇ ଥାନା ଅନ୍ତର୍ଗତ ନିମାତପୁର ଜନୈକା ବିବାହିତ ମହିଳାଙ୍କୁ ପରିବାର ଲୋକେ କିରାସିନି ଢ଼ାଳି ପୋଡ଼ି ମାରିଦେବାର ଉଦ୍ୟମ ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ବେଳେ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ଥାନା ପୁଲିସ ମହିଳାଙ୍କ ଶାଶୂ ଶଶୁରଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ନିମାତପୁର ଗ୍ରାମର ଗୌରାଙ୍ଗ ଗିରିଙ୍କ ଏକମାତ୍ର ପୁଅ ଚନ୍ଦନ ଗିରିଙ୍କ ସହ ଆରୁଆବୃତ୍ତି ୧ ପଞ୍ଚାୟତ ସେହି ଗ୍ରାମର ଖଗେନ୍ଦ୍ର ସିଙ୍କ ଝିଅ ସୀତାରାଣୀଙ୍କ ୨୦୨୧ ମସିହାରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହର ୬ ମାସ ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ରହିଥିଲା। ୬ ମାସ ପରେ ସ୍ୱାମୀ ଚନ୍ଦନ ପତ୍ନୀ ସୀତାରାଣୀଙ୍କୁ ତାଙ୍କର ବାପା ପାଖରୁ ଏକଲକ୍ଷ ଟଙ୍କା ଆଣିବା ପାଇଁ କହିଥିଲା। ମାତ୍ର ସୀତା ବାପା ପାଖରୁ ଟଙ୍କା ନ ଆଣିବାରୁ ଚନ୍ଦନ ସୀତାଙ୍କୁ ମାଡ ଗାଳି କରିବା ସହିତ ଘରରୁ ମଧ୍ୟ ବାହାର କରି ଦେଇଥିଲେ। ତେବେ ଇତିମଧ୍ୟରେ ଚନ୍ଦନ ଅନ୍ୟ ଏକ ଯୁବତୀଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବା ପରେ ପତ୍ନୀ ସୀତା ସ୍ୱାମୀଙ୍କୁ ଏ ବିଷୟରେ ପଚାରିବାରୁ ଚନ୍ଦନ ସୀତାଙ୍କୁ ଛାଡ଼ପତ୍ର ଦେବ ବୋଲି ଧମକ ଦେଇଥିଲେ। ଏ ନେଇ ଗ୍ରାମରେ ବାରମ୍ବାର ବୈଠକ ବସିଥିବା ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି। ସୀତା ଦୀର୍ଘ ତିନିମାସ ବାପା ଘରେ ରହିବା ପରେ ଚନ୍ଦନ ରହୁଥିବା ହାଇଦ୍ରାବାଦକୁ ଯିବା ପାଇଁ ୪ ଜୁନ ୨୫ ବୁଧବାର ଦିନ ଶ୍ୱଶୁରଙ୍କ ଘରକୁ ଯାଇଥିଲେ। ଗୁରୁବାର ରାତିରେ ସୀତା ଘର ଭିତରେ ଏକାକୀ ଶୋଇଥିବା ସମୟରେ ତାଙ୍କର ଦେହରେ ନିଆଁ ଲାଗିଥିଲା। ଯେତେ ଡାକିଲେବି ଶାଶୂ ଶଶୁର କେହି ଶୁଣି ନ ଥିଲେ। ସଙ୍ଗେ ସଙ୍ଗେ ସେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଘରୁ ବାହାରି ଯାଇ ପାଖ ରାସ୍ତା ଉପରେ ପଡି ଯାଇଥିଲେ। ସ୍ଥାନୀୟ ଗ୍ରାମର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସୀତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୁଲିସ ମହିଳାଙ୍କ ଶାଶୂଶଶୁରଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୵ ନନ୍ଦୀତା ଜେନା
ଆବିର୍ଭାବ: ୧୦.୦୪.୧୯୮୭
ତିରୋଧାନ: ୨୮.୦୫.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ହତଭାଗ୍ୟ ସ୍ୱାମୀ : ପ୍ରଦୀପ ଜେନା,
ପୁତ୍ର : ବିପ୍ଳବରାଜ, ଅବିନାଶ, ପ୍ରମୋଦ,
କନ୍ୟା : ସ୍ମାରକୀ, ଶ୍ରାବଣୀ

## ୬୦ ନଂ. ଜାତୀୟ ରାଜପଥ

# ଫୁଲାଡିରୁ ଜଳେଶ୍ୱର ଲୁଟେରାଙ୍କ ଚରାଭୂଇଁ

ବାଲେଶ୍ୱର, ୬।୬ (ସମିସ)



ବାଲେଶ୍ୱର ଫୁଲାଡ଼ି ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ୬୦ନମ୍ବର ଜାତିୟ ରାଜପଥ ସଂପ୍ରତି ଲୁଟେରାମାନଙ୍କ ଚରାଭୂଇଁ ପାଲଟିଛି। ସନ୍ଧ୍ୟା ପରେ ଏହି ଜାତୀୟ ରାଜପଥରେ ଲୁଟେରାମାନେ ସକ୍ରିୟ ହେଇ ଯାଆନ୍ତି। ରାତି ଆଠଟା ପରେ ୬୦ନମ୍ବର ରାଜପଥ ଉପରେ ଯାତାୟାତ କରିବା ପାଇଁ ଲୋକଙ୍କ ମନରେ ଭୟ ସଞ୍ଚାର ହେଉଛି। ଜାତୀୟ ରାଜପଥରେ ଏହି ଲୁଟେରାମାନେ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟ କରୁଥିଲେବି, ରାଜପଥ ପାଶ୍ୱର୍ସ୍ଥ ଥାନା ପକ୍ଷରୁ ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ବାଲେଶ୍ୱର ଜିଲ୍ଲାକୁ ନୂଆ ପୋଲିସ ମହାନିରୀକ୍ଷକ ଜଣେ ଦକ୍ଷ ଆଇପିଏସ ଅଫିସରଙ୍କୁ ଆରକ୍ଷୀ ଅଧିକ୍ଷକ ଭାବେ ପଠାଇଛନ୍ତି। ବିଗତ ଚାରି ପାଞ୍ଚ ମାସ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଜିଲ୍ଲାର ଅପରାଧ ନିୟନ୍ତ୍ରଣ ପାଇଁ ଟିମ ୱାର୍କ କରି ଅନେକ ସଫଳତା ହାସଲ କରିଛନ୍ତି। ହେଲେ ଆରକ୍ଷୀ ଅଧିକ୍ଷକଙ୍କ ଏତେ କଡା ନଜର ସତ୍ତ୍ୱେ କିଛି ପୁଲିସ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ପୁଲିସ ପ୍ରଶାସନ ସମାଲୋଚନାର ଶରବ୍ୟ ହେଉଛି।

ବେଶ କିଛି ମାସ ଧରି ଜାତୀୟ ରାଜପଥ -୬୦ ରେ ଗୋଟିଏ ନିର୍ଦ୍ଦିଷ୍ଟ ରାହାଜାନି ଗ୍ୟାଙ୍ଗ ଲାଲ ରଙ୍ଗର କାର ଧରି ପିସ୍ତଲ ଦେଖାଇ ଟ୍ରକ, ଗୋରୁ ବୋଝେଇ ପିକଅପ ଭ୍ୟାନ, ଛେଳି ବୋଝେଇ ଟ୍ରକରୁ ଲୁଟ କରି ଆସୁଛନ୍ତି। ଏପରିକି ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଛୋଟଛୋଟ ହୋଟେଲ, ଦୋକାନ ଢ଼ାବାରେ ଅନୁପ୍ରବେଶ କରି ଖାଇବା, ପାଉଣା ନଦେଇ ଧମକ ଚମକ ଦେବା, ବିଦେଶୀ ମଦ ଆଣି ଢ଼ାବାରେ ଖୋଲାଖୋଲି ପିଇବା, ହୋଟେଲ ମାଲିକ ଓ କର୍ମଚାରୀଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ମଦ ଦେବାକୁ ବାଧ କରିବା ଭଳି ଅପରାଧିକ ଘଟଣା ଘଟାଉଛନ୍ତି। ଥାନାରେ ଏତଲା ଦେବା ପରେ ମଧ୍ୟ ପୁଲିସ ଲୁଟେରାଙ୍କୁ ଧରିବ କଣ ସାତ ଦିନ ପର୍ଯ୍ୟନ୍ତ ଘଟଣା ସ୍ଥଳକୁ ଆସି ପ୍ରାଥମିକ ତଦନ୍ତ ମଧ୍ୟ କରିବାକୁ ଉଚିତ ମଣୁ ନାହିଁ। ଗତ ମଇ ମାସ ୧୨/୧୩ତାରିଖ ସମୟ ରାତି ଗୋଟାଏ କୋଡିଏ ମିନିଟ ସମୟରେ ବସ୍ତା ଥାନା ଅନ୍ତର୍ଗତ ହଳଦୀ ପଦାର ମା'ତାରିଣୀ ଢ଼ାବା ସମ୍ମୁଖରେ ଏକ ଲାଲ ରଙ୍ଗର କାର ଆସି ଛିଡ଼ା ହେବା ପରେ ସେଥିରୁ କିଛି ଯୁବକ ବାହାରି ଢାବାରେ ପଶିଥିଲେ। ଢ଼ାବାର ପରିଚାଳକ ପ୍ରଦୀପ କୁମାର ବେହେରାଙ୍କୁ ଦୁଇ ଯୁବକ ଯାଇ ବଡ ବେପରୁଆ ଢଙ୍ଗରେ ମଦ ମାଗିଥିଲେ। ମଦ ଢାବାରେ ରଖିବାର ନିୟମ ନାହିଁ ବୋଲି ଶ୍ରୀ ବେହେରା କହିବାରୁ ଜଣେ ଯୁବକ କାରରୁ ଏକ ପିସ୍ତଲ ଆଣି ଶ୍ରୀ ବେହେରାଙ୍କ ମୁଣ୍ଡରେ ଲଗାଇ ପୁଣି ମଦ ଦେବାକୁ ଧମକ ଦେଇ କହିଥିଲେ। ଢାବାରେ ବସି ଖାଉଥିବା ଲୋକମାନେ ଏହା ଦେଖି ଭୟଭୀତ ହୋଇ ଏଣେ ତେଣେ ଦୌଡିବା ବେଳେ ଆଉ କିଛି ଲୋକ ଅପରାଧୀ ମାନଙ୍କୁ ଧରିବା ପାଇଁ ଘେରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନେ କାର ନେଇ ଚମ୍ପଟ ମାରିଥିଲେ। ତେବେ ଏ ବାବଦରେ ବସ୍ତା ଥାନାରେ ଶ୍ରୀ ବେହେରା ଏତଲା ଦେବା ପରେ ସମ୍ପୃକ୍ତ ଥାନା ଅଧିକାରୀ ଘଟଣା ସ୍ଥଳକୁ ଆସି ତଦନ୍ତ କରିବେ ବୋଲି କହି ଥିଲେ। ହେଲେ ଥାନାରୁ ପ୍ରାଥମିକ ତଦନ୍ତ ପାଇଁ କେହି ଆସିଲେ ନାହିଁ। ସାତ ଦିନ ପରେ ସ୍ଥାନୀୟ ବିଧାୟକ ଫୋନ କରିବା ପରେ ଥାନା ଅଧିକାରୀ ରଂଜିତ ସାହୁ ଘଟଣା ସ୍ଥଳକୁ ଆସିଥିଲେ। ମାତ୍ର କଣ ତଦନ୍ତ କଲେ କେଜାଣି ଅପରାଧୀ କିମ୍ବା କାର ଓ ପିସ୍ତଲ କିଛି ଥାନାକୁ ଆସିଲା ନାହିଁ। ତେବେ ଲୋକଙ୍କ ସୂଚନା ପାଇ ଏବେ ଦୁଇ ଜଣଙ୍କୁ ପୁଲିସ ଧରିଛି। ଚଳିତ ମାସ ପ୍ରଥମ ସପ୍ତାହ ପ୍ରାରମ୍ଭରେ ଛାନୁଆରୁ ଗୋବିନ୍ଦା ଗ୍ରାମର ବାପୁନୁ ଜେନା ଓରଫ ପବନା ଏବଂ ଗତ କାଲି ହଳଦୀପଦା ଫାଣ୍ଡି ପକ୍ଷରୁ ଚଢ଼ାଉ କରାଯାଇ ମନୋଜ ନାୟକ ଓରଫ ଶିବୁ କୁ ଫୁଲୱାର କସବା ଗ୍ରାମ ନିକଟରୁ ଗିରଫ କରାଯାଇଛି। ଏବେବି ପାରିକୁଳ ଗ୍ରାମର ବଣ୍ଟି ମହାପାତ୍ର, ରବୀନ୍ଦ୍ର ନାୟକ, ରଞ୍ଜନ ପରିଡା ଫେରାର ଅଛନ୍ତି ବୋଲି ପୁଲିସ କହୁଛି। ତେବେ ମାସମାସ ଧରି ଏହି ଲୁଟେରା ଗ୍ୟାଙ୍ଗ ଜାତୀୟ ରାଜପଥରେ ଲୁଟ ତରାଜ କରୁଥିଲେ ମଧ୍ୟ ପୁଲିସ କେମିତି କିଛି ଜାଣି ପାରୁନାହିଁ। ଏହି ଗ୍ୟାଙ୍ଗ ଅତୀତରେ ଭଦ୍ରକ ଓ ସିମୁଳିଆରେ ମଧ୍ୟ ଲୁଟ କରିଥିବାର ଅଭିଯୋଗ ହୋଇଛି। ବସ୍ତା ଥାନାରେ ଏସଡିପିଓ ମଧ୍ୟ ଅଛନ୍ତି। ତେଣୁ ପୋଲିସ ଜାତୀୟ ରାଜପଥରେ ପାଟ୍ରୋଲିଂ କୁ ଜୋରଦାର କରିବା କଥା। ବସ୍ତା, ଜଳେଶ୍ୱର, ସଦର ଥାନା ଓ ଶିଳ୍ପାଞ୍ଚଳ ଥାନା ଅଧୀନସ୍ଥ ଜାତୀୟ ରାଜପଥରେ ଲୁଟରା ମାନଙ୍କ ଗ୍ୟାଙ୍ଗର ସଦସ୍ୟ ମାନେ ଘୂରି ବୁଲୁଛନ୍ତି। ତେଣୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଅତି ଜରୁରୀ ହେଉଛି। ଏ ବାବଦରେ ଏସପି ରାଜ ପ୍ରସାଦ କହିଛନ୍ତି, ଜାତୀୟ ରାଜପଥରେ ପାଟ୍ରୋଲିଂ କରିବା ପାଇଁ ସ୍ୱତନ୍ତ୍ର ପୁଲିସ୍ ଟିମ ଗଠନ କରାଯାଇଛି। ଏହି ଟିମ୍ ଦ୍ୱାରା ଆଜି ଏକ ଲୁଟେରା ଗ୍ୟାଙ୍ଗର ଚାରି ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ଜାତୀୟ ରାଜପଥ ଲୁଟେରାଙ୍କ ଗ୍ୟାଙ୍ଗରେ ସାମିଲ ଥିବା ଜଣାଯାଇଛି। ଯଥା ଶୀଘ୍ର ଜାତୀୟ ରାଜପଥରେ ଲୁଟ କରୁଥିବା ଅନ୍ୟ ମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ପ୍ରସାଦ କହିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବାଧାପ୍ରାପ୍ତ

● ପ୍ରଗତି ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର, ୬।୬ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ବ୍ୟବସ୍ଥାରେ ବାଧା ଉପୁଜିବା ଘଟଣାକୁ ନେଇ ଆଜି ବାଲେଶ୍ୱର ପ୍ରଗତି ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ତରବରିଆ ଭାବରେ ବିଭିନ୍ନ ବିଭାଗ, ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା ଘଟଣା ଓ ଖୁବ୍ ଶୀଘ୍ର ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରି ପୂର୍ବପରି ଅତ୍ୟାବଶ୍ୟକୀୟ ରୋଗୀସେବା ସୁଚାରୁରୂପେ ସମ୍ପାଦନ ହୋଇପାରିବ ସେହି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ହୋଇଥିଲା ଏବଂ ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଦାବି କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଧୀରେ ଧୀରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର ହୋଇଯାଉଛି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ଥିବା ଲୋକେ ଚିକିତ୍ସା ସେବା ପାଇବାରେ ହଇରାଣ ହେଉଛନ୍ତି। ଚିକିତ୍ସାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ଏକପ୍ରକାର ଠପ୍ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଆଜି ପ୍ରଗତି ମଞ୍ଚର ସଭାପତି ଶାନ୍ତନୁ ଦାସ, ସମ୍ପାଦକ ଭାରତ ଭୂଷଣ ଦାସଙ୍କ ସମେତ ଅନୁପ ସ୍ୱାଇଁ, ସତ୍ୟେନ୍ଦ୍ର ଦାସ, ଇତିକୃଷ୍ଣା ସ୍ୱାଇଁ, ସୁଶାନ୍ତ ସାହୁ, ଜିତେନ୍ଦ୍ର ଦାସ, ଅର୍ଦ୍ଧେନ୍ଦୁ ଦାସ, ଲମ୍ବୋଦର ବେହେରା, ପ୍ରତିମା ପଣ୍ଡା, ଏମ୍ ଡି ଇସଲାମ, ବଂଶୀଧର ଦଳାଇ ଏବଂ ସୁଶାନ୍ତ ବେଜ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ପୁନରୁଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଗତି ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

## ଲାପଟପ୍ ଓ ବ୍ୟାଗ୍ ଫେରାଇଲେ ଯୁବକ

ସୋର, ୬।୬ (ସମିସ): ଗତକାଲି ସନ୍ଧ୍ୟାରେ ସୋର ରେଳଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ଜଣେ ଯୁବକ ଲାପଟପ ଓ ବ୍ୟାଗ ଛାଡିଯାଇଥିଲେ। ଯାହାକୁ ପ୍ଲାଟଫର୍ମରେ ଦୋକାନ କରିଥିବା ଆଦର୍ଶ ଯୁବ ପରିଷଦର ସଦସ୍ୟ ହରେକୃଷ୍ଣ ଶିଅଳ ଦେଖିବା ପରେ ସୋର ଆରପିଏଫଙ୍କୁ ହସ୍ତାନ୍ତର କରିଥିଲେ। ଆଜି ମଧ୍ୟାହ୍ନରେ ଉକ୍ତ ଲାପଟପ ଓ ବ୍ୟାଗ ସୋର ପୌରପାଳିକା ତୁଣ୍ଡପଡା ଗ୍ରାମର ଡମ୍ବରୁଧର ମହାନ୍ତି ତାଙ୍କ ପୁଅର ବୋଲି ଦାବି କରିବା ସହିତ ଉପଯୁକ୍ତ ପ୍ରମାଣ ଦେଇଥିଲେ। ପରେ ଆରପିଏଫ ପକ୍ଷରୁ ତାଙ୍କୁ ଏହା ପ୍ରଦାନ କରାଯାଇଥିଲା। ହରେକୃଷ୍ଣଙ୍କର ଏପରି ମହାନତା ପାଇଁ ତାଙ୍କୁ ପ୍ରଶଂସା କରାଯାଇଛି।

# ପୁସ୍ତକ 'କହିଥିଲି ଦିନେ' ଉନ୍ମୋଚିତ




ବାଲେଶ୍ୱର, ୬।୬ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୁସ୍ତକ 'କହିଥିଲି ଦିନେ' ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ଡିନ୍ ପ୍ରଫେସର ସୁପ୍ରୀତି ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ ଯେ ଡାକ୍ତର ନନ୍ଦଙ୍କ ବିଭିନ୍ନ ବିଷୟରେ ତାଙ୍କର ତାତ୍ତ୍ୱିକ ଆଲୋଚନା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଡାକ୍ତର ନନ୍ଦଙ୍କୁ ଜଣେ ଇର୍ଷଣୀୟ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ। ଜଣେ ଦକ୍ଷ ଚିକିତ୍ସକ, ସୁସାହିତ୍ୟିକ, ଜନପ୍ରିୟ ବକ୍ତା, ସମାଜସେବୀ ତଥା ଜଣେ ନିରଂହକାର ଦରଦୀ ମଣିଷ ଭାବରେ ଡାକ୍ତର ନନ୍ଦ ବହୁ ଲୋକଙ୍କର ଆଦର୍ଶ ପାଲଟିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବରେ ପୁସ୍ତକ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି କବି ଦୀପକ ଦୋଷ ଡାକ୍ତର ନନ୍ଦଙ୍କ ପ୍ରତ୍ୟେକଟି ବକ୍ତବ୍ୟ କିପରି ଶ୍ରୋତାମାନଙ୍କ ମନରେ ପ୍ରଭାବ ପକାଇଥାଏ ସେ ସଂପର୍କରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଦୀପକ ବୋଷଙ୍କ ରଚିତ ଏକ ଭଜନକୁ ଗୁରୁ ସତ୍ୟରଞ୍ଜନ ମହାନ୍ତି ପରିବେଷଣ କରିଥିଲେ। ଗାଳ୍ପିକ ନିବାରଣ ଜେନା ଅତିଥିମାନଙ୍କୁ ମଞ୍ଚ ଆବାହନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ରଶ୍ମିରେଖା ପତି ଶେଷ କଥା ରଖିଥିଲେ। ଇଂ ସାରଦା ପ୍ରସନ୍ନ ନନ୍ଦ, ଡାକ୍ତର ସୋମା ନନ୍ଦ ଓ ଇଂ. ସୁଧୀର କୁମାର ଦାଶ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଅଟୋକୁ ପିଟି ବାଇକ ଆରୋହୀ ଗୁରୁତର

ସୋର, ୬।୬ (ସମିସ): ସୋର ରେଳ ଉଡ଼ନ୍ତା ପୋଲ ଉପରେ ବାଇକ ଅଟୋ ପଛରେ ଧକ୍କା ଦେବା ଫଳରେ ଯୁବକ ଜଣକ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛି। ସୂଚନା ଅନୁସାରେ ଆଜି ସକାଳେ ସୋର ପାରମହଲା ଗ୍ରାମର ସେକ ଅମୀର ଏକ ବାଇକରେ ସୋର ରେଳ ଉଡ଼ନ୍ତା ପୋଲ ଉପରେ ଯାଉଥିବା ସମୟରେ ଆଗରେ ଯାଉଥିବା ଟ୍ରକ ହଠାତ ବ୍ରେକ ମାରିବାରୁ ପଛରେ ଯାଉଥିବା ଅଟୋଟି ହଠାତ ବ୍ରେକ ମାରିବାରୁ ବାଇକ ଚାଳକ ଭାରସାମ୍ୟ ହରାଇ ଅଟୋ ପଛରେ ଧକ୍କା ଦେଇଥିଲା। ଫଳରେ ବାଇକ ସହ ଅମୀର ଦୁର୍ଘଟଣାଗ୍ରସ୍ତ ହୋଇ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ସଂଗେ ସଂଗେ ବାଟରେ ଯାଉଥିବା ଲୋକେ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାରେ ଅମୀରକୁ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

## ହିମାଂଶୁଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇଲା 'ଦି ନ୍ୟୁ ହୋପ'



ବାଲେଶ୍ୱର, ୬।୬ (ସମିସ): ହିମାଂଶୁ ରାଉତ ବୟସ ମାତ୍ର ଅଠର ବର୍ଷ। ପାଠପଢା ବୟସରେ ଆଜି ସେ ଶଯ୍ୟାଶାୟୀ। ମାତ୍ର ଏକ ବର୍ଷ ପୂର୍ବେ ବାପାଙ୍କୁ ହରାଇଥିବା ମେଧାବୀ ଛାତ୍ର ହିମାଂଶୁଙ୍କ ଉପରେ ଦାଉ ସାଜିଲା ଦଇବ। ଟ୍ୟୁସନ ସାରି ଘରକୁ ଫେରୁଥିବା ବେଳେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ଏକ ଅଜଣା ଗାଡି ଧକ୍କାରେ ଆହତ ହୋଇଥିଲେ ହିମାଂଶୁ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ବାଲେଶ୍ୱର ଓ ପରେ କଟକରେ ଚିକିତ୍ସା ହୋଇଥିଲେ ମଧ୍ୟ ସୁଫଳ ମିଳିନଥିଲା। ତାଙ୍କର ଚିକିତ୍ସା ଓ ଫିଜିଓଥେରାପି ପାଇଁ ଆବଶ୍ୟକ ଲକ୍ଷାଧିକ ଟଙ୍କା। ହିମାଂଶୁଙ୍କ ମା' ସ୍ୱର୍ଣ୍ଣରେଖା ରାଉତ ଏକ ବେସରକାରୀ ସ୍କୁଲରେ କାର୍ଯ୍ୟରତ ଥିବାବେଳେ ଚିକିତ୍ସା ପାଇଁ ଅର୍ଥର ଯୋଗାଡ଼ ହୋଇପାରୁନାହିଁ। ପୁଅର ଚିକିତ୍ସା ପାଇଁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ମା' ଅନୁରୋଧ କରିଥିଲେ। ଏହି ଖବର ପାଇ ସର୍ବଦା ଅସୁବିଧାରେ ଥିବା ଲୋକଙ୍କୁ ସାହାଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ 'ଦି ନ୍ୟୁ ହୋପ' ଆଗେଇ ଆସିଥିଲେ। ସଂଗଠନ ବରିଷ୍ଠ ସଦସ୍ୟ ସମରେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଦି ନ୍ୟୁ ହୋପର ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ୧୫୦୦୦ ଟଙ୍କା ଆର୍ଥିକ ସାହାଯ୍ୟ କରିଥିଲେ। ଭବିଷ୍ୟତରେ ହିମାଂଶୁଙ୍କ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ହେଲେ ସଂଗଠନ ପକ୍ଷରୁ ସହାୟତା କରାଯିବ ବୋଲି ସଂଗଠନ ସଭାପତି ସଂଗ୍ରାମ ପଣ୍ଡା କହିଥିଲେ। ଏହି ସମୟରେ ସଂଗଠନ ସଦସ୍ୟ ଅଶ୍ୱିନୀ ଦାସ, ଶିବାଶିଷ ସାହୁ, ତପନ ଜେନା, ସୁଶାନ୍ତ ରଣା, ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରମୋହନ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳନ

ବାଲେଶ୍ୱର, ୬।୬ (ସମିସ): ଫକୀରମୋହନ ମହାବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ପୌରାହିତ୍ୟରେ ଏକ ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୟାଧର ପାଢ଼ୀ ଯୋଗଦେଇ ପରିବେଶର ସୁରକ୍ଷା ଦିଗରେ ଛାତ୍ର ସମାଜର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପରିବେଶବିତ୍ ଡ. ସୁବ୍ରତ ନାୟକ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ୨୦୨୫ ବର୍ଷ ପାଇଁ ଏହି ଦିବସର ବିଷୟ ବସ୍ତୁ "ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତଃ'ର ବିଭିନ୍ନ ଦିଗ ଉପରେ ଅନ୍ୟତମ ସମ୍ମାନିତ ଅତିଥି ଏବଂ ବରିଷ୍ଠ ରୋଟାରିଆନ ସୁବ୍ରତ କର ମତାମତ ଉପସ୍ଥାପନା କରିଥିଲେ। ଏହି ସଭାକୁ ରସାୟନ ବିଭାଗ ଅଧ୍ୟାପକ ଗୟାଧର ମଲ୍ଲିକ ପରିଚାଳନା କରିଥିବାବେଳେ ଆଇକ୍ୟୁଏସି କୋଅର୍ଡିନେଟର ଡ. ମୌସୁମୀ ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏନଏସଏସ (ଜାତୀୟ ସେବା ଯୋଜନା) ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ନାମରେ ଏକ ଗଛ ଲଗାଇବା' କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।




## ନାବାଳିକାକୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଅଟକ

ନୀଳଗିରି, ୬।୬ (ସମିସ): ଯୁକ୍ତଦୁଇରେ ପଢୁଥିବା ଜୈନିକା ନାବାଳିକାକୁ ଥଣ୍ଡା ପିଇବାକୁ ଡାକିନେଇ ସମ୍ପର୍କୀୟ ଭିଣୋଇ ବଳାତ୍କାର କରିଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଅଯୋଧ୍ୟା ଫାଣ୍ଡି ଅଞ୍ଚଳର ଜୈନିକ ନାବାଳିକା ନିଜ ଘର ସାମ୍ନାରେ ଠିଆ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନସ୍ଥ ଆରପଟା ଗ୍ରାମର ସାଧୁ ବିନ୍ଧାଣୀଙ୍କ ପୁଅ ରାଜେନ୍ଦ୍ର ବିନ୍ଧାଣୀ ନାବାଳିକାଙ୍କ ନିକଟକୁ ଆସି ଥଣ୍ଡା ପିଇବାକୁ ଡ଼ାକିନେଇ ବଳାତ୍କାର କରିଥିଲା। ଘଟଣା ବାବଦରେ ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ପରେ ନାବାଳିକା ଜଣକ ପରିବାର ନିକଟରେ ସମସ୍ତ ଘଟଣା କହିବା ପରେ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ ଦାସ ଅଭିଯୁକ୍ତକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଏ ନେଇ ନୀଳଗିରି ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## 'ମାସ୍' ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର, ୬।୬(ସମିସ): ମାନବ ଅଧିକାର ସୁରକ୍ଷା ସଂସଦ (ମାସ୍) ଆନୁକୂଲ୍ୟରେ ଆଇଟିଆଇ ହାଇସ୍କୁଲ୍ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର "ପରିବେଶ ସୁରକ୍ଷା ଅଭିଯାନ'ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ପ୍ରସନ୍ନ ପାତ୍ରଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସଭାପତି ଅଭୟ ଦାସ, ସମ୍ପାଦକ ଦେବାଶିଷ ପଣ୍ଡା, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, ସଦସ୍ୟ ଓ ସଦସ୍ୟା ହରିପଦ ଭୂୟାଁ, ବିଦ୍ୟାଧର ନାୟକ, ବିଜୟ ଦାସ ଅଧିକାରୀ, ଅର୍ଚ୍ଚନା ନନ୍ଦୀ, ପ୍ରତିମା ପଣ୍ଡା, ଆଶ୍ରିତା ତରେଇ, ପ୍ରଣିତା ମିଶ୍ର, ମାନସ ରଥ, ଦିଲ୍ଲୀପ ପଣ୍ଡା, ପ୍ରଦ୍ୟୁମ୍ନ ନାୟକ, ତରୁପ୍ରଭା ଦାସ, ଦେବବ୍ରତ କର, ରବୀନ୍ଦ୍ର କୁମାର ଦାଶ, ମଞ୍ଜୁଲତା ବଳ ଏବଂ ଲଳିତ ମୋହନ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ୯ ନମ୍ବର ୱାର୍ଡ

# ଜିଲ୍ଲାପାଳଙ୍କ ବାସଭବନ ପାଚେରୀ କଡ଼ରେ ଅଳିଆ ଗଦା

ବାଲେଶ୍ୱର, ୬।୬ (ସମିସ)

ସହରର ରାସ୍ତା କଡ଼ରେ ତାଳସଜ ବିକ୍ରି ସରିଗଲା ହେଲେ ରହିଗଲା ତାଳସଜ ଚୋପା। ଯାହା ଏବେ ସହର ପରିବେଶ ତଥା ରାସ୍ତାକୁ ଦୁର୍ଗନ୍ଧରେ ପୋତି ପକାଉଛି। ବସ୍ତାରେ ଭର୍ତ୍ତି ତାଳସଜ ଚୋପା ସବୁ ରାସ୍ତା କଡ଼ରେ ପଡିରହିଛି। ଯାହା ଏକପ୍ରକାର ଅଳିଆ ଗଦା ପାଲଟିଛି। ସହରର ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାଶ୍ୱର୍ରେ ଗଦା ହୋଇଛି କୁଢ କୁଢ ଆବର୍ଜନା। ଦିନେ କି ଦୁଇ ଦିନ ନୁହେଁ ବରଂ ମାସ ମାସ ଧରି ଏପରି ଆବର୍ଜନା ଜମା ହୋଇ ଦୁର୍ଗନ୍ଧରେ ଫାଟୁଛି ପରିବେଶ। ପଇଡ଼ ଖୋଳଠୁ ଆରମ୍ଭ କରି ତାଳସଜ ଚୋପା ସହ ଅନ୍ୟାନ୍ୟ ଆବର୍ଜନା ଗଦା ହୋଇପଡିଛି। ଦୀର୍ଘ ଦିନ ସଫା ଅଳିଆ ଉଠିନଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସେଇ ରାସ୍ତା ଦେଇ ଯିବା ଲୋକ ନାକରେ ହାତ ନହେଲେ କପଡା ଦେଇ ଯାଉଛନ୍ତି। ସବୁଠୁ ବଡ଼ କଥା ହେଉଛି



ଏହା ଜିଲ୍ଲାପାଳଙ୍କ ବାସଭବନ ପଛପାଖ ପାଚେରୀକୁ ଲାଗି ପଡିଛି ଅଳିଆ। ଚକାଚକ୍ ରଙ୍ଗ ଦିଆ ପାଚେରୀ ପାଖରେ ସଢୁଛି ଗଦା ଗଦା ଆବର୍ଜନା। ଏ ହେଉଛି ବାଲେଶ୍ୱର ପୌରପାଳିକା ୯ ନମ୍ବର ୱାର୍ଡ ପଡୁଆଁପଦା ନିକଟ ରାସ୍ତା। ଯେଉଁଠି ଜିଲ୍ଲାପାଳଙ୍କ ବାସଭବନ ପଛପାଖ ପାଚେରୀ ଶେଷ ଏବଂ ନାରୀ ସଂଘ ନିକଟ ରାସ୍ତା। ସୂଚନାଯୋଗ୍ୟ, ବାଲେଶ୍ୱର ପୌରପାଳିକା ୯ ନମ୍ବର ୱାର୍ଡର ପଡୁଆଁପଦା ତଥା ଜିଲ୍ଲାପାଳଙ୍କ ବାସଭବନ ପଛପାଖ ରାସ୍ତା। ଏହି ରାସ୍ତା ସମ୍ପ୍ରସାରଣ ହୋଇ ଓସାରିଆ ହେବା ସହ ନିକଟରେ ଜିଲ୍ଲାପାଳଙ୍କ ବାସଭବନ ପାଚେରୀକୁ ରଙ୍ଗ ମଧ୍ୟ କରାଯାଇଛି। ତେବେ ନିକଟରେ କିଛି ତାଳସଜ ବେପାରୀ ଏହି ପାଚେରୀ କଡରେ ତାଳସଜ ବିକ୍ରି କରୁଥିଲେ। ଏବେ ତାଳସଜ

**ଦୁର୍ଗନ୍ଧରେ ଫାଟୁଛି ପରିବେଶ**

ବିକ୍ରି ତ ସରିଗଲା ହେଲେ ରହିଗଲା ବସ୍ତା ବସ୍ତା ତାଳସଜ ଚୋପା। ଗଦା ଗଦା ତାଳସଜ ଚୋପା ଏବେ ବି ସେଇଠି ପଡିଛି। ଯାହା ସେମାନେ ସେଠାରେ ପକାଇଛନ୍ତି। ଫଳରେ ବର୍ଷାରେ ସେସବୁ ପଚିସଢି ଦୁର୍ଗନ୍ଧ ହେଉଛି। ଅନ୍ୟପଟେ ଏହି ସ୍ଥାନରେ ଦୀର୍ଘଦିନ ଧରି ଅଳିଆ ପଡିଛି ହେଲେ ପୌରପାଳିକା ପକ୍ଷରୁ ସଫେଇ ସଂସ୍ଥା ଏ ଦିଗରେ ନିରବଦ୍ରଷ୍ଟା। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରନ୍ତି। ବଡବଡିଆ ଅଫିସର ବି ଯାଉଛନ୍ତି। ହେଲେ ରାସ୍ତା ପାଶ୍ୱର୍ ଏପରି ଅସ୍ୱାସ୍ଥ୍ୟକର ଦୃଶ୍ୟ ସମସ୍ତେ ଦେଖି ଚୁପ୍। ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିଲେ ବି କିଛି ପଦକ୍ଷେପ ନାହିଁ। ଏହାବ୍ୟତୀତ ସହରର ବିଭିନ୍ନ ଛକ ଜାଗାରେ ଅଳିଆ ପଡିରହୁଛି। ଲୋକମାନେ ବି ଏନେଇ ସଚେତନ ହେଉନାହାଁନ୍ତି। ଅନ୍ୟପଟେ ଦିନକୁ ଦୁଇଥର ସହର ସଫେଇ ପରେ ବି ସ୍ୱଚ୍ଛ ହୋଇପାରୁନି ପରିବେଶ। ଏ ବାବଦରେ ସ୍ଥାନୀୟ କାଉନସିଲର ସଞ୍ଜୀବ କୁମାର ଦାସଙ୍କୁ ପଚାରିବାରୁ କହିଥିଲେ, ସେଠାରୁ କିଛି ଅଳିଆ ଉଠିଛି ଏବଂ ବାକି ପୌରପାଳିକାର ହେଲଥ୍ ଅଫିସରଙ୍କୁ ଅଭିଯୋଗ କରିଛି। ସେ ଗୋଟିଏ ସପ୍ତାହ ଭିତରେ ଅଳିଆ ଉଠିଯିବ ବୋଲି କହିଛନ୍ତି। ସେଠାରେ ତାଳସଜ ବିକ୍ରି କରି ସେଠାରେ ପକାଇଛନ୍ତି। ବାରମ୍ବାର ମନା କଲା ପରେ ବି ଶୁଣୁନାହାନ୍ତି। ଆଜିକାଲି ଲୋକେ ବି ସଚେତନ ହେଉନାହାଁନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

## ବିଦ୍ୱେଷ ଓ ବିଦ୍ରୋହ

ପରିବର୍ତ୍ତିତ ପରିସ୍ଥିତିରେ ରଣକୌଶଳ ବଦଳିଛି। ଗୁଳି, ଗୋଳା, ତୋପ ଓ ଟ୍ୟାଙ୍କ ମାଧ୍ୟମରେ ସୀମାରେ ଦୁଇପକ୍ଷର ପଦାତିକ ବାହିନୀ ମୁହାଁମୁହିଁ ହୋଇ ଲଢ଼ିବା ସମୟ ଆଉ ନାହିଁ। ବାୟୁସେନାର ଅପୋକ୍ଷକୃତ ଗୁରୁତ୍ୱ ବଢ଼ିଛି। ନୂଆପିଢ଼ିର ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଓ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ପ୍ରୟୋଗ କରି ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଢାଞ୍ଚାକୁ ଧ୍ୱସ୍ତବିଧ୍ୱସ୍ତ କରିବା ହେଉଛି ଏବର ନୂଆ ରଣକୌଶଳ। ୧୯୪୮ ରୁ ୧୯୯୯ ପର୍ଯ୍ୟନ୍ତ ଭାରତ ସହ ପାକିସ୍ତାନ ଚାରିଟି ଯୁଦ୍ଧ ଲଢ଼ିଥିଲେ ମଧ୍ୟ ୧୯୭୧ ଓ ୧୯୯୯ ଥିଲା ନିର୍ଣ୍ଣାୟକ ରଣକ୍ଷେତ୍ର। ୧୯୭୧ରେ ପାକିସ୍ତାନ ତାହାର ପୂର୍ବାଞ୍ଚଳକୁ ସବୁଦିନ ପାଇଁ ହରାଇଥିଲା, ଯାହା ଏବେ ବାଂଲାଦେଶର ମାନ୍ୟତା ଲାଭ କରିଛି। ସେହିଭଳି ୧୯୯୯ କାରଗିଲ ଯୁଦ୍ଧରେ ମଧ୍ୟ ପାକିସ୍ତାନ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ପାକ୍ ପଦାତିକ ବାହିନୀର କ୍ରମାଗତ ଏହି ବିଫଳତାକୁ ଦର୍ଶାଇ ବାୟୁସେନା ନିଜର ଶକ୍ତି ଓ ସାମର୍ଥ୍ୟ ଏଥର ପ୍ରଦର୍ଶନ କରିଛି। ଏକଥା ଖୋଲା ଖୋଲି ଏୟାର ଭାଇସ୍ ମାର୍ଶାଲ ଆଉରଙ୍ଗଜେବ ମହମ୍ମଦ ପାକ୍ ସେନାବାହିନୀ ମୁଖପାତ୍ରଙ୍କ ଉପସ୍ଥିତିରେ ଦର୍ଶାଇଛନ୍ତି। ସେ ପରୋକ୍ଷରେ ଇଙ୍ଗିତ କରିଛନ୍ତି ଯେ ଦେଶର ସାମରିକ ବ୍ୟବସ୍ଥାରେ ପଦାତିକ ବାହିନୀର ପ୍ରାଧାନ୍ୟ ଓ ପତିଆରା କ୍ଷୁଣ୍ଣ ହୋଇଛି। ଏ ସବୁସତ୍ତ୍ୱେ ସାମରିକ ମୁଖ୍ୟ ଅମୀତ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ସମ୍ମାନ ସରକାର ପ୍ରଦାନ କରିଛନ୍ତି। ଆୟୁବ୍ ଖାଁଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ପଦାତିକ ବାହିନୀ ମୁଖ୍ୟ ଯିଏ କି ଏହି ସମ୍ମାନ ପାଇଛନ୍ତି।

ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଯେ ଗୋଟିଏ ବ୍ୟବସ୍ଥାର ଦୁଇ ବାହିନୀ ମଧ୍ୟରେ ମୁଣ୍ଡ ଟେକିଥିବା ଏହି ବିଦ୍ୱେଷ ଆଗକୁ ବିଦ୍ରୋହର ରୂପ ନେବନି ତ? କାରଣ ପାକିସ୍ତାନର ସେନାବାହିନୀର ମୁଖ୍ୟ ଦାୟିତ୍ୱ ସ୍ଥଳ ସେନାବାହିନୀ ହାତରେ ହିଁ ରହିଆସିଛି। ସେହି ମୁଖ୍ୟମାନେ ଦେଶରେ ୩୩ ବର୍ଷ ଧରି ପ୍ରତ୍ୟକ୍ଷ ଭୂମିକାରେ ଥିଲେ। ଅବଶିଷ୍ଟ ୪୮ ବର୍ଷ ସେମାନଙ୍କ ଇଙ୍ଗିତରେ ବେସାମରିକ ନେତୃତ୍ୱ ଦେଶରେ ଶାସନ କରିଆସିଛି। ତେଣୁ ସାମରିକ ବାହିନୀର ମୁଖ୍ୟ ପଦବୀ ପାଇଁ ବାୟୁସେନା ମୁଖ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଦାବିଦାର ହେବା ଅସ୍ୱାଭାବିକ ନୁହେଁ। ଏୟାର ଭାଇସ ମାର୍ଶାଲ୍ ଆଉରଙ୍ଗଜେବ୍ ଅହମ୍ମଦ ଦାବି କରିଛନ୍ତି ଯେ ମେ ୬ ତାରିଖ ପ୍ରାରମ୍ଭିକ ପର୍ଯ୍ୟାୟ ଆକ୍ରମଣ ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନକୁ ଧ୍ୱଂସ କରି ୬-୦ ରେ ବିଜୟୀ ହୋଇଛି। ଅବଶ୍ୟ ପାକିସ୍ତାନ ଏହା ସପକ୍ଷରେ ଆନ୍ତର୍ଜାତିକ ସମୁଦାୟକୁ ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହୋଇଛି। ତେବେ ପାକିସ୍ତାନବାସୀ ଏହାକୁ ଗ୍ରହଣ କରି ବିଜୟୋଲ୍ଲାସରେ ମଦମତ୍ତ। ତେଣୁ ତ ବାୟୁସେନା ଚ୍ୟାଲେଞ୍ଜ କରିବାକୁ ସୁଯୋଗ ପାଇଛି। ଅଥଚ ପରବର୍ତ୍ତୀ ତିନିଦିନର ବିପର୍ଯ୍ୟୟ ସମ୍ପର୍କରେ ଆଉରଙ୍ଗଜେବ ନିରବ। ତାଙ୍କର ଏହି ବକ୍ତବ୍ୟକୁ ଭାରତର ସିଡିଏସ୍ ଅନୀଲ ଚୌହ୍ୱାନ ବ୍ଲୁମ୍‌ବର୍ଗକୁ ଦେଇଥିବା ସାକ୍ଷାତକାରରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ତୁଳନାତ୍ମକ ବିଚାର କଲେ ମନେହୁଏ ମେ ୬ ତାରିଖରେ ଆମେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛୁ। ଆମ ଯୁଦ୍ଧ ବିମାନକୁ ପ୍ରତିପକ୍ଷ ଖସାଇ ଦେଇଛି। ତେଣିକି ଏହି ସଂଖ୍ୟା ଯାହା ହେଉନା କାହିଁକି। ମେ ୬ ତାରିଖରେ ତ୍ରୁଟିକୁ ସୁଧାରି ଭାରତ ପ୍ରତିପକ୍ଷ ଉପରେ ଯେଉଁ କ୍ରମାଗତ ପ୍ରହାର କରିଛି ତାହା ଉଲ୍ଲେଖନୀୟ।

ପାକିସ୍ତାନର ଦାବି ଓ ଅସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଛି ଯେ ଚାରିଦିନର ଯୁଦ୍ଧ ମଧ୍ୟରୁ ପ୍ରଥମ ଦିନକୁ ବାଦଦେଲେ ଅବଶିଷ୍ଟ ୩ ଦିନ ନିରଙ୍କୁଶ ପ୍ରହାର କରି ଆମେ ପ୍ରତିପକ୍ଷକୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିଛୁ। ଏସବୁ ସତ୍ତ୍ୱେ ପ୍ରଥମ ଦିନର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆତଙ୍କବାଦୀଙ୍କ ଆଡାରେ ଆମେ ଲକ୍ଷ୍ୟ ଭେଦ କରିଛୁ। କ୍ଷତି ବଡ଼ କଥା ନୁହେଁ। ନିର୍ଦ୍ଧାରିତ ଟାର୍ଗେଟକୁ ଧ୍ୱଂସ କରିବା ଅନ୍ୟତମ ସଫଳତା ଦାବି କରାଯାଇପାରେ।

ଅନୀଲ ଚୌହାନଙ୍କ ସ୍ୱୀକାରୋକ୍ତି ପରେ ଗୁମର ଖୋଲିବା ଆରମ୍ଭ କରିଛି। ଚୀନ ଉପଗ୍ରହ ମାଧ୍ୟମରେ ଭାରତର ସ୍ଥିତି ସମ୍ପର୍କରେ ଦେଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ପାକିସ୍ତାନ ବାୟୁସେନା ଅଧିକାରୀଙ୍କ ପୃଷ୍ଠପଟ୍ଟରେ ଚୀନ୍ ବିଶେଷଜ୍ଞ ଯୁଦ୍ଧ ସଂଚାଳନ କରୁଥିବାର ସ୍ପଷ୍ଟ ହୋଇଛି। ତେଣୁ ପରିବର୍ତ୍ତିତ ରଣକୌଶଳରେ ଭାରତୀୟ ବାୟୁସେନା ଯେଉଁ ପ୍ରହାର ଆରମ୍ଭ କଲା ସେଥିରେ ପାକିସ୍ତାନର ୬ଟି ଜେଟ୍, ଦୁଇଟି ଆୱାକସ୍, ଗୋଟିଏ ପରିବହନ ବିମାନ ଓ ୩୦ କ୍ଷେପଣାସ୍ତ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ସେତିକି ନୁହେଁ ପାକିସ୍ତାନ ବିଭିନ୍ନ ସ୍ଥାନରେ ଥିବା ବାୟୁସେନା କେନ୍ଦ୍ର ଉପରେ ନିର୍ଣ୍ଣାୟକ ଆକ୍ରମଣ କରିଛି। ଏକ୍ଷେତ୍ରରେ ପାଲଟା ଆକ୍ରମଣ ପାଇଁ ଶକ୍ତି ଓ ସାମର୍ଥ୍ୟ ହରାଇ ବୁଝାମଣା ସକାଶେ ତୃତୀୟ ପକ୍ଷର ସହାୟତା ଲୋଡ଼ିଛି। ଉଭୟ ପକ୍ଷର ଦାବି ଓ ପ୍ରତିବାଦରୁ ଯାହା ସ୍ପଷ୍ଟ ହେଇଛି ତାହା ହେଲା ମେ ୬ ତାରିଖରେ ପାକିସ୍ତାନର ୯ଟି ଆତଙ୍କବାଦୀ କେନ୍ଦ୍ରର ଧ୍ୱଂସ ପ୍ରୟାସ ବେଳେ ଭାରତକୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥିଲା। ଜେନେରାଲ୍ ଚୌହ୍ୱାନ ଯାହା କହିଛନ୍ତି ତାହାର ମଧ୍ୟ ଯଥାର୍ଥତା ରହିଛି। ପ୍ରାରମ୍ଭିକ ବିପର୍ଯ୍ୟୟ ଯୁଦ୍ଧର ଶେଷ କଥା ନୁହେଁ। ସଂଶୋଧିତ ରଣନୀତିରେ ଯେଉଁ ନିର୍ଣ୍ଣାୟକ ଆକ୍ରମଣ ହେଲା ତାହାର ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଓ ପରିଣତି ପାକ୍ ବାୟୁସେନାରେ ଶୋଚନୀୟ ବିପର୍ଯ୍ୟୟ ଘଟାଇଛି। ଏହାକୁ କେନ୍ଦ୍ର କରି ବ୍ୟାପକ ତର୍ଜମା ହୋଇଥିବାରୁ ଆନ୍ତର୍ଜାତିକ ସମୁଦାୟ, ବିଶେଷ କରି ଚୀନ ବୁଝିପାରିଛି ପରିସ୍ଥିତିର ଗୁରୁତ୍ୱ। ବରଂ ଏହାକୁ ଚୀନ୍ ବିରୋଧରେ ପରୋକ୍ଷ ଆକ୍ରମଣ କୁହାଯାଇପାରେ।

ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ସକାଶେ ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପ୍ରସ୍ତୁତି ଆରମ୍ଭ କରିଛି। ଚୀନଠାରୁ ସ୍ୱତନ୍ତ୍ର କ୍ଷମତା ସମ୍ପନ୍ନ ୫ମ ପିଢ଼ିର ୪୦ଟି ଜେ-୩୫ ଯୁଦ୍ଧ ବିମାନ ସଂଗ୍ରହ କରୁଛି ପାକିସ୍ତାନ। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଣର ପ୍ରତିଶ୍ରୁତି ପାଇ ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ସିଧୁ କହିଛନ୍ତି ଯେ ଆଗକୁ ଅସଲ ଯୁଦ୍ଧରେ ସେ ନେତୃତ୍ୱ ନେବେ। ପରିବର୍ତ୍ତିତ ସମୟର ଆବଶ୍ୟକତା ଦୃଷ୍ଟିରୁ ପଦାତିକ ବାହିନୀ ଗୁରୁତ୍ୱ ହରାଇଛି। ପରୋକ୍ଷରେ ସେ ଜେନେରାଲ ମୁନୀରଙ୍କ ପ୍ରଭୁତ୍ୱ ଓ ପ୍ରଭାବୀ ଭୂମିକା ଗୁରୁତ୍ୱ ହରାଇଥିବା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୁସରଫ୍. ମେ ୨୦ ତାରିଖରେ ସିଧୁଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି କରି ଆଭ୍ୟନ୍ତରୀଣ ବିଦ୍ରୋହ ଓ ବିଦ୍ୱେଷ ପ୍ରଶମନ କରିଛନ୍ତି। ତେବେ ଏହା ଶେଷ କଥା ନୁହେଁ। ସାମରିକ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଏହି ଫାଟରୁ ରାଜନୈତିକ ନେତୃତ୍ୱ ଫାଇଦା ହାସଲ କରିବା ମଧ୍ୟ ସମ୍ଭାବନା ଅଛି।

# ଭୂମି ବ୍ୟାଙ୍କ ବନାମ ଭୂମି ସଂସ୍କାର

**ପ୍ରତାପ ଚନ୍ଦ୍ର ସାମଲ**

ଭାରତ ସମେତ ଅନ୍ୟ ଦେଶରେ କୃଷକ ସଂଘମାନେ ବିଭିନ୍ନ ଆନ୍ଦୋଳନର ପନ୍ଥା ଧରି ଦାବି ବାଢ଼ିବାରେ ବ୍ୟସ୍ତ। ଏହାଦ୍ୱାରା ଅର୍ଥନୈତିକ ବିକାଶରେ ଦେଶ ପଛରେ ପଡ଼ିଯାଏ। କିନ୍ତୁ ଜାପାନ ଓ ଦକ୍ଷିଣ କୋରିଆର କୃଷିସେବା ସମିତିମାନଙ୍କ ପରି ତାଇୱାନ୍‌ର ୨୦୦ କୃଷକ ସଂଘ ବିଭିନ୍ନ କୃଷିରଣ ଗ୍ରହଣ କରି ଯଥେଷ୍ଟ ଉତ୍ପାଦନ ବଢ଼ାଇପାରିଛନ୍ତି। ଫଳରେ ୧୯୬୩ରୁ ୧୯୭୯ ମସିହା ମଧ୍ୟରେ ତାଇୱାନ୍ ଅଧିବାସୀମାନଙ୍କ ହାରାହାରି ବ୍ୟକ୍ତିଗତ ଆୟ ୭ ଗୁଣା ବଢ଼ିଛି। ଅର୍ଥାତ୍ ଜାପାନ ପଛକୁ ତାଇୱାନ୍ ଆର୍ଥିକ ପଦ୍ଧତିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ତାଇୱାନ୍ ଦ୍ୱୀପ ଚୀନ୍‌ର ମୂଳ ଭୂଖଣ୍ଡ ଠାରୁ ୧୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ୧୯୫୩ ମସିହାରେ ସେଠାରେ ଆଶୁ ଭୂ-ସଂସ୍କାର ପ୍ରବର୍ତ୍ତନ ଆରମ୍ଭ ହୋଇ ୧୯୬୨ ମସିହା ସୁଦ୍ଧା ଚାଷୀମାନଙ୍କ ଭିତରେ ଜମିବଣ୍ଟନ ତଥା ରୟତ ସତ୍ତ୍ୱ ପ୍ରଦାନ କରାଗଲା। ଉକ୍ତ ଭୂ-ସଂସ୍କାର ନୀତିକୁ ସଫଳ ରୂପାୟନ ଦେବାରେ ତାଇୱାନ୍‌ର ଭୂମି ବ୍ୟାଙ୍କ ଓ ତା'ର ୨୯ଟି ଶାଖା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସରକାରଙ୍କ ବିନା ଅର୍ଥ ବିନିଯୋଗରେ ଭୂମି ବଣ୍ଟନ କାର୍ଯ୍ୟ ଅଳ୍ପ ସମୟରେ ସୁରୁଖୁରୁରେ ସମାପିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଜମିଦାରମାନଙ୍କୁ କ୍ଷତିପୂରଣ ବାବଦରେ ଭୂମିରଣ ପତ୍ର ପ୍ରଦାନ କରି ସେମାନଙ୍କ ଜମି କ୍ରୟ କରିଥିଲେ। ଜମିଦାରଙ୍କ କ୍ଷତିପୂରଣ ପୈଠ କରିବା ପାଇଁ ଚାଷୀମାନଙ୍କଠାରୁ ଶସ୍ୟ ଅମଳ ପରେ କିସ୍ତିରେ ସେଠାକାର ଫସଲ ଧାନ କିମ୍ବା କନ୍ଦମୂଳ ଆଦାୟ ହୋଇ ତାହା ଖାଦ୍ୟ ନିଗମକୁ ବିକ୍ରୟ କରି ମୂଲ୍ୟବାବଦ ଅର୍ଥ ବ୍ୟାଙ୍କରେ ଜମାହୁଏ। ବ୍ୟାଙ୍କ ଉକ୍ତ ଜମାରୁ ଭୂମିରଣ ପତ୍ର ଭଙ୍ଗାଇ ଜମିଦାରମାନଙ୍କୁ ତାଇୱାନ୍ ଡଲାର ଦିଏ। ଉକ୍ତ ବ୍ୟାଙ୍କ ସରକାରୀ କୃଷି ଫାର୍ମ ନିଜ ଦାୟିତ୍ୱରେ କିମ୍ବା ଚାଷୀମାନଙ୍କ ସାହାଯ୍ୟରେ ଆତ୍ମନିର୍ଭରଶୀଳ ପନ୍ଥାରେ ସୁଚାରୁ ରୂପେ ପରିଚାଳନା କରି ୧୪୬୪୭ ହେକ୍ଟର ଜମିକୁ ଉନ୍ନତ କରିପାରିଛି। ବ୍ୟାଙ୍କର ପୁଞ୍ଜି ବିନିଯୋଗରେ ସହର ଜମି ତଥା ଶିଳ୍ପନଗରୀ ଜମିଗୁଡ଼ିକର ଉନ୍ନତି ହୋଇପାରିଛି। ବ୍ୟାଙ୍କର ସମୁଦାୟ ରଣର ଶତକଡ଼ା ୫୦.୬୧ଭାଗ କୃଷକ ସଂଘମାନଙ୍କ ଜରିଆରେ କୃଷି ଉତ୍ପାଦନ, ଫସଲ ବିକାକିଣା, ମତ୍ସ୍ୟଚାଷ, ଜଳସେଚନରେ ବିନିଯୋଗ ଇତ୍ୟାଦି କରାଯାଇଛି। ଶତକଡ଼ା ୩୭.୨୦ଭାଗ ଅର୍ଥ ଗୃହ ନିର୍ମାଣରେ ବିନିଯୋଗ କରାଯାଇଛି। ୧୧.୦୮ ଭାଗ ଅର୍ଥ ଜମି କିଣା, ଜମି ସମୀକରଣ, ଗ୍ରାମ, ସହର ତଥା ଶିଳ୍ପନଗରୀ ଜମିର ଉନ୍ନତିରେ ବିନିଯୋଗ କରାଯାଇଛି।

ଭୂ-ସଂସ୍କାର ବ୍ୟବସ୍ଥା ତଦାରଖ କରିବା ପାଇଁ ତାଇୱାନ୍ ସରକାର ଗୋଟିଏ ରୟତ କମିଟି ନିଯୁକ୍ତ କରିଛନ୍ତି। ଉକ୍ତ କମିଟିରେ ୫ ଜଣ ରୟତ, ୨ ଜଣ ଭୂମି ମାଲିକ, ୨ ଜଣ ଜମିଦାର ଓ ୨ ଜଣ ସରକାରୀ କର୍ମଚାରୀ ଅଛନ୍ତି। କମିଟି ଜମିଦାର ଓ ରୟତମାନଙ୍କ ଭିତରେ ଉପୁଜୁଥିବା ବିବାଦକୁ ଆପୋସ ବୁଝାମଣାରେ ତୁଟାଇଥା'ନ୍ତି। ଉକ୍ତ କମିଟି ବାର୍ଷିକ ଉତ୍ପାଦିତ ଫସଲର ବଜାର ଦର ନିରୂପଣ ତଥା ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀର ଫସଲ ନଷ୍ଟ ପାଇଁ ରାଜସ୍ୱ ଛାଡ଼ କରିବାକୁ ସୁପାରିସ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି। ଭୂ-ସଂସ୍କାର ପ୍ରଥମ ପଦକ୍ଷେପ ସ୍ୱରୂପ ଯେଉଁ ଚାଷୀମାନେ ସରକାରୀ ଜମି ଚାଷ କରୁଥିଲେ ସେମାନେ ପଟ୍ଟା ପାଇଲେ। ଜମିଦାରମାନଙ୍କୁ ରୟତମାନେ ଉତ୍ପାଦିତ ଫସଲର ଶତକଡ଼ା ୫୦ ଭାଗରୁ ୭୦ ଭାଗ ପରିବର୍ତ୍ତେ ଶତକଡ଼ା ୩୭.୫ ଭାଗ ଫସଲ ରାଜସ୍ୱ ଆକାରରେ ଦେଲେ।

ସେହିପରି ଲଙ୍ଗଳ ଯାହାର ଜମି ତା'ର ନୀତି ଅନୁଯାୟୀ ଭୂମି ବ୍ୟାଙ୍କ ଜମିଦାରଙ୍କ ଅଧୀନରେ ଥିବା ରୟତମାନଙ୍କ ଜମିକିଣି ପୁଣି ସେହିମାନଙ୍କୁ ବିକ୍ରି କରି କ୍ଷତିପୂରଣ ବାବଦରେ ଶତକଡ଼ା ୭୦ ଭାଗ ଭୂମି ରଣପତ୍ର ପ୍ରଦାନ କରି ଅବଶିଷ୍ଟ ୩୦ ଭାଗ ୪ଟି ସରକାରୀ ଶିଳ୍ପୋଦ୍ୟୋଗରେ ଅଂଶ ଭାବେ ବିନିଯୋଗ କରିବାରୁ ଜମିଦାରମାନେ ଥଇଥାନ ହୋଇ ବିଶେଷ ଲାଭବାନ୍ ହୋଇପାରିଛନ୍ତି। ଜମିଦାରମାନେ ଜମିର ବାର୍ଷିକ ଉତ୍ପାଦିତ ଫସଲର ବଜାର ଦରରେ ୨୧/୨ ଗୁଣ କ୍ଷତିପୂରଣ ପାଇଲେ। ତାଇୱାନ୍‌ରେ ଜଳସେଚିତ ଜମିରେ ବର୍ଷକୁ ଦୁଇଥର ଫସଲ ଅମଳ ହୁଏ ଏବଂ ଅନ୍ୟ ଜମିରେ ପ୍ରଧାନତଃ କନ୍ଦମୂଳ ଚାଷ ହୁଏ। ଏଣୁ ଚାଷୀମାନେ ଜମିଦାରମାନଙ୍କ କ୍ଷତିପୂରଣ ବାବଦରେ ଧାନ କିମ୍ବା କନ୍ଦମୂଳ ଅମଳ ପରେ ବାର୍ଷିକ ୨ଟି କିସ୍ତି ହିସାବରେ ଶତକଡ଼ା ୪ ଟଙ୍କା ସୁଧରେ ୧୦ ବର୍ଷରେ ମୋଟ ୨୦ଟି କିସ୍ତିରେ ଉତ୍ପାଦିତ ଫସଲର ଶତକଡ଼ା ୩୭.୫ ଭାଗ ଖାଦ୍ୟନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଥିଲେ। ମୁଦ୍ରାର ମୂଲ୍ୟରେ ହ୍ରାସବୃଦ୍ଧିକୁ ରୋକିବାକୁ ସରକାର ଜମିଦାରମାନଙ୍କୁ କ୍ଷତିପୂରଣ ଦେବାକୁ ଧାନ ଓ କନ୍ଦମୂଳ ବଦଳରେ ଭୂମିରଣ ପତ୍ର ଦେବାରେ ବ୍ୟବସ୍ଥା କଲେ। ଅବଶ୍ୟ ତାଇୱାନ୍‌ର ଅର୍ଥନୀତି ସୁଦୃଢ଼ ଥିବାରୁ ତାଇୱାନ୍ ଡଲାର ମୂଲ୍ୟର ବିନିମୟ ହାରରେ କ୍ୱଚିତ୍ ପରିବର୍ତ୍ତନ ଘଟେ।

ଉକ୍ତ ରଣପତ୍ର କେବଳ ଜମିଦାରମାନଙ୍କ କ୍ଷତିପୂରଣ ପାଇଁ ଉଦ୍ଦିଷ୍ଟ ଥିବାରୁ ସେମାନେ ବଜାରରେ ତାହାକୁ ଭଙ୍ଗାଇ ପାରୁନଥିଲେ। ଅବଶ୍ୟ ରୟତକୁ ଜମିଦେବା ଆଇନ ଅନୁଯାୟୀ ତାଇୱାନ ଟ୍ରେଜେରୀ ଉକ୍ତ ରଣପତ୍ର ବିନିମୟକୁ ଅଙ୍ଗୀକାରବଦ୍ଧ ଥିବାରୁ ଏହା ରୟତ ଜମି କିଣିବା ଧନରେ ସୁରକ୍ଷିତ ଥିଲେ ମଧ୍ୟ ଜମିଦାରମାନେ ଉକ୍ତ ରଣପତ୍ର ବନ୍ଧକୀ ଦେବକୁ ଅନୁମତି ପାଇଥିଲେ। ଦୈବୀ ଦୁର୍ବିପାକରେ ଫସଲ ନଷ୍ଟ ହେଲେ ଚାଷୀ କିସ୍ତି ଦେବାରେ ଅକ୍ଷମ ହେଉଥିବାରୁ ସରକାର ଗୋଟିଏ 'ଭୂମି ରଣପତ୍ର ମୁକ୍ତି ଅଙ୍ଗୀକାର ପାଣ୍ଠି' ସୃଷ୍ଟି କରି ଚାଷୀମାନଙ୍କ କିସ୍ତି ଭୂମି ବ୍ୟାଙ୍କରେ ଦାଖଲ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚାଷୀମାନେ କ୍ୱଚିତ୍ କିସ୍ତି ଖିଲାଫ କରିବାର ଦେଖାଯାଏ। ଉକ୍ତ ରଣପତ୍ର ଷ୍ଟାମ୍ପକର, ଆୟକର ଓ ଘର ଟିକସରୁ ମୁକ୍ତ ଅଟେ। ୫୦, ୧୦୦, ୫୦୦, ୧୦୦୦, ୫୦୦୦, ୧୦୦୦୦ କି.ଗ୍ରା. ଧାନ ପରିମାଣର ୬ଟି ପ୍ରକାର ରଣପତ୍ର ଏବଂ ୧୦୦, ୫୦୦, ୫୦୦୦, ୧୦୦୦୦, ୩୦୦୦୦ କି.ଗ୍ରା. କନ୍ଦମୂଳ ପରିମାଣର ୫ ପ୍ରକାର ରଣପତ୍ର ଜମିଦାରମାନଙ୍କୁ ଦିଆଯାଉଛି।

୧୯୫୩ ମସିହାରେ ଜମିଦାରମାନେ ଅବଶିଷ୍ଟ ୩୦ ଭଗ କ୍ଷତିପୂରଣ ବାବଦ ଅର୍ଥ ସିମେଣ୍ଟ, କାଗଜ, କୃଷି, ଜଙ୍ଗଲ, ଶିଳ୍ପ ଓ ଖଣିଜ ପ୍ରଭୃତି ଚାରୋଟି ସରକାରୀ ନିଗମକୁ ସର୍ବମୋଟ ୬ କୋଟି ୬୦ ଲକ୍ଷ ତାଇୱାନ୍ ଡଲାର୍ ଅଂଶରେ କିଣିନେଇ ବିଶେଷ ଲାଭବାନ୍ ହୋଇଛନ୍ତି। ଉକ୍ତ ଜମିଦାରମାନଙ୍କ ଜମି ମୂଲ୍ୟ ବାବଦରେ ଚାଷୀମାନେ ଚାଉଳ ଓ କନ୍ଦମୂଳ ଖାଦ୍ୟ ନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଛନ୍ତି। ୧୯୬୨ ରୁ ୧୯୮୪ ମସିହା ଭିତରେ ଛୋଟ ଜମିକୁ ଏକତ୍ରୀକରଣ ମାଧ୍ୟମରେ ୧୨ ହେକ୍ଟର ବିଶିଷ୍ଟ ପ୍ଲଟ୍‌ମାନ କରାଯାଇଛି। କ୍ରମାନ୍ୱୟରେ ଜଳସେଚନର ସୁବିଧା ପାଇଁ ପ୍ରତ୍ୟେକ ପ୍ଲଟ୍‌କୁ ତିନୋଟି ଲେଖାଏଁ ଚଉଖୁଣ୍ଟିଆ ବ୍ଲକରେ ବିଭକ୍ତ କରାଯାଇଛି।

ତାଇୱନ୍ ଓ ଦକ୍ଷିଣ କୋରିଆର ଆର୍ଥିକ ପ୍ରଗତି ସହିତ ଆମ ଦେଶର ଆର୍ଥିକ ଅବସ୍ଥାକୁ ତୁଳନା କଲେ ଦୁଃଖ ଓ ହତାଶ ଭାବ ଜାଗ୍ରତ ହୁଏ। ଏପରିକି ତାଇୱାନ୍ ଗଣତନ୍ତ୍ର ଶାସନ ଜରିଆରେ ଜନ ସହଯୋଗ ପାଇବା ଫଳରେ ବ୍ୟାପକ ଉନ୍ନତି କରି କମ୍ୟୁନିଷ୍ଟ ଶାସନାଧୀନ ଚୀନ୍‌କୁ ବହୁ ପଛରେ ପକାଇଦେଇଛି। ପୃଥିବୀରେ ତାଇୱାନ୍ ଗବେଷଣାଗାରରେ ପ୍ରଥମେ ଅଧିକ ଉତ୍ପାଦନ କ୍ଷମ ଟାଇଚୁଙ୍ଗ୍ ଧାନ ଉଦ୍ଭାବନ ହେବା ଫଳରେ ଧାନ ଉତ୍ପାଦନ ହାର ବଢ଼ିଚାଲିଛି। ମୋଟାମୋଟି ଭାବରେ ତାଇୱାନ୍ ସରକାର ୧୯୫୩ ମସିହାରୁ ଜନସହଯୋଗରେ ଭୂସଂସ୍କାର ନୀତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ କୃଷିଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାଙ୍କ ସହିତ ଜଡ଼ିତ କରାଇ ନିଷ୍ଠା ତଥା ଦୃଢ଼ ଭାବରେ କାର୍ଯ୍ୟକାରୀ କରିବାରୁ ଲୋକମାନଙ୍କର ଏପରି ବ୍ୟାପକ ଆର୍ଥିକ ପ୍ରଗତି ସମ୍ଭବ ହୋଇପାରିଛି।

ଓଡ଼ିଶା ସରକାର ତାଇୱାନ୍ ପରି ଭୂମିବ୍ୟାଙ୍କ ଓ ଭୂମି ସଂସ୍କାର ନୀତିକୁ ଆପଣାଇ ପାରିଲେ ଓଡ଼ିଶାର ଜନସାଧାରଣ ଏହାର ସୁଫଳ ପାଇପାରନ୍ତେ ଏବଂ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରନ୍ତା। ଓଡ଼ିଶା ଭୂମି ସଂସ୍କାରରେ ଆଉ ପାଦେ ଆଗକୁ ଯାଇପାରନ୍ତା।

(ବରିଷ୍ଠ ସମବାୟବିତ୍)
କଟକ, ମୋ: ୯୦୯୦୩୨୫୮୦୨

# ଆୟୁର୍ବେଦ ପଛରେ ପଡ଼ିଯିବାର କାରଣ

**ଡ. ନିରଞ୍ଜନ ସାହୁ**

ଆୟୁର୍ବେଦ ହେଉଛି ସର୍ବପୁରାତନ ଚିକିତ୍ସା ପଦ୍ଧତି, ଯାହାର ପ୍ରଚଳନ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଭାରତରେ ହୋଇଛି ବୋଲି ପ୍ରମାଣ ମିଳେ। ମାତ୍ର ପ୍ରାୟ ଦୁଇଶହ ବର୍ଷ ଭିତରେ ଗଢ଼ି ଉଠିଥିବା ଆଧୁନିକ ଚିକିତ୍ସା ବିଜ୍ଞାନ ଏହା ଭିତରେ ଏତେ ପ୍ରଭୂତ ଉନ୍ନତି କରିଛି ଯେ ପୃଥିବୀର ପ୍ରାୟ ସବୁଦେଶରେ ତା'ର ରାଜୁତି। ଗୋଦାବରୀଶ ମହାପାତ୍ରଙ୍କର ଏକ କାଳଜୟୀ ଗପର କିଛି ଉଦ୍ଧୃତାଂଶ ଏଠାରେ ପ୍ରଯୁଜ୍ୟ - 'ସମସ୍ତେ କହନ୍ତି ଡାକ୍ତରଖାନା ପାଖରେ ବରଗଛଟି ଅଛି, ମାତ୍ର ଆଦିବାସୀ ଶୁକ୍ରୁଜାନୀ କହେ ବରଗଛ ପାଖରେ ଡାକ୍ତରଖାନାଟି ଅଛି। ତା' ମତରେ ପାଞ୍ଚଶହ ବର୍ଷର ବରଗଛ ଥାଉଁ ଥାଉଁ ସେ ଇତିହାସ ସୃଷ୍ଟି ନକରି ପାଞ୍ଚ ବର୍ଷର ଡାକ୍ତରଖାନା କ'ଣ ସେଇ ଜାଗା ନେଇପାରିବ?' ବାସ୍ତବରେ ତଥାକଥିତ ସଭ୍ୟ ଲୋକଙ୍କ ବିଚାର ହେଲା ଡାକ୍ତରଖାନା ମୁଖ୍ୟ ଆଉ ବରଗଛ ଗୌଣ। ଠିକ୍ ସେଇୟା ଘଟିଛି ଆୟୁର୍ବେଦ କ୍ଷେତ୍ରରେ।

ଆୟୁର୍ବେଦର ଇତିହାସ ସୁଦୀର୍ଘ ତାହା କେହି ମନା କରିପାରିବେ ନାହିଁ। ମାତ୍ର ଦୁଃଖର କଥା ହେଲା ଏଇ ଦୁଇପ୍ରକାର ଚିକିତ୍ସା ବିଜ୍ଞାନର ଲକ୍ଷ୍ୟ ଅଲଗା। ଆୟୁର୍ବେଦ ମଣିଷର ସାଧାରଣ ସ୍ୱାସ୍ଥ୍ୟ କିପରି କିପରି ଠିକ୍ ରହିବ ଏବଂ ସେ କିପରି ରୋଗମୁକ୍ତ ନିରାମୟ ଜୀବନଯାପନ କରିପାରିବ, ତାହା ଲକ୍ଷ୍ୟ ରଖିଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନ ଗବେଷଣାଲବ୍ଧ ଜ୍ଞାନ ଲାଭ କରି ତ୍ୱରିତ ଆରାମ ଦେବାର ବ୍ୟବସ୍ଥା କରେ। ଅବଶ୍ୟ ଏହା ସତ ଯେ ଆୟୁର୍ବେଦ ଔଷଧି ପ୍ରୟୋଗରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ରୋଗୀ ଅନୁଭବ କରେନାହିଁ। ମାତ୍ର ଏହା ତ୍ୱରିତ ଆରୋଗ୍ୟ କରିବାର କ୍ଷମତା ରଖେନାହିଁ। ଆୟୁର୍ବେଦରେ ଏକ ସୁସ୍ଥ ଓ ସାମଗ୍ରିକ ଭାବରେ ନିରାମୟ ଜୀବନର ସୂତ୍ର ରହିଛି। ମାତ୍ର ଆଧୁନିକ ପିଢ଼ିର ଲୋକମାନେ କୌଣସି ବାଧାବନ୍ଧନ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହାର ଫଳଶ୍ରୁତି ହୋଇଛି ଯେ ଆଧୁନିକ ଚିକିତ୍ସା ବିଜ୍ଞାନ ଆଗରେ ଫିକା ପଡ଼ିଯାଇଛି ଆୟୁର୍ବେଦ।

ଆଧୁନିକ ଔଷଧକୁ ହିନ୍ଦୀରେ କୁହାଯାଏ 'ଦବାଇ'। କେହି ଜଣେ ଅନୁସନ୍ଧିତ୍ସୁ କହୁଥିଲେ ଏହା ସେମିତି ଗୋଟିଏ ରୋଗକୁ ଦବେଇ ଦେଇ ଆଉ ଗୋଟିଏ ନୂଆ ରୋଗ ସୃଷ୍ଟି କରିବାକୁ ଉଦ୍ୟତ। ଆଧୁନିକ ଯୁଗର ନିୟାମକ ହେଲା ବିଜ୍ଞାନ। ବିଜ୍ଞାନର ଭିତ୍ତି ହେଲା ପ୍ରମାଣ, ଯାହା ସାର୍ବଜନୀନ। ମାତ୍ର ଆଧୁନିକ ବିଜ୍ଞାନର ଏଇ ତତ୍ତ୍ୱରେ ଆୟୁର୍ବେଦ ସବୁକ୍ଷେତ୍ରରେ ସଫଳ ହୋଇପାରେ ନାହିଁ, ଯାହାଫଳରେ ପୃଥିବୀର ଅତି ଉନ୍ନତ ଦେଶମାନେ ଆୟୁର୍ବେଦକୁ ଗ୍ରହଣ କରିପାରି ନାହାନ୍ତି। ଯଦିଓ କିଛି ଆଧୁନିକ ଦେଶ ଆୟୁର୍ବେଦକୁ କିଛିପ୍ରକାରେ ଗ୍ରହଣ କରିଛନ୍ତି, ତାହା ଔଷଧ ରୂପରେ ନୁହେଁ ବରଂ ଅତିରିକ୍ତ ଖାଦ୍ୟ ଭାବରେ। ଆମେରିକା ପରି ୪୦କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର ଅଢ଼େଇ ଲକ୍ଷ ଲୋକ ଆୟୁର୍ବେଦିକ ଔଷଧ ବ୍ୟବହାର କରନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ମାତ୍ର କିଛି ପୁରାତନ ରୋଗ ଏବଂ ଗଣ୍ଠିବ୍ୟଥା ପରି କେତେକ ନିର୍ଦ୍ଦିଷ୍ଟ ରୋଗରେ ଆୟୁର୍ବେଦିକ ଔଷଧ ଖୁବ୍ ଫଳପ୍ରଦ ବୋଲି ବିଚାର କରାଯାଏ।

୧୯୯୦ ଦଶକର କଥା। ସେତେବେଳର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସିଥିଲେ ଆୟୁର୍ବେଦିକ ଡାକ୍ତରଙ୍କର ଏକ ପ୍ରତିନିଧି ଦଳ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି କହିବା ପୂର୍ବରୁ ତାଙ୍କୁ ପ୍ରଭାବିତ କରିବା ପାଇଁ କହିଲେ, 'ଆପଣ ସବୁବେଳେ ସ୍ୱାଭିମାନ କଥା କହୁଛନ୍ତି। ଆମେମାନେ ମଧ୍ୟ ଶତପ୍ରତିଶତ ତାହା ପାଳନ କରିବାକୁ ଚାହୁଁ। କିନ୍ତୁ ଆମେ ଏଲୋପାଥିକ ଡାକ୍ତରଙ୍କ ପରି ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ପାହ୍ୟା ପାଇନାହୁଁ (ତାହା ଥିଲା ସେତେବେଳର ସ୍ଥିତି)। ତେଣୁ ଆମର ସ୍ୱାଭିମାନ ସ୍ୱାଭାବିକ ଭାବରେ ବ୍ୟାହତ ହେଉଛି। ଏହା ଫଳରେ ଆମେ ଉଚ୍ଚସ୍ତର ସେବା ଦେବା ପାଇଁ ଆବଶ୍ୟକ ପ୍ରେରଣା ପାଇ ପାରୁନାହୁଁ।' ମୁଖ୍ୟମନ୍ତ୍ରୀ କହିଲେ, 'ସେମାନେ ମୋ ଛାତିରେ ଅପରେସନ କରି କ'ଣ ଗୋଟାଏ ମେସିନ୍ ଲଗେଇ ଦେଇଛନ୍ତି, ମୋର ନିଃଶ୍ୱାସ ପ୍ରଶ୍ୱାସ ସେଇଥିଲେ ଚାଲିଛି। ତମେ ସେମିତି କରିପାରିବ?' ଗୋଟାଏ ନିଃଶବ୍ଦତା ଛାଇଗଲା ଚାରିଆଡ଼େ। ମୁଖ୍ୟମନ୍ତ୍ରୀ କହିଲେ, 'ତମେ ଖାଲି ମୋଦକ ତିଆରି କଲେ କ'ଣ ଚଳିବ? ଶଲ୍ୟ ଚିକିତ୍ସାରେ କିଛି କାମ କରି ଦେଖାଅ, ତା'ପରେ ଆସିବ।' ସର୍ଜରୀ କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା। ଏହା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଉପଶମ କରାଯାଇପାରୁଛି ଏବଂ ଏହା ଲୋକଙ୍କର ପ୍ରିୟ ହେବା ପଛର ଏକ ବିଶେଷ କାରଣ।

ଆୟୁର୍ବେଦ ପଛରେ ପଡ଼ିଯିବାର ଆଉ ଏକ ପ୍ରମୁଖ କାରଣ ହେଲା ଆୟୁର୍ବେଦିକ ଔଷଧ ପ୍ରସ୍ତୁତିରେ ଗୁଣାତ୍ମକମାନ ଠିକ୍ ରଖିବା ପାଇଁ ସେମିତି କଡ଼ାକଡ଼ି ବ୍ୟବସ୍ଥା ନାହିଁ। ଏହା ଫଳରେ ନ୍ୟୁନମାନର ବହୁ ଔଷଧ ବଜାରକୁ ଆସୁଛି ଏବଂ ଗ୍ରାହକ ବା ରୋଗୀମାନଙ୍କର ବିରାଗ ଭାଜନ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଧାବୀ ଛାତ୍ରଛାତ୍ରୀମାନେ ଆଧୁନିକ ଚିକିତ୍ସା ବିଜ୍ଞାନ ସାଥୀରେ। ସେମାନେ ସବୁଦିନ ଗବେଷଣାରେ ଲାଗିଛନ୍ତି। ଉନ୍ନତ ଗବେଷଣା ବିନା କୌଣସି ଜ୍ଞାନ ଉତ୍କର୍ଷ ସ୍ତରରେ ପହଞ୍ଚି ପାରେ ନାହିଁ। ତାହା ହିଁ ହୋଇଛି ଅବଶ୍ୟମ୍ଭାବୀ ପରିସ୍ଥିତି।

ଗୁରୁକୁଳରେ ସବୁଠାରୁ ମେଧାବୀ ଥିଲେ ଚରକ। ବିଦ୍ୟା ଶିକ୍ଷା ଅନ୍ତେ ଗୁରୁ ଶିଷ୍ୟମାନଙ୍କ ପରୀକ୍ଷା ନେବା ପାଇଁ କହିଲେ, ସମସ୍ତେ ଅଲଗା ଅଲଗା ଯିବ ଏବଂ ଅନୁଧ୍ୟାନ ପୂର୍ବକ ଗୋଟିଏ ଗଛର ପତ୍ର ନେଇ ଆସିବ, ଯାହାର କୌଣସି ଔଷଧୀୟ ଗୁଣ ନଥିବ। କିଛି ସମୟ ପରେ କେବଳ ଚରକଙ୍କୁ ଛାଡ଼ି ସମସ୍ତ ଶିଷ୍ୟ ପତ୍ରଟିଏ ଲେଖାଏଁ ଧରି ଆଶ୍ରମକୁ ଫେରିଲେ। ସନ୍ଧ୍ୟା ଆଗତପ୍ରାୟ। ଚରକଙ୍କୁ ଖୋଜିବାକୁ ବଣ ଭିତରକୁ ଯାଇ ଗୁରୁ ଦେଖିଲେ ଚରକ ପରୀକ୍ଷା ନିରୀକ୍ଷାରେ ଲାଗିଛନ୍ତି। ଗୁରୁଙ୍କୁ ଦେଖି ରଚକ କହିଲେ, 'ମହାତ୍ମା ମୁଁ ଆଜି ଦିନର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛି। କାରଣ ଏପର୍ଯ୍ୟନ୍ତ ମୁଁ କୌଣସି ବୃକ୍ଷର ସନ୍ଧାନ ପାଇଲି ନାହିଁ, ଯାହାର ଔଷଧୀୟ ଗୁଣ ନାହିଁ।' ସେଇ ପରୀକ୍ଷାରେ କେବଳ ଚରକ ହିଁ କୃତକାର୍ଯ୍ୟ ହୋଇଥିଲେ। ବହୁ ବର୍ଷପୂର୍ବରୁ ହୋଇଥିବା ସେଇ ପରୀକ୍ଷା ସୂଚେଇଦିଏ ଯେ ସବୁ ବୃକ୍ଷରେ କିଛିନା କିଛି ଔଷଧୀୟ ଗୁଣ ରହିଛି। ଏହାକୁ ଖୋଜି ବାହାର କରି ଉପଯୁକ୍ତ ପ୍ରୟୋଗ କରିବା ଆବଶ୍ୟକ। ଅଧିକ ମେଧାବୀ ଏ ବିଷୟରେ ଆଗ୍ରହୀ ହେଲେ ଏବଂ ସରକାରଙ୍କର ଶୁଭଦୃଷ୍ଟି ରହିଲେ ଏହି ପାରମ୍ପରିକ ଜ୍ଞାନଭିତ୍ତିକ ଚିକିତ୍ସା ପଦ୍ଧତି ଲୋକପ୍ରିୟ ହୋଇପାରିବ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ତିବ୍ବତରେ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

(ପୂର୍ବପ୍ରକାଶିତ ଉତ୍ତାରୁ...)

ତିବ୍ବତରେ ପଦ୍ମସମ୍ଭବ ପହଞ୍ଚିବା ପରେ ଶାନ୍ତରକ୍ଷିତଙ୍କ ସମୟରୁ ସୃଷ୍ଟି ହୋଇଥିବା ବୌଦ୍ଧଧର୍ମ ପ୍ରତି ଘୋର ବାଧା, ବିରୁଦ୍ଧାଚରଣ ଓ ତତ୍‌ଜନିତ ଆନ୍ଦୋଳନାତ୍ମକ ପରିସ୍ଥିତିକୁ କିପରି ସମ୍ମୁଖୀନ ହେଲେ, କିଭଳି ସେହି ବିରୋଧକୁ ଆୟତ୍ତ କଲେ, ସ୍ଥାନୀୟ 'ବନ୍' ଧର୍ମର ନେତୃମଣ୍ଡଳୀ କିଭଳି ଶାନ୍ତ ହୋଇ ତାଙ୍କୁ ଗ୍ରହଣ କଲେ ଏ ସବୁ ପ୍ରସଙ୍ଗ ବିଚାରଯୋଗ୍ୟ। ତିବ୍ବତରେ ଏସବୁକୁ ଏବଂ ପଦ୍ମସମ୍ଭବଙ୍କୁ ନେଇ ଯାହାସବୁ ତଥ୍ୟ ଉପଲବ୍ଧ, ସେ ସବୁ ଅତ୍ୟନ୍ତ ଅବାସ୍ତବ, ବିଚିତ୍ର, କାଳ୍ପନିକ ଓ ଅବିଶ୍ୱାସ ମନେ ହୁଏ। ତାଙ୍କର ଅସଂଖ୍ୟ ଜୀବନୀବୃତ୍ତାନ୍ତମୂଳକ ପୁସ୍ତକ ଓ ପାଣ୍ଡୁଲିପି ଏବଂ ଜନସାଧାରଣରେ ସେ ବିଷୟରେ ମତାମତ ମଧ୍ୟ ସେହିଭଳି ବୈଚିତ୍ର୍ୟପୂର୍ଣ୍ଣ। ପଦ୍ମସମ୍ଭବଙ୍କ ବ୍ୟକ୍ତିତ୍ୱ ତିବ୍ବତ ଓ ତିବ୍ବତୀୟ ବୌଦ୍ଧଧର୍ମ ବ୍ୟାପୀ ଥିବା ଅଞ୍ଚଳରେ ଏତେ ଉଚ୍ଚସ୍ତରର ଯେ ତାଙ୍କ ସମ୍ପର୍କରେ



ଏହିଭଳି ତଥ୍ୟମାନ ସେ ଅଞ୍ଚଳମାନଙ୍କରେ ଭରପୂର ଏବଂ ସେଠାକାର ଅଧିବାସୀମାନେ ସେ ସବୁକୁ ମଧ୍ୟ ଗୁରୁତ୍ୱର ସହ ବିଶ୍ୱାସ କରିଥା'ନ୍ତି। ପଦ୍ମସମ୍ଭବଙ୍କ ସମ୍ପର୍କୀୟ ସମସ୍ତ ଆଲୋଚନା ଓ ତଥ୍ୟରେ ତାଙ୍କର ଅଲୌକିକ ଶକ୍ତି, ତାଙ୍କ ଉପରେ ଦେବତ୍ୱର ଆରୋପ ଆଦି ବହୁଳଭାବେ ଦର୍ଶାଯାଇଛି। ସେ ଜଣେ ଧର୍ମଗୁରୁ ହୋଇଥିବାରୁ ଏଭଳି ହେବା ସ୍ୱାଭାବିକ। ପୃଥିବୀରେ ପ୍ରାୟ ସମସ୍ତ ଧର୍ମଗୁରୁମାନଙ୍କର ସମ୍ପର୍କରେ ଏଭଳି ଧାରଣାମାନ କାଳେ କାଳେ ରହି ଆସିଛି।

ତିବ୍ବତୀୟ ସୂତ୍ରସବୁ ଯେତେ କିମ୍ବଦନ୍ତୀମୂଳକ ହେଲେ ମଧ୍ୟ ସେ ସବୁ ପଦ୍ମସମ୍ଭବଙ୍କ ସମ୍ପର୍କୀୟ ତଥ୍ୟର ଏକମାତ୍ର ସୂତ୍ର ହୋଇଥିବାର ତାହାକୁ ହିଁ ଛାଣି ଚିପୁଡ଼ି ସେଥିରୁ ଯଥାର୍ଥ ତଥ୍ୟ ବାହାର କରିବାକୁ ହୋଇଥାଏ। ସମସ୍ତ ତଥ୍ୟରୁ ଜଣାଯାଏ ଯେ ତିବ୍ବତର ପ୍ରାଚୀନ ତଥା ସେସମୟରେ ପ୍ରଚଳିତ ଥିବା ଧର୍ମମତଗୁଡ଼ିକୁ ସିଧାସଳଖ ଭାବେ ପ୍ରତ୍ୟାଖ୍ୟାନ ନ କରି ପଦ୍ମସମ୍ଭବ ସେସବୁର କିଛିଅଂଶ ଯଥା ରୀତିନୀତି ଓ ଧର୍ମୀୟ ଆଚାରବିଚାର ଆଦିକୁ ବୌଦ୍ଧଧର୍ମ ମଧ୍ୟରେ ଅନ୍ତର୍ଭୁକ୍ତ କରାଇ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ କରାଇପାରିଥିଲେ। ଏହିଭଳି ସେ 'ବନ୍' ଧର୍ମ ଅବଲମ୍ବନ କରୁଥିବା ସମସ୍ତଙ୍କୁ ପ୍ରକାରାନ୍ତରେ ପରାଜିତ କରିପାରିଥିଲେ ମଧ୍ୟ ତାହା ମଧ୍ୟରେ ଥିବା ଉତ୍କୃଷ୍ଟ ନିର୍ଯାସକୁ ଅତ୍ୟନ୍ତ ବୁଦ୍ଧିମତ୍ତାର ସହ ଗ୍ରହଣ କରିପାରିଥିଲେ। ବର୍ତ୍ତମାନ ମଧ୍ୟ ତିବ୍ବତର ପୂର୍ବଭାଗରେ କିଛିସ୍ଥାନରେ ପ୍ରାଚୀନ 'ବନ୍' ଧର୍ମର ସ୍ଥିତି ରହିଛି। ମାତ୍ର 'ବନ୍' ଧର୍ମ ତିବ୍ବତୀୟ ବୌଦ୍ଧଧର୍ମ ସଦୃଶ ହୋଇଯାଇଥିବାରୁ ତଥା ତାହାର ପୂର୍ବସ୍ୱରୂପରେ ପରିବର୍ତ୍ତନ ଘଟିସାରିଥିବାରୁ ତାହାର ଉପସ୍ଥିତି ନଗଣ୍ୟ ହୋଇଯାଇଛି। 'ବନ୍' ଧର୍ମ ମଧ୍ୟ ବୌଦ୍ଧ ଧର୍ମରୁ ଅନେକ କିଛି ଆଚାରବିଚାର ନିଜ ସ୍ୱରୂପ ମଧ୍ୟରେ ଗ୍ରହଣ କରିଛି। ଏପରିକି 'ବନ୍' ମନ୍ଦିରରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ମୂର୍ତ୍ତିମାନ ମଧ୍ୟ ଦେଖିବାକୁ ମିଳୁଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ଉତ୍କର୍ଷ ନିମାପଡ଼ା'କୁ ନେଇ ବିବାଦ

# ହକ୍ ମାଗିଲେଣି ଗୋପବାସୀ

**ପୁରୀ, ୬।୬ (ସମିସ):** ନିମାପଡ଼ାର ନୂଆ ବାରବାଟୀ ପଡ଼ିଆରେ ଚାଲିଥିବା ଦୁଇଦିନିଆ 'ଉତ୍କର୍ଷ ନିମାପଡ଼ା' କାର୍ଯ୍ୟକ୍ରମ ଶେଷ ହୋଇଛି। ବିଭିନ୍ନ ଦିବସରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ, ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ତେବେ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହାକୁ ନେଇ ଉପୁଜିଛି ନୂଆ ବିବାଦ। କାର୍ଯ୍ୟକ୍ରମ ଆୟୋଜନର ଅଧକ୍ଷା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହେଉଛନ୍ତି ନିମାପଡ଼ା ନିର୍ବାଚନମଣ୍ଡଳୀର ବିଧାୟିକା। ଏହି ନିର୍ବାଚନମଣ୍ଡଳୀର ଏକ ବଡ଼ ଅଂଶ ଗୋପ ବ୍ଲକ୍। ହେଲେ କାର୍ଯ୍ୟକ୍ରମରେ 'ଗୋପ'କୁ ଅଣଦେଖା କରାଯାଇଥିବା ନେଇ ଖୋଲାଖୋଲି ଅଭିଯୋଗ କରିଛନ୍ତି ଗୋପବାସୀ। ପ୍ରଭାତୀଙ୍କୁ ସେମାନେ ଭୋଟ୍ ଦେଇ ବିଜୟୀ କରାଇଛନ୍ତି। ନିମାପଡ଼ା ବିକାଶର ଶିଖର ଛୁଉଁ, ସେମାନଙ୍କର କୌଣସି ଆପତ୍ତି ନାହିଁ। ହେଲେ କାର୍ଯ୍ୟକ୍ରମରେ 'ଗୋପ'କୁ ଅଣଦେଖା କାହିଁକି ବୋଲି ପ୍ରଶ୍ନ କରି ହକ୍ ମାଗିଛନ୍ତି ଗୋପବାସୀ। ସାମାଜିକ ଗଣମାଧ୍ୟମରେ ସଚେତନ ଭୋଟର୍ ରଖିଲେଣି ସେମାନଙ୍କର ବ୍ୟକ୍ତିଗତ ଅଭିବ୍ୟକ୍ତି।

ନିମାପଡ଼ା ନିର୍ବାଚନମଣ୍ଡଳୀରେ ଗୋପ ବ୍ଲକ୍‌ର୧୪ଟି ପଞ୍ଚାୟତ ରହିଛି। ଏହି ପଞ୍ଚାୟତର ଭୋଟର୍ ବି ପ୍ରଭାତୀଙ୍କୁ ଜିତାଇବାରେ ସେମାନଙ୍କର ସହଭାଗିତା ରଖିଛନ୍ତି। ଯଦି ବିଧାୟିକା ନିଜ ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ କୌଣସି କାର୍ଯ୍ୟକ୍ରମ କରୁଛନ୍ତି, ସେଥିରେ ସମସ୍ତଙ୍କୁ ସାମିଲ କରିବା ଦରକାର ବୋଲି ମତ ରଖିଛନ୍ତି ଗୋପର ଜନସାଧାରଣ। ହେଲେ କାର୍ଯ୍ୟକ୍ରମର ନାଁ 'ଉତ୍କର୍ଷ ନିମାପଡ଼ା'ରୁ ଗୋପକୁ ବାଦ୍ ଦିଆଯାଇଥିବାରୁ ଏହାକୁ ନେଇ ଗୋପବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨/୩ ଦିନ ଧରି ନିଜ ନିଜ ମଧ୍ୟରେ ଚାଲିଥିବା ଚର୍ଚ୍ଚା, ଆଲୋଚନା ଆଉ ସେମାନଙ୍କ ମଧ୍ୟରେ ସୀମିତ ନାହିଁ। ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ଝାଡ଼ିଲେଣି ଭୋଟର୍। କେବଳ ବିରୋଧୀ ଦଳର କର୍ମୀ ନୁହଁନ୍ତି, ଖୋଦ୍ ବିଜେପିର କର୍ମୀମାନେ ବି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

'ଆମ ଗୋପ ଆମ ଗୌରବ'ର ନାରା ରଖି ଗୋପବାସୀ ୭ଟି ଦାବି ରଖିଛନ୍ତି। ସେଗୁଡ଼ିକ ହେଉଛି, ଗୋପକୁ ସବ୍-ଡିଭିଜନ୍‌ର ମାନ୍ୟତା, ଗୋପକୁ ଏନ୍‌ଏସି ମାନ୍ୟତା, ଗୋପ ଥାନାର ସୌନ୍ଦର୍ଯ୍ୟୀକରଣ, ଗୋପରେ ବହୁମୁଖୀ ପାର୍କିଂ ବ୍ୟବସ୍ଥା ଓ ନୂତନ ବସ୍‌ଷ୍ଟାଣ୍ଡ, କୁଶଭଦ୍ରା ସେତୁର ମରାମତି, ଗୋପରେ ହୋଟେଲ ଶିଳ୍ପ ପ୍ରତିଷ୍ଠା ଏବଂ ଗୋପର ପ୍ରବେଶପଥରେ ସୁନ୍ଦର ତୋରଣ ନିର୍ମାଣ। ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ପରେ ଏବେ ଗୋପ ଅଞ୍ଚଳରେ ଏହି ଦାବି ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି।

ସେହିପରି ଗୋପର ସଚେତନ ଭୋଟର୍ ମଧ୍ୟ ଖୋଲାଖୋଲି ଭାବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବିଦ୍ ଶେଖ୍ ନାମକ ଜଣେ ଭୋଟର୍ ସାମାଜିକ ଗଣମାଧ୍ୟମରେ ନିଜର କ୍ଷୋଭ ପ୍ରକାଶ କରି ପୋଷ୍ଟ କରିଛନ୍ତି ଯେ 'ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଆମେ ଭୋଟ ଦେଇ ଜିତାଇଥିବା ଉପମୁଖ୍ୟମନ୍ତ୍ରୀ ନିମାପଡ଼ାରେ ଦୁଇଦିନିଆ ଗୋଟିଏ କାର୍ଯ୍ୟକ୍ରମ କଲେ, ଯାହାର ନାଁ ଦେଲେ 'ଉତ୍କର୍ଷ ନିମାପଡ଼ା'। ଭାଷଣରେ ଦେଲା ବେଳେ ନିମାପଡା-ଗୋପ କହୁଛନ୍ତି। କିନ୍ତୁ କାର୍ଯ୍ୟକ୍ରମ ନାଁରେ ଗୋପ ଗାଏବ୍। ୨୦୦୯ ମସିହା ପରଠୁ ଆମ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ (ଭାଇନା) ଯାହା ବି କାର୍ଯ୍ୟକ୍ରମ କରନ୍ତି କିମ୍ବା ଯେଉଁଠି ବି କୁହନ୍ତି ଗୋପ ମାଟିକୁ ଉଚିତ ସମ୍ମାନ ଦେଇ ନିମାପଡ଼ା-ଗୋପ ବୋଲି ସମ୍ବୋଧନ କରନ୍ତି। ଗୋପ ମାଟିର ପୁଅ ହିସାବରେ ଆମ ଅଞ୍ଚଳର ପ୍ରତିଟି ସ୍ୱାଭିମାନୀ ନାଗରିକଙ୍କ ମନରେ ଏବେ ଯେଉଁ ଗୋଟିଏ କଥା ଆନ୍ଦୋଳିତ କରୁଛି, ସେଇଟା କହୁଛି "ଭୋଟ୍ ନେଲା ବେଳେ ତ ଆପଣ ଗୋପ ଗୋପ ହେଉଥିଲେ, ଏବେ ନିର୍ବାଚନ ସରିଗଲା, ଆପଣ ଉପମୁଖ୍ୟମନ୍ତ୍ରୀ ହେଇଗଲେ। ତେଣୁ ଗୋପ ଗଲା ଚୁଲି କି? ଏହା ଆମ ଗୋପ ମାଟି ପାଇଁ ଅପମାନ ବୋଲି ମନେ ରଖନ୍ତୁ। ଆଉ ଏ ଅପମାନର ଜବାବ ଆଗାମୀ ଦିନରେ ଗୋପର ପ୍ରତିଟି ନାଗରିକ ଆପଣଙ୍କୁ ଦେବେ, ଏକଥା ଶିରୋଧାର୍ଯ୍ୟ।" କେବେଳ ଆବିଦ୍ ନୁହଁନ୍ତି ଗୋପର ଅନେକ ବୁଦ୍ଧିଜୀବୀ ଏବେ ଏହି ପ୍ରସଙ୍ଗକୁ ନେଇ ନିଜ ନିଜ ଭିତରେ ଚର୍ଚ୍ଚା ଆଲୋଚନା କରୁଛନ୍ତି।

ଗୋପବାସୀଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଉପୁଜିଛି, ସେ ସମ୍ପର୍କରେ ନିମାପଡ଼ା ନିବାଚନମଣ୍ଡଳୀର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, "ଗୋପଠୁ ନିମାପଡ଼ାକୁ ଅଲଗା କରି ହେବନି। ଗୋପ ହେଉଛି ମୋ' ସ୍ପନ୍ଦନ। ମୋ'୧୫ବର୍ଷଭିତରେସର୍ବାଧିକଉନ୍ନତିଗୋପପାଇଁ କରିବାକୁ ଚେଷ୍ଟା କରିଛି ଏବଂ ଏଥିରେ ସଫଳ ହୋଇଛି।"

# ପଦମର୍ଯ୍ୟାଦା ରକ୍ଷା କରନ୍ତୁ ପୁରୀ ସାଂସଦ: କଂଗ୍ରେସ

**ଭୁବନେଶ୍ୱର,୬।୬(ସମିସ):** ପୁରୀ ସାଂସଦ ଜଣେ ବାଚାଳ; ନିଜକୁ ଚର୍ଚ୍ଚା ଭିତରକୁ ଆଣିବାପାଇଁ ସେ ଅନେକ ଥର ଅନେକ ଅରୁଚିକର ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି କହିଛି ଯୁବ କଂଗ୍ରେସ। ଏହା ସହ ରାହୁଲଙ୍କ ବିରୋଧରେ ଅରୁଚିର ମନ୍ତବ୍ୟ ଦେଇଥିବାରୁ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦେଇଛି।

ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଲୋକସଭାର ବିରୋଧୀଦଳ ନେତାଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଅତୀତରେ ସେ ନିଜର ହିତାହିତ ଜ୍ଞାନ ଭୁଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଭକ୍ତ କହି ସାଧାରଣରେ ନିନ୍ଦିତ ହୋଇଛନ୍ତି। ଯିଏ ମୋଦୀକୁ ଜଗନ୍ନାଥଙ୍କ ଠାରୁ ବଡ଼ ବୋଲି ବିଚାର କରେ, ସେହି ଲୋକ ଯାହା ନାହିଁ ତାହା କହିପାରେ। ଭାରତର ଅଖଣ୍ଡତା ଓ ସୁରକ୍ଷା ପାଇଁ ସଦା ସର୍ବଦା ରାହୁଲ ଗାନ୍ଧୀ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଚୀନ୍ ଆଉ ପାକିସ୍ଥାନ ଠାରୁ ଅର୍ଥ ନେବା ଏବଂ ଦେଶଦ୍ରୋହୀ କହି ଆରୋପ କରିବା ଦୁର୍ଭାଗ୍ୟଜନକ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଭାରତୀୟ ଜନତାପାର୍ଟି କେନ୍ଦ୍ରରେ ସରକାରରେ ଅଛି। ତାଙ୍କ ପାଖରେ ସମସ୍ତ ବିଧି ବ୍ୟବସ୍ଥା ରହିଛି। ସମ୍ବିତ ପାତ୍ରଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି। ଏ ଖବର ସମ୍ବିତ ପାତ୍ରଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେ ନାହିଁ ବୋଲି ସୟଦ ୟାସିର ନୱାଜ ପ୍ରଶ୍ନ କରିଛନ୍ତି। ଏଣୁ 'ଶୃଗାଳ କ'ଣ ନ ଖାଏ, ସମ୍ବିତ୍ କ'ଣ ନକହେ' ବୋଲି ସେ କହିଛନ୍ତି।

ସେହିପରି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ସମ୍ବିତ୍‌ଙ୍କ ଏଭଳି ମନ୍ତବ୍ୟ ପରେ ପିପିଲିଠାରେ ତାଙ୍କୁ ଯୁବ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଥିବା ବେଳେ ବିରୋଧ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ମାମଲା ରୁଜୁ କରିଛି। ନିକଟରେ କଳାପତାକା ପ୍ରଦର୍ଶନ ପ୍ରସଙ୍ଗକୁ ନେଇ କେରଳ ହାଇକୋର୍ଟ କହିଛନ୍ତି ଯେ କଳାପତାକା ଦେଖାଇବା ବେଆଇନ ନୁହେଁ। ଏଣୁ ସେ କଳାପତାକା ପ୍ରଦର୍ଶନକାରୀଙ୍କ କେସକୁ ଖାରଜ କରିଦେଇଥିଲେ। ମାତ୍ର କଳାପତାକା ପ୍ରଦର୍ଶନ କରିଥିବା ଯୁବ କଂଗ୍ରେସର କର୍ମୀମାନଙ୍କ ଉପରେ ୧୦୯ ଭଳି ହତ୍ୟା ଦଫା ଲଗାଯାଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀଦଳର ଭୂମିକାକୁ ସଂପୂର୍ଣ୍ଣ ବନ୍ଦ କରିଦେବାକୁ ବିଜେପି ଚକ୍ରାନ୍ତ କରୁଛି। ତୁରନ୍ତ ଯୁବ କଂଗ୍ରେସ କର୍ମୀଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମାକୁ ଉଠାଇନେବାକୁ ଯୁବ କଂଗ୍ରେସ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁଦୀପ ସାମଲ, ଆଲୋକ ଦାସ, ମହମ୍ମଦ ପରଭେଜ ଉପସ୍ଥିତ ଥିଲେ।

# କୁଖ୍ୟାତ ଆର୍‌ଜି ଡକାୟତି ଗ୍ୟାଙ୍ଗ୍‌ର ୪ ଗିରଫ

## ୬ଟି ଦେଶୀ ପିସ୍ତଲ, ୫ଟି ମୋବାଇଲ୍ ଫୋନ, ୬୦ ହଜାର ଟଙ୍କା ଜବତ

**ବାଲେଶ୍ୱର, ୬।୬ (ସମିସ):** ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳ ସମେତ ୬୦ ନମ୍ବର ଜାତୀୟ ରାଜପଥରେ ଡକାୟତି ଓ ରାହାଜାନି କରି ପୁଲିସ୍‌ର ନିଦ ହଜାଇ ଦେଇଥିବା ଆରଜି ଡକାୟତି ଗ୍ୟାଙ୍ଗ୍‌ର ୪ଜଣ ସଦସ୍ୟଙ୍କୁ ଆଜି ପୁଲିସ ଗିରଫ କରିଛି। ଗୁରୁବାର ବିଳମ୍ବିତ ରାତିରେ ଚାନ୍ଦିପୁର ଥାନା ଅନ୍ତର୍ଗତ ଗବଗାଁ ଗ୍ରାମର ଗଙ୍ଗାରାମ ପଡ଼ିଆରୁ ପୁଲିସ୍ ଏମାନଙ୍କୁ ଧରିଛି। ସେମାନେ ହେଲେ, ବାଲେଶ୍ୱର ସୁନହଟର ରାକେଶ ସେନାପତି (୨୯), ମୋତିଗଞ୍ଜର ଗିରିଧାରୀ ବେହେରା ଓରଫ୍ ମଣ୍ଟୁ(୨୫), ଫୁଲାଡିର ମନୋଜ ନାୟକ ଓରଫ୍ ଶିବୁ (୨୪), ପାଛୁଡ଼ିଆର ଦୀପକ ଜେନା ଓରଫ୍ ରାଜା(୨୨)। ସେମାନଙ୍କ ନିକଟରୁ ଦୁଇଟି ୭.୬୨ମି.ମିର ଦେଶୀ ପିସ୍ତଲ, ଗୋଟିଏ ୯ମି ମି ପିସ୍ତଲ, ତିନୋଟି ଦେଶୀ ପିସ୍ତଲ, ମାଗାଜିନ୍, ୯ଟି ବଲ୍ ଗୁଳି, ଗୋଟିଏ ତେଲେଙ୍ଗା କଟୁରୀ, ୫ଟି ମୋବାଇଲ୍, ନଗଦ ୬୦ ହଜାର ଟଙ୍କା, ଗୋଟିଏ ବାଇକ୍ ଜବତ ହୋଇଛି। ଏହି ଆସାମୀମାନଙ୍କ ବିରୋଧରେ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଅଧିକ ମାମଲା ରହିଛି। ଶୁକ୍ରବାର ଅପରାହ୍ଣରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

କିଛି ମାସ ହେଲା, ଏହି ଅପରାଧୀମାନେ ଆର୍‌ଜି ନାମରେ ଗ୍ୟାଙ୍ଗ ଗଠନ କରି ବାଲେଶ୍ୱରର ଫୁଲାଡ଼ିଠାରୁ ବସ୍ତା ଥାନା ପର୍ଯ୍ୟନ୍ତ ୬୦ ନମ୍ବର ଜାତୀୟ ରାଜପଥରେ ଡକାୟତି କରୁଥିଲେ। ଏହାସହ ବାଲେଶ୍ୱର ଟାଉନ ଥାନା, ସଦର ଥାନା, ସହଦେବଖୁଣ୍ଟା ଥାନା, ନୀଳଗିରି ଥାନା ଅଞ୍ଚଳରେ ମଧ୍ୟ ଲୁଟ୍, ରାହାଜାନି, ଡକାୟତି କରି ପୁଲିସ୍‌କୁ ନାକେଦମ୍ କରି ଆସୁଥିଲେ। ତେବେ ଗତ ରାତିରେ ଏମାନେ ଗଙ୍ଗାରାମ ପଡ଼ିଆରେ ଏକ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ୪ଜଣଙ୍କୁ ଗିରଫ କରିଥିଲା। ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା।

# କର୍ତ୍ତବ୍ୟରେ ଅବହେଳା, ୫ କନେଷ୍ଟବଳ ନିଲମ୍ବିତ

**ବାଲେଶ୍ୱର, ୬।୬ (ସମିସ):** ଗତ ପାଞ୍ଚ ଦିନ ତଳେ ପାଞ୍ଚ ଜଣ ରିଜର୍ଭ କନେଷ୍ଟବଳ ବାଲେଶ୍ୱର ଜିଲ୍ଲାପାଳଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟରେ ରାତି ଡ୍ୟୁଟି କରୁଥିବା ବେଳେ କିଛି ଅନିୟମିତତା କରିଥିବା ପ୍ରମାଣ ଓ ଭିଡିଓ ଏସପି ତଥା ରିଜର୍ଭ ପୁଲିସର କମାଣ୍ଡାଣ୍ଟ ପାଖରେ ପହଞ୍ଚିଥିଲା। ପ୍ରମାଣକୁ ଆଧାର କରି ଏସ୍‌ପି ଶୁକ୍ରବାର ସାନ୍ଧ୍ୟରେ ସମ୍ପୃକ୍ତ ପାଞ୍ଚ ଜଣ କନେଷ୍ଟବଳମାନଙ୍କୁ ନିଲମ୍ବନ କରିଛନ୍ତି। ତେବେ ଭିଡ଼ିଓରେ କ'ଣ ଥିଲା ତାହା ସ୍ପଷ୍ଟ ହୋଇପାରି ନଥିଲେ ବି, ଏକ ସମର୍ଥିତ ସୂତ୍ରରୁ ଜଣାଯାଇଛି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବାବେଳେ ସେମାନେ ସେଠାରେ ଭୋଜି କରି ଖାଇଥିଲେ। ଯାହାର ଭିଡିଓ ସହ ପ୍ରମାଣନେଇ କେହି ବ୍ୟକ୍ତି ଏସ୍‌ପି ଓ କମାଣ୍ଡାଣ୍ଟଙ୍କ ଠାରେ ଅଭିଯୋଗ କରିଥଲେ ବୋଲି ଜଣାଯାଇଛି। ମାତ୍ର ଏସ୍‌ପି ରାଜ ପ୍ରାସାଦ ପ୍ରସାଦ କହିଛନ୍ତି କି, ସେମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

# ଏନ୍‌କାଉଣ୍ଟର୍‌ରେ ମାଓ ନେତା ଭାସ୍କର ନିହତ

**ମାଲକାନଗିରି, ୬।୬(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଣି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ହୋଇଥିବା ଏହି ଏନ୍‌କାଉଣ୍ଟର୍‌ରେ ତେଲଙ୍ଗାନାର ମୋଷ୍ଟୱାଣ୍ଟେଡ୍ ମାଓନେତା ମାଲିରାପୁ ଆଡ଼ଲୁ ଓରଫ୍ ଭାସ୍କର ନିହତ ହୋଇଛି। ତା' ନାମରେ ୨୫ଲକ୍ଷର ଇନାମ ରହିଥିଲା। ବସ୍ତର୍ ଆଇଜି ସୁନ୍ଦରରାଜ ପି. ଆଜି ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ୫୩ ବର୍ଷୀୟ କୁଖ୍ୟାତ ମାଓ ନେତାକୁ ଗିରଫ କରିବା ଲାଗି ତେଲଙ୍ଗାନା, ଆନ୍ଧ୍ର ଓ ଛତିଶଗଡ଼ ସରକାର ଲକ୍ଷା ଧିକ ଟଙ୍କା ମଧ୍ୟ ଘୋଷଣା କରିଥିବା ଜଣାପଡ଼ିଛି। ତେବେ ଜାତୀୟ ଉଦ୍ୟାନ ଘଞ୍ଚ ଜଙ୍ଗଲ ସହ ପାହାଡ଼ି ଅଞ୍ଚଳ ହୋଇଥିବାରୁ ସେଠାରେ ଭାରି ସଂଖ୍ୟାରେ ମାଓବାଦୀଙ୍କ ଉପସ୍ଥିତି ରହିଥିବାର ଗୁଇନ୍ଦା ସୂଚନା ମିଳିଥିଲା।

# ଅବଶିଷ୍ଟାଂଶ

## ଦୁଇ ନାବାଳିକାଙ୍କୁ...

ଧମକଚମକ ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣା ଯଦିଓ ୩ତାରିଖ ମଧ୍ୟାହ୍ନର ହେଲେ ୫ତାରିଖ ସନ୍ଧ୍ୟା ବା ଅପରାହ୍ନ ପର୍ଯ୍ୟନ୍ତ ଏହା ପ୍ରଘଟ ହୋଇ ନ ଥିଲା। ସମ୍ପୃକ୍ତ ପରିବାର ଲୋକେ ବିବାହ ଭୋଜିରେ ଏବଂ ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀଗସ୍ତ ଥିବାରୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ମହଲରେ ଚାପ ସୃଷ୍ଟି କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଗସ୍ତ କାଳରେ ଖଲିଙ୍ଗିରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୁଣି ଯେତେବେଳେ ମୁଖ୍ୟମନ୍ତ୍ରୀ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଯାତ୍ରା ଗସ୍ତରେ ଆସିବାର ଠିକ ଦିନକ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଏଭଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରି ଉଭୟ ନାବାଳିକାଙ୍କର ଡାକ୍ତରୀ ମାଇନା ପାଇଁ ଏମକେସିଜିକୁ ପଠାଯାଇଛି। ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରାଯାଇଛି। ବ୍ରହ୍ମପୁର ଏସ୍‌ପି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନିଜେ ଗୋଳନ୍ଥରା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଓ ତଦନ୍ତକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ଦୀର୍ଘ ୩ଦିନ ବିତି ଯାଇଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନେ ଖୁଲମଖୁଲା ବୁଲୁଥିବାରୁ ପୀଡିତାଙ୍କ ପରିବାର ବର୍ଗ ଭୟଭୀତ ଥିବା କହିଛନ୍ତି।

## ଦୁର୍ଘଟଣାରେ ଗଡ଼ିଲା...

କବିସୂର୍ଯ୍ୟନଗର ଥାନା ଅଧୀନ ପଥରା ଗ୍ରାମର ଡି . ରୁଦ୍ରିକା ରେଡ୍ଡୀ (୬)। ଦକ୍ଷିଣପୁର ଗ୍ରାମରୁ ଭୋଜି ଖାଇ ୩ଜଣ ଯାକ ଦିଗପହଣ୍ଡିକୁ ଡ୍ରେସ୍ କିଣିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସେହି ସମୟରେ ଗଜପତି ଜିଲ୍ଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମୋହନା ଥାନା ଡେଙ୍ଗାମା ଗ୍ରାମର ଭାସ୍କର ବିଷୋୟୀ ମଧ୍ୟ ଟ୍ରକ୍‌କୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଦିଗପହଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ସମସ୍ତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଭାସ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ସେହିପରି, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବୁର୍ଲା ଚିପିଲିମା ଅଞ୍ଚଳର ମନୋଜ ମେହେର(୪୫) ଏବଂ ସୁଶାନ୍ତ ମେହେର(୪୦)। ସୂଚନାନୁଯାୟୀ, କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଜୟମାତାଦୀ ନାମକ ଘରୋଇ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍ ଶିରିଆପାଲିଠାରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଥିଲା।

ଅନ୍ୟ ଏକ ଘଟଣାକ୍ରମେ, ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅସନପାଳ ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଟାଟା ମ୍ୟାଜିକ୍ ଗଛରେ ପିଟି ହୋଇଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଖିଲେଇ ପଞ୍ଚାୟତ ରଞ୍ଜଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସ୍ତ୍ରୀ ଚାଇନାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଏକ ଟାଟା ମ୍ୟାଜିକ୍‌ରେ ମଥୁରା ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଘରକୁ ପହଞ୍ଚିବାକୁ ମାତ୍ର ୨କିମି ବାକି ରହିଥିବା ବେଳେ ଅସନପାଳ ଗ୍ରାମ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମଥୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଚାଇନାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଚାଇନାଙ୍କ ମୃତ୍ୟୁ ହୋଇଯାଇଥିଲା।

## ୪ ପ୍ରସ୍ତାବକୁ...

୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ଉପରେ ମଧ୍ୟ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିବା ବେଳେ ତନ୍ମଧ୍ୟରୁ ୪ଟିକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ସହରୀ ଭିତ୍ତିଭୂମି ବିକାଶ, ଶ୍ରମ ସମୃଦ୍ଧି ଯଥା ମୁକ୍ତାକାଶ ବ୍ୟାୟାମଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ବନୀକରଣ ପ୍ରକଳ୍ପ, ଖେଳ ପଡ଼ିଆ ଏବଂ ସାଂସ୍କୃତିକ କେନ୍ଦ୍ର ପରି ଧାର୍ମିକ ସ୍ଥାନର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳ ସମୃଦ୍ଧି ଏବଂ ପ୍ରାଣୀ ସମୃଦ୍ଧି ଏହି ଯୋଜନାର ଅନ୍ୟ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୫ ବର୍ଷର ଅବଧି ମଧ୍ୟରେ ଏହି ଯୋଜନାରେ ୫୦୦୦୦ରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରି ସହରାଞ୍ଚଳର ଉନ୍ନତି ଅଣାଯିବ ଏବଂ ୫ ଲକ୍ଷରୁ ଅଧିକ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବ। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୫୦୦୦ରୁ ଅଧିକ ବନୀକରଣ ଏହି ଯୋଜନା ଅଧିନରେ କରାଯିବ। ସେହିପରି କ୍ୟାବିନେଟ ଅନୁମୋଦନ ପାଇଥିବା ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୧୭ଟି ଉପଯୋଜନା, କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଜୈବ ପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆସାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଏହାର ଲକ୍ଷ୍ୟ ଅଟେ। ଜୈବିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ଦକ୍ଷତା ବିକାଶକୁ ବାସ୍ତବ ରୂପ ଦେବା ଏବଂ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ ଉପଯୋଗ ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ଅଟେ। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ଯାଏଁ ଯୋଜନା ଅଧିନରେ ୧୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତୃତୀୟ ପ୍ରସ୍ତାବ ଭାବେ କ୍ୟାବିନେଟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୫୧ କୋଟି ୭୮ ଲକ୍ଷ ୨୦୪୭୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ୧୮ ମାସ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ହେବ। ଏହି ପ୍ରକଳ୍ପ ଦ୍ୱାରା ୩୬ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ ସହ ବ୍ରହ୍ମପୁର ସହରରେ ଲୋକମାନଙ୍କୁ ପାନୀୟ ଜଳ ଏବଂ ଘରୋଇ ବ୍ୟବହାର ପାଇଁ ଜଳ ଉପଲବ୍ଧ କରାଇବ। ଚତୁର୍ଥ ପ୍ରସ୍ତାବ ଭାବେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ୟୁନିଟ-୪୧୦ାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ଆବଣ୍ଟିତ ଅତିରିକ୍ତ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ନେଇଛନ୍ତି।


**LOST**

Notice is hereby given to general public that, I Sri. Sambit has lost the original link RSD bearing no- 11081408405 dt. 03.10.2014 RSD NO- 11081402728 dt 10.03.2014 and ROR NO- 514/1937 AND ROR NO- 514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

**AFFIDAVIT**

I, Amita Patra, aged about 50 years, W/o- B.Rajendra Patra, resident of At- gobindapur, Po/ps- Banpur, Dist- Khurda, Pin- 752031, Odisha declare by this affidavit No. 1147, dtd. 06/06/2025, that now onwards I shall be known as **AMITA NAYAK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Jeypore dated- 31/01/2025. I **Biswanath Behera**, S/o- Bhaskar Chandra Behera, resident of At- Laxminarayan Nagar, Teliguda, PO- Umuri, PS- Jeypore Sadar, Dist- Koraput, Odisha declare that I have changed my name from **Biswanath Behera To Biswanath Bhagavad.** Henceforth, I shall be known as **Biswanath Bhagavad** for all future purposes.

**Biswanath Bhagavad**

**AFFIDAVIT**

By virtue of an affidavit sworn before The Executive Magistrate, Padampur, dated- 21/05/2025. I, **Cheheralal Majhi**, father of Sambhubati Majhi (minor) declare that, my daughter have changed her name from **Sambhubati Majhi to Somabati Majhi.** Henceforth, she will be known as **Somabati Majhi** in all proceeding, dealing and transaction request to all person at all times to designate and address her such assumed name of **Somabati Majhi** accordingly.

**AFFIDAVIT**

I, **Kalpana Mahapatra**, W/o- Girish Mahapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar, Dist- Khordha, Pin-751007 Odisha declare by this affidavit No. 93 dtd- 11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**

I, **Puja Bai Agarwalla,** aged about 35 Years, D/o.: Ranjeet Kumar Agarwalla, Resident of At: Laxmi Bazar, P.S.: Town, Dist.: Dhenkanal, Odisha declare by this affidavit No.: 1837 dated 27 Jun 2024 That now onwards I shall be known as **Pooja Agarwal** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No: 903 dated 07/05/2025, I **RASMITA BEHERA,** D/o Ganeswar Prusty resident of Village At - Bhimda, Po- Bhimda, Ps- Bada Sahi, Dist- Mayurbhanj, Odisha Pin- 757083 declare that I have changed my name from **Rasmita Prusty,** DOB 18.12.1995 to **Rasmita Behera,** DOB 18.06.1999. Henceforth, I shall be known as **RASMITA BEHERA,** DOP 18.06.1999 for all future purposes.

**Sd- RASMITA BEHERA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**

**AFFIDAVIT**

By virtue of an affidavit No.6618, Dtd.30.05.2025 sworn before the Executive Magistrate, Balasore I, Minakhi Mishra, W/o.Bijay Kumar Mishra, At. Dadhibamanpur, Po. Kanheibinda, Ps. Simulia, Dist. Balasore, Odisha, declare that my name has been mentioned inadvertently in my LIC policy no. 586251643 as Smt. DRAUPADI MISHRA (DASH). Henceforth, I shall be known as **Minakhi Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mahanta** (new name), Henceforth, he shall be known as **ADITYA MAHANTA** for all future purposes.

**Sumanta Mahanta**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/06/2025 I, Sri. Prasanta Khada S/O- Ghenu Khada Vill:- Andaraguda, PO- Pantalung PS- Padwa District- Koraput declare that I have changed my name from Prasanta Khara to Prasanta Khada. Henceforth, I shall be known as Prasanta Khada for all purposes.

**Prasanta Khada**

**LOST**

ମୁଁ ସସ୍ମିତା ନନ୍ଦ ସ୍ୱାମୀ-ଲକ୍ଷ୍ମୀନାରାୟଣ ନନ୍ଦ ମୋର ଜମିର ଡକ୍ୟୁମେଣ୍ଟ ପଟ୍ଟା ହଜିଯାଇଛି। ଖାତା ନଂ - ୧୮/୧୫୭ ଓ ପ୍ଲଟ ନଂ ୨୬/୧୯୬, ୩୬/୧୯୫, ୩୭, ୩୧, ୩୦, ୨୯ ଏବଂ ୬ ଏବଂ ଡକ୍ୟୁମେଣ୍ଟ - ୧୧୬୦୧୫୦୧୫୬୩, ୧୬୦୧୫୦୧୫୭୪ କୌଣସି ବ୍ୟକ୍ତିଙ୍କୁ ମିଳିଥାଏ ତାହା ୯୪୩୭୫୨୬୬୩୭ ମୋବାଇଲ ନମ୍ବର ଯୋଗାଯୋଗ କରନ୍ତୁ।

**AFFIDAVIT**

I Sharmila, D/o. D. Sathyanarayanan, R/o. SA-16, CSIR-IMMT, Bhubaneswar-751013 declare that my name may be written as S Sharmila as per affidavit 12AA 808342 dt 8 May2025. My father's name Sathyanaryanan may be written as D Sathyanarayanan as per affidavit 12AA 808342 dt 8 May2025.

**S SHARMILA**

**AFFIDAVIT**

I, Taruna Kumar Pradhana, S/o- Late Raghunatha Pradhan resident of Plot no.- B-103, Shreekhetra Green Wood, Aiginia, Ps.- Bharatpur, Bhubaneswar- 751019, Dist.- Khordha, Odisha state that my father's actual & correct name is **Raghunatha Pradhan** but in my service documents, it is wrongly mentioned as **Raghunath Pradhan**. Therefore, it is submitted that both **Raghunatha Pradhan** and **Raghunath Pradhan** is one and the same person who is my deceased father.

**AFFIDAVIT**

By virtue of affidavit before Notary Bolangir, I MRUNALA KUMAR MOHANTY(50) S/O - MAHENDRA PRASAD MOHANTY, SAGARPADA, PO BALANGIR, PS BALANGIR TOWN, Dist BALANGIR, Odisha, PIN - 767001, do hereby declare by this affidavit no. 621, dt.04.06.2025, that now onwards I shall be known as MRUNAL KUMAR MOHANTY for all future purposes.

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**

B-181

Bid Identification No. SE DKL (R&B). 08/ 2025-26

Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 4 Nos Electrical Works & 1 No Civil works |
| 3. | No. of work | : | 05 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'MV','HT' License & 'C' & 'D' License |
| 6. | Availability of Bid Documents in the website | : | From 10.00 AM of 10.06.2025 to 5.00 PM of 24.06.2025 |
| 7. | Date of Opening of Bid | : | Dt. 25.06.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34016/11/0046/2526

**Superintending Engineer**
**Dhenkanal (R&B) Division**

**PANCHAYAT SAMITI OFFICE: TANGARPALI, DIST.- SUNDARGARH**

i-143

**TENDER CALL NOTICE 02/2025-26**

**No. 3104 / Date 03.06.2025**

Tender is hereby invited vide Tender Call Notice No. 01 of 2025-26 from eligible contractors for the following work. The details documents will be downloaded from district website www.sundargarh.odisha.gov.in w.e.f. 03.06.2025 to 16.06.2025.

| Sl. No | Name of the Work | No. of Godown/ / AWC Building / GPLF Building | Amount put to Tender in ₹. (Excluding GST) @ per AWC | Cost of Tender paper (Non-refundable) in ₹. @ per AWC | Bid security/EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1 | Const. of G.P.L.F Office Building with Market Complex at Mangaspur GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 2 | Const. of G.P.L.F Office Building with Market Complex at Meghdega GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 3 | Const. of G.P.L.F Office Building with Market Complex at Mahulpali GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 4 | Const. of Model AWC at Amkunpada, Sanpatrapali | 1 | 2253459/- | 6000/- | 22535/- | Six Months | 'C' & 'B' Class |
| 5 | Const. of New Office Building & Godown of 50 MT at Meghdega | 1 | 2282896/- | 6000/- | 22829/- | Six Months | 'C' & 'B' Class |

1. Date and time for download Tender Paper: From Dt. 03.06.2025 to 16.06.2025.
2. Last Date of Receipt of Tender Paper: Dt. 16.06.2025 (5.00 P.M.)
3. Date of Opening of Tender Paper: Dt. 18.06.2025 (11.00 A.M.)

OIPR-19342/11/0006/2526

Sd/- Block Development Officer, Tangarpali

# ଅସରାଏ ବର୍ଷା; ବୁଡ଼ିଲା କମରପୁର ରାସ୍ତା, ଘରେ ପଶିଲା ପାଣି

ସୋର, ୬।୬ (ସମିସ)



**କେବେ ଦୂର ହେବ ସୋରବାସୀଙ୍କ ଦୁଃଖ**

ସୋର ପୌରପରିଷଦ ଅନ୍ତର୍ଗତ ୨ ନମ୍ବରୱାର୍ଡ କମରପୁର ମୁଖ୍ୟ ରାସ୍ତାରେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି ଲହଡି ଭାଙ୍ଗୁଥିବା ବେଳେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି କେତେକ ଘର ଭିତରେ ପଶିଥିବା ଦେଖାଯାଇଛି। ଜାତୀୟ ରାଜପଥଠାରୁ ଷ୍ଟେସନକୁ ଯିବା ରାସ୍ତା ପାଶ୍ୱର୍ ଡ୍ରେନ କିଛିଦିନ ତଳେ ସଫା କରାଯାଇଥିଲେ ସୁଦ୍ଧା ଏହାର ମୁଖ୍ୟ ଡ୍ରେନକୁ ସଫା କରାଯାଇ ନ ଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇ ନପାରି ଦୀର୍ଘ ସମୟ ଧରି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଫଳରେ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଥିଲା। ଏଥି ସହିତ ଉତ୍ତରେଶ୍ୱର ଜାତୀୟ ରାଜପଥ ପାଶ୍ୱର୍ ଡ୍ରେନ୍ ବ୍ୟବସ୍ଥା ଏପର୍ଯ୍ୟନ୍ତ ସଠିକ୍ ଭାବେ କରାଯାଇ ନ ଥିବାରୁ ରାସ୍ତା ଉପରେ ପାଣି ଜମି ଉତ୍ତରେଶ୍ୱର ପଶ୍ଚିମ ପାଶ୍ୱର୍ରେ ଥିବା ପରିବା ହାଟ, ମାଛ ହାଟ ଏବଂ ଦୋକାନଗୁଡ଼ିକରେ ପାଣି ପଶିଯାଉଥିବା ଦେଖାଯାଇଛି। ବ୍ରିଜ ଗୋପାଳ ଠିକା କମ୍ପାନୀ ତରଫରୁ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଏକ ପ୍ରକାର ଶେଷ ହେବାକୁ ଯାଉଥିବାବେଳେ କଲେଜଛକଠାରୁ ପାଇକାଳି ପର୍ଯ୍ୟନ୍ତ ଡ୍ରେନକୁ ସଠିକ୍ ଢଙ୍ଗରେ କରାଯାଇପାରି ନାହିଁ। ଫଳରେ ସୋରବାସୀଙ୍କୁ ଅଯଥାରେ ଏହି ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଏହି ସମସ୍ୟାରେ ସମ୍ମୁଖୀନ ହେବାକୁ ଆଶଙ୍କା ଥିବା ବେଳେ ଆଗାମୀ ଦିନରେ ଅଧିକ ବର୍ଷା ହେଲେ ଉତ୍ତରେଶ୍ୱର, ଖରିଦା, କମରପୁର, ବଡ଼ଖୁରୀ ଆଦି ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ସମ୍ଭାବନା ରହିଥିବାରୁ କର୍ତ୍ତୃପକ୍ଷ ଗୁରୁତ୍ୱର ସହିତ ଏଥିପ୍ରତି ଧ୍ୟାନ ହେବା ପାଇଁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନେଲା ପ୍ରଶାସନ, ଭଙ୍ଗାଗଲା ଦୋକାନ



ନୀଳଗିରି, ୬।୬ (ସମିସ): ନୀଳଗିରି ଉପଖଣ୍ଡ ପ୍ରଶାସନ ପକ୍ଷରୁ ଜବରଦଖଲ କରିଥିବା ଦୋକାନଗୁଡ଼ିକୁ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲ ଦାର ସୋନମ ଦାସ, ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ଓ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ସରକାରୀ ଜମି ଜବରଦଖଲ କରି ଦୋକାନ କରିଥିବା ଦୋକାନଗୁଡ଼ିକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବରୁ ଦୋକାନୀ ମାନଙ୍କୁ ନୋଟିସ କରାଯାଇଥିଲା। ନୋଟିସର ଅବଧି ପୂରଣ ହୋଇଯାଇଥିବା ବେଳେ ଆଜି ନୀଳଗିରି ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ପୁଲିସ ମୁତୟନ କରାଯାଇ ଦୋକାନ ଗୁଡ଼ିକୁ ଭଙ୍ଗାଯାଇଛି। ରାସ୍ତା ସଂପ୍ରସାରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘର ଶୋଭାଯାତ୍ରା



ନୀଳଗିରି, ୬।୬ (ସମିସ): ଆତଙ୍କବାଦୀ ଆକ୍ରମଣରେ ନିରୀହ ଲୋକଙ୍କ ଜୀବନ ନେଇଥିବା ଆତଙ୍କବାଦୀଙ୍କ ବର୍ବୋରଚିତ ନରସଂହାର ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୁରର ବିଜୟ ଉତ୍ସବ ସମଗ୍ର ଦେଶ ପାଳନ କରୁଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସଂଘର ବର୍ଷୀୟାନ ସଦସ୍ୟ ତଥା ସଂଘର ସମ୍ପାଦକ ମାୟାଧର ମହାନ୍ତିଙ୍କ ନେତୃତ୍ୱରେ ଦେବେନ୍ଦ୍ର ପ୍ରଧାନ, ଦୟାନିଧି ମିଶ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ରଧାମଧବ କାନୁନଗୋ, ରମାକାନ୍ତ ନାୟକ, ସରସ୍ୱତୀ ପଣ୍ଡା, ବାସନ୍ତୀ ପଣ୍ଡା, ନିୟତି ମହାନ୍ତି, ଜୟନ୍ତ କୁମାର ଷଡଙ୍ଗୀ, ନିରଞ୍ଜନ ପାଢ଼ୀ, ମହେନ୍ଦ୍ର ବେହେରା, ଦୈତାରି ବାରିକ, ପ୍ରଫୁଲ୍ଲ ସେଠୀ, ନେତ୍ରାନନ୍ଦ ବିଶ୍ୱାଳ, ଘନଶ୍ୟାମ ସେଠୀ, କଟି ସିଂ, ରବୀନ୍ଦ୍ର ମହାଳିକ, ଲକ୍ଷ୍ମୀଧର ସ୍ୱାଇଁ, ଗୌରାଙ୍ଗ ପଟ୍ଟନାୟକ, ରତ୍ନାକର ଶତପଥି, ଭାସ୍କର ଚନ୍ଦ୍ର ସାହୁ, ନାରାୟଣ ପ୍ରସାଦ ଜେନା, ବରୁଣରାମ ମିଶ୍ର ପ୍ରମୁଖ ବହୁ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇ ଦେଶପ୍ରେମର ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା।

# କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି



ଜଳେଶ୍ୱର ବ୍ଲକ, ୬।୬ (ସମିସ): ସମଗ୍ର ରାଜ୍ୟରେ ବାଲେଶ୍ୱର କୃଷିବହୁଳ ଜିଲ୍ଲା ଭାବେ ବେଶ୍ ପରିଚିତ। ବିଶେଷ କରି ଜଳେଶ୍ୱର, ଭୋଗରାଇ, ବସ୍ତା,ବାଲିଆପାଳ ବ୍ଲକ କୁ ନେଇ ଉତ୍ତର ବାଲେଶ୍ୱର ଅଞ୍ଚଳରେ ବିଭିନ୍ନ ପ୍ରକାରର ବ୍ୟାପକ କୃଷି ହୋଇଥାଏ। ଧାନ, ପାନ,ମୀନ ଓ ଅର୍ଥକାରୀ ଫସଲ ଉତ୍ପାଦନର ଅଞ୍ଚଳ ବେଶ ଆଗୁଆ। କିନ୍ତୁ ବୈଷୟକ, କୃଷି ପରାମର୍ଶ, ପ୍ରଶିକ୍ଷଣ ଓ ଗୁଣାକ୍ଷକ ମାନର ଶିକ୍ଷାଦାନ ବ୍ୟବସ୍ଥା ନଥିବାରୁ କୃଷିରେ ଚାଷୀ ଲାଭାନ୍ୱିତ ହୋଇପାରୁ ନାହିଁ। ତେଣୁ ଭିତିଭୂମି ରହିତ ଉତ୍ତର ବାଲେଶ୍ୱର ଅଞ୍ଚଳରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ଜଳେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଭଞ୍ଜ ଭବନରେ ଆୟୋଜିତ ପ୍ରେସ ବାର୍ତ୍ତାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସଭାପତି ଦିଲ୍ଲୀପ ଗିରିଙ୍କ ନେତୃତ୍ୱରେ ମହା ବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ୮ ତାରିଖରେ କୁରୁଡ଼ା ଠାରେ ହେବାକୁ ଥିବା ସମ୍ମିଳନୀକୁ ସଫଳ କରିବା ପାଇଁ ବ୍ୟାପକ ପ୍ରସ୍ତୁତ ଓ ସମସ୍ତ ବ୍ଲକରେ ବୈଠକ ଅନୁଷ୍ଠିତ ହୋଇସାରିଛି। ଉକ୍ତଦିନ ସକାଳ ୯ଟାରେ ପଞ୍ଜିକରଣ ଓ ଉଦ୍‌ଘାଟନ ପରେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମିଳନୀର ସାଧାରଣ ଅଧିବେଶନରେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ଅତିଥି ବକ୍ତାଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି, ବାଲେଶ୍ୱର ଜିଲ୍ଲାପରିଷଦ ସଭାପତି ଏବଂ ବହୁ ବିଧାୟକ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ପ୍ରାୟ ୨ ଶହ ପ୍ରତିନିଧି ଓ କୃଷକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆଞ୍ଚଳିକ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ କୃଷି ବୈଜ୍ଞାନିକ ବିଜୟ ମିଶ୍ର, ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି,ସମରେଶ ଦିନ୍ଦା, ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଉପସ୍ଥିତ ହୋଇ ଆଜିର ଯୁବଗୋଷ୍ଠୀ କୃଷି କ୍ଷେତ୍ରରୁ ବିମୁଖ ହେଉଥିବାରୁ କୃଷିର ବୈଷୟିକ ଶିକ୍ଷା ସମାନଙ୍କୁ କୃଷି କାର୍ଯ୍ୟପ୍ରତି ଓ ଅତ୍ୟାଧୁନିକ ପ୍ରଣାଳୀରେ ଲାଭଦାୟକ ଓ କୃଷି ପ୍ରତି ଆକୃଷ୍ଟ ହେବେ ବୋଲି ପ୍ରକାଶ କରିଥିଲେ।କୃଷି କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାର ପୁନଶ୍ଚ ନିଜର ଗୌରବ ଫେରିପାଇବା ସହିତ ମୁଣ୍ଡପିଛା ଆୟ ବୃଦ୍ଧି ହେବ। ଜିଲ୍ଲାରୁ ଦାଦନ ଯାଉଥିବା ସଂଖ୍ୟା ହ୍ରାସ ପାଇବ ସହ ଅଞ୍ଚଳରେ ସବୁଜ କ୍ରାନ୍ତି ସୃଷ୍ଟି ହେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଭାସ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ବିଶ୍ୱ ପରିବେଶ ଦିବସରେ ମୁନ୍ କମ୍ୟୁନିକେସନ ସମ୍ବର୍ଦ୍ଧିତ





ବାଲେଶ୍ୱର, ୬।୬ (ସମିସ): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ବାଲେଶ୍ୱରର ମୁନ କମ୍ୟୁନିକେସନକୁ ସମ୍ମାନିତ କରାଯାଇଛି। ବାଲେଶ୍ୱର ଜିଲ୍ଲାର ଯୁବ ଅନୁଷ୍ଠାନ ଭାବେ ଦୀର୍ଘ ୨୫ ବର୍ଷ ଧରି ପରିବେଶ ପାଇଁ ବୃକ୍ଷ ରୋପଣ, ବନ୍ୟଜନ୍ତୁ ସୁରକ୍ଷା, ଏକକ ପଲିଥିନ ବ୍ୟବହାର ହ୍ରାସ, ବର୍ଷା ଜଳ ଅମଳ ଓ ନୀଳରକ୍ତ କଙ୍କଡା ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ରାଜ୍ୟ ବିଶ୍ୱ ପରିବେଶ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ଶିକ୍ଷା ସଦନ ପରିସରରେ ଏକ ଭବ୍ୟ ରାଜ୍ୟ ସ୍ତରୀୟ ଉତ୍ସବରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ମୁନ କମ୍ୟୁନିକେସନ ସମ୍ପାଦକ ଅବନୀ କୁମାର ଜେନାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ସହ ରାଜ୍ୟ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅବନୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏ ସମ୍ବର୍ଦ୍ଧନା ତାଙ୍କୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଅଧିକ ଉତ୍ସାହିତ କରିବ।

## କୁନି ଛାତ୍ରଛାତ୍ରୀଙ୍କୁ ଗଛ ପ୍ରଦାନ

ବାଲେଶ୍ୱର, ୬।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ମଝିକିଆ ଗାଁର ମା' ବୁଢ଼ୀବାସୁଳି କଳା ଓ ସଂସ୍କୃତି ମହାବିଦ୍ୟାଳୟ ପକ୍ଷରୁ କୁନି ଛାତ୍ରୀଛାତ୍ରୀଙ୍କୁ ଗଛ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଦାସ ଏବଂ ସମସ୍ତ ଶିକ୍ଷକ ଚିତ୍ରଶିଳ୍ପୀ ଉମାକାନ୍ତ ସାହୁ, ସଙ୍ଗୀତ ଶିଳ୍ପୀ ଚିନ୍ମୟ ମିଶ୍ର, ତବଲା ବାଦ୍ୟ ଶିଳ୍ପୀ ଅମିତ କୁମାର ପ୍ରଧାନ, ନୃତ୍ୟ ଶିଳ୍ପୀ କମଳ ଲୋଚନ ପାତ୍ର, ଅନନ୍ତ କୁମାର ଦାସ, ଶିକ୍ଷୟିତ୍ରୀ ଶ୍ରୀମତୀ କ୍ଷେଣ ଏବଂ ଗାଡ଼ି ଚାଳକମାନେ ଯୋଗ ଦେଇ କୋମଳମତି ଛାତ୍ରଛାତ୍ରୀଙ୍କୁ ଗଛ ପ୍ରଦାନ କରିଛନ୍ତି। ସମସ୍ତଙ୍କୁ ଗଛ ଲଗାଇବାକୁ ଏବଂ ଗଛ ନ କାଟିବାକୁ ଅନୁରୋଧ କରିଛନ୍ତି।

# ମୋବାଇଲ ଟାୱାର ଉପରୁ ନାବାଳକ ଉଦ୍ଧାର



ରାଜଘାଟ, ୬।୬ (ସମିସ): ବସ୍ତା ଥାନା ପୁରୁଷୋତ୍ତମପୁର ପଞ୍ଚାୟତର ପଣିସାପଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ବାପା ମାଆ ପାଠ ପଢିବା ପାଇଁ କହିବାରୁ ମୋବାଇଲ ଟାୱାର ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କଲା ପଞ୍ଚମ ଶ୍ରେଣୀର ଛାତ୍ର। ପରେ ପିଲାଟିକୁ ଉଦ୍ଧାର କଲେ ଅଗ୍ନିଶମ ବାହିନୀ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ନାବଦା ଗ୍ରାମର ଭାସ୍କର ଗିରିଙ୍କ ପୁଅ ଆକାଶ (୧୦)କୁ ଆଜି ଅପରାହ୍ନରେ ତାଙ୍କ ବାପା ମାଆ ପାଠ ପଢିବା ପାଇଁ କହିଥିଲେ। ଏଥିରେ ଆକାଶ ରାଗି ଘରୁ ବାହାରି ଯାଇ ବସ୍ତା ଥାନା ପୁରୁଷୋତ୍ତମପୁର ପଞ୍ଚାୟତର ପଣିସାପଡା ଗ୍ରାମରେ ଥିବା ଏୟାରଟେଲ ମୋବାଇଲ ଟାୱାରର ପ୍ରାୟ ୪୦ ଫୁଟ ଉପରକୁ ଚଢ଼ି ଯାଇ ତଳକୁ ଡେଇଁବାକୁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବସ୍ତା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ରାସଗୋବିନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ପିଲାଟିକୁ ଉଦ୍ଧାର କରିଛନ୍ତି।

# ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୬।୬ (ସମିସ): ସମ୍ବିଧାନ ବଞ୍ଚାଅ ଯାତ୍ରା କାର୍ଯ୍ୟକ୍ରମ ପାଇଁ ଜିଲ୍ଲା କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ ରାଜୀବ ଭବନରେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଦେବାଶିଷ ପଟ୍ଟନାୟକଙ୍କୁ ଜିଲ୍ଲାର ବିଭିନ୍ନ ବ୍ଲକର ନେତୃତ୍ୱ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ପରେ ପ୍ରଭାରୀ ଶ୍ରୀ ପଟ୍ଟନାୟକ ଆଗାମୀ ସମ୍ବିଧାନ ବଂଚାଅ ଶୋଭାଯାତ୍ରା ସଫଳ କରିବା ସହ ସଂଗଠନ ମଜବୁତ ପାଇଁ ମନ୍ତ୍ର ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବସ୍ତା କଂଗ୍ରେସ ନେତା ବିଜନ ନାୟକ, ପିସିସି ସଭ୍ୟ ସତ୍ୟ ସୁନ୍ଦର ଦାସ, ଅର୍ଚ୍ଚନା ନନ୍ଦୀ, ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମ ଲୋଚନ ଲେଙ୍କା, ସିମୁଳିଆ ନେତା ହିମାଂଶୁ ବେହେରା, ସୋର ନେତା ସୁବ୍ରତ ଧଡା, ମୟୂରଭଞ୍ଜ ଜିଲ୍ଲା ଯୁବ ନେତା ଅରବିନ୍ଦ ଦାସ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସରୋଜ ଲେଙ୍କା, ଜିଲ୍ଲା ମୁଖପାତ୍ର ସୁଧାଂଶୁ ଶେଖର ଜେନା, ସତ୍ୟନାରାୟଣ ଗୁପ୍ତା, ମନୋରଞ୍ଜନ ପଣ୍ଡା, ଜୟକୃଷ୍ଣ ବେହେରା, ତରୁଣ ଦାସ, ରାଜୀବ ପରିଡା, ଶ୍ରୀକାନ୍ତ ଜେନା, ରାଜେନ୍ଦ୍ର ମହାନ୍ତି, ଉପେନ୍ଦ୍ର ବେହେରା, ସୁଦର୍ଶନ ଜେନା, ଜସୋଦା ନନ୍ଦନ ସିଂ, ମନୋଜ୍ ମହାନ୍ତି, କହ୍ନେଇ ବେହେରା, ରାମନାରାୟଣ ଶତପଥୀ ରବିନ୍ଦ୍ର ଦାସ, ମନୋରଞ୍ଜନ ନାୟକ, ଜୟନ୍ତ ମହାପାତ୍ର, ଗିରିଜା ଶଙ୍କର ଦାସ, ଜ୍ୟୋସ୍ନା ସେନାପତି, ବାସନ୍ତୀ ସାମଲ, ଉର୍ମିଳା ମାଝୀ, ଅଞ୍ଜଳି ପ୍ରଧାନ, କୁମୁଦିନୀ ଦାସ, ଅଜଗର ଅଲି, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ଜଗନ୍ନାଥ ମହାପାତ୍ର, ଗଣେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରୁକ୍ମଣୀ ବିବାହ ସମ୍ପନ୍ନ

# ଆଜି ଗୁଆଲି ଯାତ୍ରା



ବାରିପଦା, ୬।୬(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ବିଜେଙ୍କ ମନ୍ଦିରରେ ରୁକ୍ମଣୀ ବିବାହ ସମ୍ପନ୍ନ ହୋଇଛି। ଦେବୋତ୍ତର ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଜି (ଶନିବାର) ଗୁଆଲି ଯାତ୍ରା ଅନୁଷ୍ଠିତ ହେବ। ବାରିପଦା ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର ସମେତ ସାନ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ରୁକ୍ମଣୀ ବିବାହ ଶେଷ ହୋଇଛି। ପ୍ରତିବର୍ଷ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମାତା ରୁକ୍ମିଣୀଙ୍କ ବିବାହ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ। ଗୁରୁବାର ରୁକ୍ମଣୀ ହରଣ ନୀତି ଅନୁଷ୍ଠିତ ହୋଇଥିଲା। ଏହି ନୀତି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଦଶମୀ ତିଥିରେ ରୁକ୍ମିଣୀଙ୍କୁ ହରଣ କରିଛନ୍ତି। ଶୁକ୍ରବାର ଏକାଦଶୀରେ ମା' ପାଟଦେଇ ଲକ୍ଷ୍ମୀଙ୍କ ସହିତ ବିବାହ କରିବା ପରେ ଦ୍ୱାଦଶୀ ତିଥିରେ ନବଦମ୍ପତି ମଦନ ମୋହନ ଓ ରୁକ୍ମିଣୀ ନଗର ଭ୍ରମଣରେ କରିଥାନ୍ତି; ଯାହାକି ଗୁଆଳି ଯାତ୍ରା ଭାବେ ବେଶ ପ୍ରସିଦ୍ଧି ଲାଭ କରିଛି। ଶନିବାର ସନ୍ଧ୍ୟାରେ ଗୁଆଲି ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏ ନେଇ ମନ୍ଦିର ପରିସରରେ ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ପୂଜାର୍ଚ୍ଚନା ହୋଇ ରୁକ୍ମଣୀ ବିବାହ ମହାସମାରୋହରେ ସମ୍ପନ୍ନ ହୋଇଛି।

# ୧୧ରେ ଭଞ୍ଜସେନା ଘେରିବ ଆର୍‌ଡି ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ

ବାରିପଦା, ୬।୬(ସମିସ): ଭଞ୍ଜସେନା ପକ୍ଷରୁ ଆସନ୍ତା ୧୧ ତାରିଖରେ ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ଘେରାଉ କରାଯିବ। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅକ୍ଷୟ କୁମାର ନାୟକ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ନାୟକ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କ ବିଶୃଙ୍ଖଳା ତଥା ଅନିୟମିତତାକୁ ପ୍ରାଧାନ୍ୟ ଦେଉଥିବାରୁ ତାଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ଦେହରେ ରହିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏକ୍ସ ଯୋଗେ ଅବଗତ କରିଥିଲେ। ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ତଦନ୍ତ ନ ହେବା ଯୋଗୁଁ ଆସନ୍ତା ୧୧ ତାରିଖରେ କାର୍ଯ୍ୟାଳୟ ଘେରଉ କରାଯିବ। ଏହି ଘଟଣାର ତଦନ୍ତ କରାଗଲେ ବହୁ ରହସ୍ୟ ଲୋକଲୋଚନକୁ ଆସିବ। ତେଣୁ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାରେ ରହଣି ସମୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ନେଇ ଭଞ୍ଜସେନା ଦାବି କରିଛି। ଏନେଇ ଭଞ୍ଜସେନା ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜରିଆରେ ସୂଚନା ଦେଇଛନ୍ତି।

# ମାକିଡ଼ିଆ ହସ୍ତତନ୍ତ ବୁଣାକାରଙ୍କୁ ନେଇ ସଚେତନତା ବୈଠକ

ଜଳେଶ୍ୱର ବ୍ଲକ, ୬।୬ (ସମିସ)




ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅନୁମୋଦନ କ୍ରମେ ଓ ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଓ ଯୁବ ନେତା ରାସବିହାରି ରଣା, କାଳୀଚରଣ ଦାସ ଓଡ଼ିଶା ସରକାରଙ୍କ ବୟନ ହସ୍ତତନ୍ତ ବିଭାଗର ମନ୍ତ୍ରୀ ପ୍ରଦୀପ ବଳଙ୍କୁ ଭେଟି ବୁଣାକାର ମାନଙ୍କର ସମସ୍ୟା ସଂମ୍ପର୍କରେ ଅବଗତ କରାଇଥିଲେ। ଆଜି ଦିବା ୧୧ ଘଟିକା ସମୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡିଆ ଝଗଡେଶ୍ୱର୍ ତନ୍ତବାୟ ସମବାୟ ସମିତି ପରିସରରେ ଭାରତ ସରକାର ବସ୍ତ୍ର ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ବୁଣାକାର ସେବା କେନ୍ଦ୍ର ପକ୍ଷରୁ ଏକ ପ୍ରତିନିଧି ଦଳ ମାକିଡିଆ ବୁଣାକାର ମାନଙ୍କୁ ନେଇ ସଚେତନତା ବୋଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହଯୋଗ କରିଥଲେ ହାପି ଫାଉଣ୍ଡେସନର ଚେୟାରମେନ ତପନ ପାତ୍ର। ଏଠାରେ ଥିବା ସମସ୍ତ ବୁଣାକାର ପରିବାର ମାନେ ସେମାନଙ୍କର ପ୍ରସ୍ତୁତ ହେଉଥିବା ଟସର ଶାଢ଼ୀ, ଧୋତି, ସାଲ, ପାରଲା, ଉତ୍ତରୀ ଇତ୍ୟାଦି ସାମଗ୍ରୀ ପ୍ରସ୍ତୁତି କରି ଦେଶ ଓ ବିଦେଶରେ ଏହାକୁ ପ୍ରଚଳିତ କରି ବୁଣାକାର କୌଳିକ ବୃତ୍ତିକୁ ଜୀବିତ ରଖିବା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ସରକାରୀ ସହାୟତା ସାଧାରଣ ବୁଣାକାର ପରିବାର ପାଖରେ ପହଞ୍ଚି ପାରିବ ଓ ତାଙ୍କ ପରିବାର ପିଲା ମାନେ କିପରି ସରକାରୀ ବୁଣାକାର ସ୍କୁଲ ମାନଙ୍କରେ ଶିକ୍ଷା ଲାଭ କରି ଉଜ୍ଜଳ ଭବିଷ୍ୟତ ଗଠନ କରିବା ସହିତ କେନ୍ଦ୍ରୀୟ ସ୍ତରରେ ପୁରସ୍କୃତ ହୋଇଥିବା ବୁଣାକାର ମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଠ ହଜାର ଟଙ୍କା ପେନସନ ଭୁକ୍ତ ହୋଇ ପାରିବେ ସେ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଉପସ୍ଥିତ ରହିଥିଲେ ଭାରତ ସରକୋରଙ୍କ ବସ୍ତ୍ର ମନ୍ତ୍ରାଳୟ ହସ୍ତତନ୍ତ ଉନ୍ନୟନ ଆୟୋଗ ବୁଣାକାର ସେବା କେନ୍ଦ୍ର ଡେପୁଟି ଡାଇରେକ୍ଟର ଭିକାଶ କୁମାର ନିର୍ଦ୍ଦେଶ କ୍ରମେ ଜୁନିୟର ଆସିଷ୍ଟାଣ୍ଟ ନବ ଜ୍ୟୋତି, କଲେକ୍ଟର ମହେଶ ସିସେ, ଡିଜାଇନର କଲ୍ୟାଣୀ ସାମଲସମିତି ସମ୍ପାଦକ ତପନେଶ୍ୱର୍ ସାହୁ, ଭବାନୀ ଶଙ୍କର ଦାସ, ତାପସ ଚନ୍ଦ, ବିବେକାନନ୍ଦ ଦାସ, ପ୍ରମୋଥ ଦାସ, ସୁବଳ ଚନ୍ଦ୍ର, ଦୁଲାଲ ଦାସ, ବିକ୍ରମ କେଶରୀ ଦାସ, ତିରୁପତି ଦାସ ପ୍ରମୁକ ଅନେକ ବୁଣାକାର ପରିବାର ମାନଙ୍କୁ ନେଇ ଏ ସଂପର୍କରେ ଆଲୋକପାତ କରିଥିଲେ।

■ ବାଇକ୍‌କୁ ଧକ୍କା ଦେଇ ଘୋଷାଡିଲା କଣ୍ଟେନର

# ଶିଶୁ କନ୍ୟା ମୃତ; ବାପା ଗୁରୁତର


ଫାଇଲ୍ ଫଟୋ

ବିଶୋଇ, ୬।୬ (ସମିସ) : ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥରେ ଏକ କଣ୍ଟେନର ବାଇକକୁ ଧକ୍କା ଦେଇ ୨୦୦ ମିଟର ଘୋଷାଡ଼ି ନେବା ପରେ ଏକ କୁନି ଝିଅର ମୃତ୍ୟୁ ଘଟିଥିବାବେଳେ ବାପା ଗୁରୁତର ଅବସ୍ଥାରେ ଚିକିତ୍ସିତ ହୋଉଛନ୍ତି। ଗୁରୁତର ଜଣଙ୍କ ହେଲେ ବିଶୋଇ ଥାନା ଅନ୍ତର୍ଗତ ଅସନା ଗ୍ରାମର ସଞ୍ଜୟ ଗିରି (୪୧) ଏବଂ ମୃତକ ଜଣଙ୍କ ହେଲେ ୭ ବର୍ଷର ଶିଶୁକନ୍ୟା ଭୂମିକା। ଗୁରୁବାର ସନ୍ଧ୍ୟାରେ ସଞ୍ଜୟ ଓ ଝିଅ ଭୂମିକାକୁ ଏକ ବାଇକ୍‌ରେ ଅସନା ଛକରେ ଯାଉଥିବାବେଳେ ବିଶୋଇ ପଟୁ ଦ୍ରୁତଗତିରେ ଯାଉଥିବା ଏକ ମାଲ ବୋଝେଇ କଣ୍ଟେନର ଧକ୍କା ଦେଇଥିଲା। ଫଳରେ କଣ୍ଟେନରଟି ବାଇକକୁ ପ୍ରାୟ ୨୦୦ ମିଟର ଘୋଷାଡି ନେଇଥିଲା। ପରେ ସ୍ଥାନୀୟ ଲୋକେ ଯାଇ କଣ୍ଟେନରକୁ କାବୁ କରିବା ସହିତ ଡ୍ରାଇଭରକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଦୁର୍ଘଟଣାରେ ସଞ୍ଜୟ ଓ ଭୂମିକାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ ମଣଦା ଏବଂ ପରେ ବାରିପଦାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ଥିବାରୁ କଟକ ଏସ୍.ସି.ବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଭୂମିକା ଆଜି ଆଖି ବୁଜିଥିବା ବେଳେ ସଞ୍ଜୟଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଚାଳକକୁ କୋର୍ଟ ଚାଲାଣ କରାଯାଇଛି। ସଞ୍ଜୟ ଅସନା ଛକରେ ଏକ ହୋଟେଲ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଘରେ ସ୍ତ୍ରୀ ଓ ୧୦ ବର୍ଷର ପୁଅ ଅଛନ୍ତି। କୁନି ଝିଅକୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବଡସାହି, ୬।୬(ସମିସ): ବଡସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତ ଟେଙ୍ଗୁଆମଙ୍ଗଳପୁର ନୂଆହାଟ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପର୍ସରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ଘର ଖୁଣ୍ଟା ଥାନା ଅଧିନ ଆରପଟା ଗ୍ରାମରେ ବୋଲି ଜଣାଯାଇଛି। ଯୁବକ ଜଣକ ହେଲେ ଜଗନ୍ନାଥ ସିଂଙ୍କ ପୁଅ ରାହୁଲ(୩୦)। କାର୍ତ୍ତିକ ଚନ୍ଦ୍ର ମାଟିଆଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ପୁଲିସ ଓ ତାଙ୍କ ପରିବାରକୁ ଅବଗତ କରିଛନ୍ତି।

ବିଶୋଇ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ

# ରାସ୍ତା ଓ ପାନୀୟ ଜଳ ଉପରେ ଗୁରୁତ୍ୱ

ବିଶୋଇ, ୬।୬ (ସମିସ)



ଶୁକ୍ରବାର ବିଶୋଇ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ବ୍ଲକ ଅଧକ୍ଷା ତୁଳସୀ ସିଡ୍ରି ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଉପାଧକ୍ଷ ଚନ୍ଦ୍ରମୋହନ ଗିରି, ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ, ରାଜ୍ୟସଭା ସାଂସଦ ପ୍ରତିନିଧି କ୍ଷିରୋଦ କୁମାର ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁତ୍ଲତା ଦେଓ, ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ, ବିଧାୟକ ପ୍ରତିନିଧି ବାଘ୍ରାୟ ବେଶ୍ରା ସମେତ ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ସହିତ ରାସ୍ତା ସଂଯୋଗ ନେଇ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା, ସ୍ମାର୍ଟ ମିଟର ଉପକାରିତା ସମ୍ବନ୍ଧରେ ଟାଟା ପାୱାର ଉପଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ। ବ୍ଲକର ସ୍ୱଚ୍ଛତା ଗ୍ରାମ ବବେଇଜଳା ଗ୍ରାମ ରାସ୍ତା କଲଭର୍ଟ ମରାମତି, ଭାତଛତ୍ର ପଞ୍ଚାୟତ କେନ୍ଦୁମରା-ବାଙ୍କିଡ଼ିହି ରାସ୍ତା ମରାମତି, ଭାତଛତ୍ର କେନ୍ଦୁମରା ରାସ୍ତା କଲଭର୍ଟର ଦୁରାବସ୍ଥା, କେଶରଗାଡ଼ିଆ-ହେନ୍ଦେଦା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ସହିତ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଆସନ୍ତା ୧୦ ତାରିଖରେ ୧୩୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୬୩ ହଜାର ୮ଶହ ଔଷଧ ବଳା ମଶାରୀ ବଣ୍ଟନ କରାଯିବ କରାଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ନକଲି ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା। ଗତ ମାର୍ଚ୍ଚ ୨୦ ତାରିଖରେ କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ପରିବାରଙ୍କୁ ଆର୍ଥିକ ସହାୟତା ବଣ୍ଟନରେ ପାତରଅନ୍ତର ସହିତ ସହାୟତା ପାଇବାକୁ ଥିବା ଯୋଗ୍ୟ ପରିବାରକୁ ଅଣଦେଖା କରିବା ଅଭିଯୋଗ କରି ଏନ.ବି ପୋଖରିଆ ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ ଗୃହରେ ଅସନ୍ତୋଷ ପ୍ରକାଶ କରିଥିଲେ। ଜଙ୍ଗଲ କିସମ ଜମିରେ ଘର କରି କଳବୈଶାଖୀ ଯୋଗୁଁ କ୍ଷତି ସହିଥିବା ଆଦିବାସୀ ପରିବାରଙ୍କୁ ଯଥାଶୀଘ୍ର ଜମିପଟ୍ଟା ପ୍ରଦାନ ପାଇଁ ଦାବି କରିଥିଲେ। ସେହିପରି ଯୋଡ଼ିଆ, ଏନ.ବି ପୋଖରିଆ ଓ ଭାତଛତ୍ର ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକକୁ ଉଚ୍ଚ ବିଦ୍ୟାଳୟକୁ ନବୀକରଣ ପାଇଁ ପୁଣି ପ୍ରସ୍ତାବ ଦିଆଯାଇଥିଲା। ସମସ୍ତ ପ୍ରସ୍ତାବିତ ହୋଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ଟ୍ରାକ୍ଟର-ବାଇକ୍ ଧକ୍କା; ଯୁବକ ମୃତ

ସାରସକଣା, ୬।୬ (ସମିସ): ସାରସକଣା ବ୍ଲକ ପୋଖରିଆ ଗ୍ରାମପଞ୍ଚାୟତର ବାଙ୍କୀଶୋଳ ଗ୍ରାମ ନିକଟରେ ଏକ ଟ୍ରାକ୍ଟର ସହିତ ବାଇକ୍ ଧକ୍କା ହେବାରୁ ପୁଅର ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛନ୍ତି। ସୂଚନା ମୁତାବକ ବାଙ୍କୀଶୋଳ ପଟୁ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସୁଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଚାଳକ ତପୁ ବେହେରାଙ୍କ ମୃତ୍ୟୁ ଘଟିଛି। ବାଇକ ପଛରେ ବସିଥିବା ମା' ପୁକଲୁ ନାଏକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଓ କଲେଜରେ ଭର୍ତ୍ତି କରାଯାଇଛି।

## ସାପ କାମୁଡ଼ାରେ ବାଳକ ମୃତ

ତୁରୁମୁଙ୍ଗା, ୬।୬(ସମିସ): ପାଟଣା ଥାନା ନୂଆପଡ଼ା ଗ୍ରାମର ସ୍ୱର୍ଗତ ରଇବୁ ନାଏକଙ୍କ ୧୧ବର୍ଷ ପୁଅ ଦଶରଥଙ୍କୁ ଶୁକ୍ରବାର ସକାଳୁ ବିଷଧର ସାପ କାମୁଡ଼ି ଦେବାରୁ ତା'ର ମୃତ୍ୟୁ ଘଟିଛି। ସକାଳ ୭ଟାରେ ତାକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶରଥଙ୍କ ୨ ପାଦ ରେ ସାପ କାମୁଡ଼ା ଚିହ୍ନ ରହିଥିବା ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ସ୍ୱାଗତ ପ୍ରଧାନ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ନହଙ୍ଗି ନୀଳକଣ୍ଠେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା

ଆନନ୍ଦପୁର, ୬।୬(ସମିସ): ରାମଚନ୍ଦ୍ରପୁର ପଞ୍ଚାୟତ ନହଙ୍ଗି ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଆଚାର୍ଯ୍ୟ ପଣ୍ଡିତ ବିଚିତ୍ରାନନ୍ଦ ଦାଶ, ସହଯୋଗୀ ପଣ୍ଡିତ ଉପେନ୍ଦ୍ର ପଣ୍ଡା, କରୁଣାକର ପଣ୍ଡା, ରାକେଶ ମିଶ୍ର, ବିନୟ ପଣ୍ଡା, ଶିବପ୍ରସାଦ ରଥ, ମନ୍ଦିର ପୁଜକ ପ୍ରମୋଦ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତି ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ପରିବେଷଣ କରାଯାଇଥିଲା। ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଥିଲା।



## ମିଳିନି କୁଆପଥର କ୍ଷତିଗ୍ରସ୍ତ ସହାୟତା

ଯୋଡ଼ା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଫଶେଇକଳା ପଞ୍ଚାୟତ ଫଶେଇକଳା ଗ୍ରାମର ଲିଙ୍ଗରାଜ ବେହେରାଙ୍କ ଘର କୁଆପଥର ମାଡ଼ରେ ଭାଙ୍ଗି ଯାଇଛି। ସେ ଏହାର ମରାମତି ନିମନ୍ତେ ଆର୍ଥିକ ସହାୟତା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। କିଛି ମାସ ପୂର୍ବରୁ ହୋଇଥିବା କୁଆପଥର ମାଡ଼ରେ ଲିଙ୍ଗରାଜ ବେହେରାଙ୍କ ଘରର ଆଜବେଷ୍ଟସ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା। ଲିଙ୍ଗରାଜ ଜଣେ ଦିନ ମଜୁରିଆ ଭାବେ ଲୋକଙ୍କ ଘରେ କାମ କରି ଘରର ଭରଣ ପୋଷଣ କରୁଥିବାରୁ ନୂଆ ଆଜବେଷ୍ଟସ କିଣି ଘର ଛାଇବାରେ ଅସମର୍ଥ ଅଟନ୍ତି। ଏବେ ବର୍ଷା ତାଙ୍କୁ ଦାଉ ସାଧୁଛି। ଉପରେ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ନେଇ ଲିଙ୍ଗରାଜଙ୍କ ସ୍ତ୍ରୀ ମନ୍ଦିରା ପ୍ରଶାସନକୁ ନିବେଦନ କରିଥିବା ଜଣାପଡ଼ିଛି। ଗତ ୨୭ ତାରିଖ ଯୋଡ଼ା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣିରେ ସେ ଏନେଇ ଗୁହାରି ଜଣାଇଥିଲା ସତ୍ତ୍ୱେ ଏଯାଏ ତାଙ୍କୁ କୌଣସି ପ୍ରକାର ସହାୟତା ମିଳିପାରି ନାହିଁ। ଏବେ ବି ସେ ଭଙ୍ଗା ଘରେ କାଳାତିପାତ କରୁଥିବାରୁ ଆଗାମୀ ଦିନରେ ଜୀବନଯାପନ ସମସ୍ୟା ମୁଣ୍ଡ ଟେକିଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

■ ଗୋପବନ୍ଧୁନଗର ବ୍ଲକ୍‌ରେ ଚିନ୍ତା ବଢ଼ାଉଛି ଦାଦନ ସମସ୍ୟା

# ଶ୍ରମିକଙ୍କ ନାମ ପଞ୍ଜୀକରଣକୁ ଗୁରୁତ୍ୱ ଦେଉନି ପ୍ରଶାସନ

କୁଆମରା, ୬।୬(ସମିସ): କାମଧନ୍ଦା ଅଭାବରୁ ବିଭିନ୍ନ ରାଜ୍ୟକୁ ଶ୍ରମିକଙ୍କ ଦାଦନ ପାଇଁ ସୁଅ ଛୁଟୁଛି। ବିଭିନ୍ନ କାମ ଅନ୍ୱେଷଣରେ ଛୁଆ ପିଲା ଧରି ଗୁଜରାଟ, ତାମିଲନାଡୁ, କଲକାତା, ଗୋଆ ଆଦି ରାଜ୍ୟକୁ ପଳାଉଥିବା ଲକ୍ଷ୍ୟ କରାଯାଇଛି। ଗୋପବନ୍ଧୁ ନଗର ବ୍ଲକର ୯୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି କହିଲେ କେବଳ ଧାନ ଚାଷ। ତାହା ପୁଣି ଖରିଫ ଋତୁରେ ଥରୁଟିଏ ମାତ୍ର ଚାଷ ହେଉଛି। ରବି ଋତୁରେ ଚାଷ କରିବା ପାଇଁ ବ୍ଲକରେ ସେପରି କୌଣସି ବ୍ୟବସ୍ଥା ନାହିଁ। ଫଳରେ ଲୋକେ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ମୁହାଁ ହେଉଛନ୍ତି। ବ୍ଲକରେ ଅଶୀ ପ୍ରତିଶତ ଆଦିବାସୀ ଓ ମଧ୍ୟବିତ୍ତ ପରିବାର ରହୁଥିବା ବେଳେ ପ୍ରାୟ ୨୦ ପ୍ରତିଶତ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୧୮ ରୁ ୨୦୨୪ ମଧ୍ୟରେ ଆରପଟା, ଖିରିପଦା, କଡଦା, ଚିଲିମା, କୁଶଳଦା, ବାଲିଗଡ଼ିଆ, ଦେବଗାଁ, ଜୟପୁର, ରାଣୀବନ୍ଧ, ପଶୁଦା ଆଦି ଗାଁରୁ ଦାଦନ ଖଟିବାକୁ ଶ୍ରମିକ ଯାଇଥିଲେ ମଧ ଏବେ ସୁଦ୍ଧା ୫ ଜଣଙ୍କ ପତ୍ତା ମିଳୁନାହିଁ। ଏପରିକି ଇତିମଧ୍ୟରେ ୧୨ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ଅର୍ଥ ଅଭାବ ଯୋଗୁଁ ୮ ଜଣଙ୍କ ଶବ ଜନ୍ମମାଟିକୁ ଫେରିପାରିନାହିଁ। ପୁଣି ୪ ଜଣ ପଙ୍ଗୁ ହୋଇ ଫେରିଛନ୍ତି। ତେବେ ଶ୍ରମିକମାନେ ଘର ଛାଡ଼ି ବାହାର ରାଜ୍ୟକୁ ଯିବା ପୂର୍ବରୁ ବ୍ଲକ ଓ ଥାନାରେ ନାମ ପଞ୍ଜିକରଣ କରିବାର ନିୟମ ଥିଲେ ବି କେହି ଗୁରୁତ୍ୱ ଦେଉନାହାନ୍ତି। ଯେତେବେଳେ କେହି ବାହାର ରାଜ୍ୟକୁ ଯାଉଛନ୍ତି ଦଲାଲଙ୍କ ମଧ୍ୟମରେ ଯିବାକୁ ପଡୁଛି। ଆଉ ଦଲାଲମାନେ ସେଠାରେ ପହଞ୍ଚି ଠିକାଦାରଙ୍କୁ ଗତେଇ ଦେବା ପରେ ମୋଟା ଅଙ୍କରେ ପାରିଶ୍ରମିକ ପାଇ ମାଲାମାଲ ହେଉଛନ୍ତି। କୌଣସି ପ୍ରକାର ବିପଦ ଆପଦ ପଡ଼ିଲେ ସାହା ହେବାକୁ କେହିନାହିଁ। ସେହିପରି ଗତଦିନରେ ଜିଲ୍ଲାର ବାରିପଦାଠାରେ ସୂତାକଳ ଚାଲିଥିବା ବେଳେ ଶତାଧିକ ପୁରୁଷ ଓ ମହିଳା ନିଯୁକ୍ତି ପାଇଥିଲେ। ମାତ୍ର ତାହା ବନ୍ଦ ହୋଇ ଯିବା ପରେ ଶ୍ରମିକମାନେ ବାହାର ରାଜ୍ୟକୁ ପଳାଇଯାଇଛନ୍ତି। ଅନ୍ୟପଟେ ସରକାରଙ୍କର କର୍ମ ନିଯୁକ୍ତି ଯୋଜନାରେ ଶହେ ଦିନର କାମ ଶତପ୍ରତିଶତ ଶ୍ରମିକଙ୍କୁ ମିଳୁନାହିଁ। କିଛି ଶ୍ରମିକଙ୍କ ଜବକାର୍ଡ ଠିକାଦାରଙ୍କ ନିକଟରେ ବନ୍ଧା ପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ଶିମିଳିପାଳ ପାଦଦେଶରେ ଔଷଧୀୟ ବୃକ୍ଷର ପ୍ରକଳ୍ପ ସୃଷ୍ଟି କରିବା, ଚାଷୀକୁ ଉଚିତ ସମୟରେ ବିହନ, ସାର, ଔଷଧ ଆଦି ସ୍ୱଳ୍ପ ମୂଲ୍ୟରେ ଯୋଗାଇବା, ଧାନ ବିକିବା ପାଇଁ ପଞ୍ଚାୟତ ସ୍ତରରେ ମଣ୍ଡି ଖୋଲିବା, ୨୦୦୮ ମସିହାରେ ପ୍ରତିଶ୍ରୁତି ମୁତାବକ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା, ଜିଲ୍ଲାରେ ବୃହତ କଳକାରଖାନା ସ୍ଥାପନ କରିବା, ବର୍ଷ ତମାମ ଶ୍ରମିକଙ୍କୁ ମନରେଗାରେ ସାମିଲ କରିବା ଆଦି ସରକାର ହାତକୁ ନେଲେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ପଡ଼ିବ ନାହିଁ ବୋଲି ପୂର୍ବତନ ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ମହାରଣା, ସମାଜସେବୀ ସରୋଜ କୁମାର ହୋତା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି।

## ଦାରୁଡିହିରେ ଛଉନୃତ୍ୟ ମହୋତ୍ସବ




ଶୁଳିଆପଦା, ୬।୬(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦାରୁଡିହି ଗୋକୁଳଚନ୍ଦ୍ର ଛଉ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ୪୬ତମ ଛଉ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମା' ଭୈରବୀଙ୍କ ବାର୍ଷିକ ପୂଜାର୍ଚ୍ଚନା ଅଧ ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିବସରେ କରଞ୍ଜିଆର ନୃତ୍ୟଶ୍ରୀ ଅନୁଷ୍ଠାନ, ମଣିପୁରୀ, ସମ୍ବଲପୁରୀ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କଳାକାର ଛଉନୃତ୍ୟ ପରିବେଷଣ କରିଥିଲେ; ଯାହାକି ବେଶ ଚିତ୍ତାକର୍ଷକ ଥିଲା। ସେହିପରି ଦ୍ୱିତୀୟ ଦିନରେ ମିଳନ ଦେବୀ ଶିଶୁ ମନ୍ଦିରର କୁନିକୁନି କଳାକାର ଓ ବିନ୍ଦୁ ମହାନ୍ତଙ୍କ ଝୁମର୍ ମେଲୋଡିର ଝୁମର ଗୀତ ଧମସା ଏବଂ ମାଦଳର ତାଳେ ତାଳେ ଝୁମିଥିଲେ ଦର୍ଶକ। ଏଥିରେ ମୁଖ୍ୟଅତିଥି ଭାବେ ଶୁଳିଆପଦା ବ୍ଲକ ପୂର୍ବତନ ଉପାଧକ୍ଷ ଜଗନ୍ନାଥ ରଣା ଯୋଗଦେଇ ଗ୍ରାମବାସୀ ଏବଂ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ ଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାପତି ତ୍ରିଲୋଚନ ମହାନ୍ତ, ନିର୍ଦ୍ଦେଶକ ଗୌରମୋହନ ମହାନ୍ତ, କିଶୋର କୁମାର ମହାନ୍ତ, ବାପି କୁମାର ମହାନ୍ତ ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ୫ମ ଦିନରେ ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ

ଆନନ୍ଦପୁର, ୬।୬ (ସମିସ): ଜଳସମ୍ପଦ ବିଭାଗର ଆନନ୍ଦପୁରସ୍ଥିତ ବୈତରଣୀ ଡିଭିଜନ ଅଧୀନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ୩୧ ଜଣ ୬ମାସ ଧରି ଦରମା ପାଇ ନଥିବାରୁ ୫ ଦିନ ହେଲା ଆନ୍ଦୋଳନ ଆରମ୍ଭ କରି ଧାରଣାରେ ବସିଛନ୍ତି। ଫଳରେ ଡାକବଙ୍ଗଳା ସମେତ ବିଭିନ୍ନ କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ସରକାରଙ୍କ ଧାର୍ଯ୍ୟ ମଜୁରୀ ହାରଠାରୁ କମ ଅର୍ଥ ଅର୍ଥାତ୍ ଦିନକୁ ୪୫୦ ଟଙ୍କାରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନେ ପରିବାର ଚଳାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାସଂସ୍ଥାର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଥିବା ବେଳ ଏହି କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତାରେ ରହିଛି। ଏନେଇ ଅସନ୍ତୋଷ ସ୍ୱରୂପ କର୍ମଚାରୀମାନେ ଧାରଣା ଜାରି ରଖିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସେମାନଙ୍କ ଦାବିଗୁଡ଼ିକୁ ବିଚାର କରାଯାଇ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଚମ୍ପୁଆ, ୬।୬(ସମିସ): ଚମ୍ପୁଆ ପଞ୍ଚାୟତସମିତି ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମିଶନ ଶକ୍ତି ବିଭାଗ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିପିସି ହାଡିବନ୍ଧୁ ସୋରେନ ଏବଂ ଓଡ଼ିଶା ଜିବିକା ମିଶନର ସୁବ୍ରତ ପଣ୍ଡା ଏହାକୁ ପରିଚାଳନା କରିଥିଲେ। ଚମ୍ପୁଆ ବ୍ଲକର ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେବା ସହିତ ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ପିଠା, ମିଠା, ଲଡୁ ଓ ବିଭିନ୍ନ ଜଳଖିଆ ପ୍ରସ୍ତୁତ କରିଥିଲେ। ବିଡିଓ ସୃତିରଞ୍ଜନ ସାହୁ, ତହସିଲଦାର, ବିଏସ୍ଏସ୍ଓ, ବିପିଏମ୍, ବିପିସି ଓ ସ୍ଥାନୀୟ କଲେଜର ଗୃହ ବିଜ୍ଞାନର ଅଧ୍ୟାପିକାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ବିଷୟରେ ପଚାରିବା ପରେ ମୂଲ୍ୟାଙ୍କନ କରାଯାଇଥିଲା। ଚମ୍ପୁଆ ଏନ୍ଏସିରି ଉନ୍ନତି ସ୍ୱୟଂସହାୟକ ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ପଡୁଆ ପଞ୍ଚାୟତ ମାଁ ସନ୍ତୋଷୀ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଆନ୍ଦୋଳନ ଚେତାବନୀ

ତୁରୁମୁଙ୍ଗା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ତୁରନ୍ତ ସମସ୍ତ ବିଶେଷଜ୍ଞ ଡାକ୍ତର ପଦ ପୂରଣ ନହେଲେ ପାଟଣା ବିକାଶ ମଞ୍ଚ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମଞ୍ଚ ଆବାହକ ବିଜୟରତ୍ନ ପତି, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଦୀନବନ୍ଧୁ ମିଶ୍ର ପ୍ରମୁଖ ପାଟଣା ଡାକ୍ତରଖାନା ଅଧିକାରୀଙ୍କ ସହିତ ଡାକ୍ତର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ସୂଚନାଯୋଗ୍ୟ, ପାଟଣା, ସାହାରପଡ଼ା ବ୍ଲକର ୪୦ଟି ପଞ୍ଚାୟତ ସହିତ ଘଟଗାଁ ବ୍ଲକର କିଛି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭର କରୁଛନ୍ତି; ହେଲେ ବିଶେଷଜ୍ଞ ଡାକ୍ତର ଜଣେ ମଧ ନାହାନ୍ତି। ଶିଶୁ ବିଶେଷଜ୍ଞ ଡାକ୍ତର ସପ୍ତାହରେ ଦିନେ କିମ୍ବା ଦୁଇଦିନ ନାମକୁ ମାତ୍ର ଆସୁଥିବା ଅଭିଯୋଗ ହୋଇଛି। ଅନ୍ୟ ସମସ୍ତ ବିଶେଷଜ୍ଞ ପଦ ଖାଲି ପଡ଼ିଛି। ଏଠାରେ ସମସ୍ତ ଔଷଧ ଠିକ ଭାବେ ମିଳୁ ନଥିବା ଅଭିଯୋଗ ମଧ୍ୟ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଷ୍ଟାଫନର୍ସ ରହିବା ପାଇଁ ସ୍ୱୀକୃତି ଥିବା ବେଳେ ବର୍ତ୍ତମାନ ୪ ଜଣ ଷ୍ଟାଫନର୍ସ ରହିଛନ୍ତି। ତେବେ, ଏହି ସମସ୍ୟା ବିଷୟରେ ଖୁବଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

## କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୬।୬(ସମିସ): ସୀମାନ୍ତ ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନାରାଣପୁର ଗ୍ରାମ ପଞ୍ଚାୟତ ଅଞ୍ଚଳ ସାତପୁରୀ ବିଦ୍ୟାଳୟ ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ନାରାଣପୁର ସରପଞ୍ଚ ଲିଟା ଟୁଡୁ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତିରିଂ ବ୍ଲକ ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ସିଡିପିଓ ଛବିରାଣୀ ବେହେରା ଉପସ୍ଥିତ ଥିଲେ। ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିବିଡିଟିଏସ ବିଜୟ ବସା ମଞ୍ଚ ପରିଚାଳନା କରିଥିଲେ। ଡାକ୍ତର ଦିବ୍ୟପ୍ରକାଶ ଜେନା କୀଟନାଶକ ଉପଚାରିତ ମଶାରୀ ରକ୍ଷଣାବେକ୍ଷଣ ଓ ବ୍ୟବହାର କରିବା ସହିତ ଗାଁଗୁଡିକରେ ସର୍ପ ଦଂଶନ ଘଟଣା ହେଲେ ରୋଗୀକୁ ଅନ୍ଧବିଶ୍ୱାସରେ ନ ପଡ଼ି ଶୀଘ୍ର ଡାକ୍ତରଖାନାକୁ ନେଇ ଉପଚାର କରି ଜୀବନ ରକ୍ଷା ପାଇଁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା ମେଲେରିଆ ସଚେତନତା ରଥକୁ ଉଦଘାଟନ କରିଥିଲେ। ଶିବିରରେ ୪ଟି ଗାଁର ଲୋକଙ୍କୁ ମଶାରୀ ବିତରଣ କରାଯାଇଥିଲା। ଆସନ୍ତା ୧୦ ତାରିଖ ମଧ୍ୟରେ ସମସ୍ତ ଗାଁରେ ପ୍ରାୟ ୪୪ ହଜାର ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବିତରଣ କରାଯିବ ବୋଲି ସୂଚନା ମିଳିଛି।



# ପର୍ବତ ଓ ଗୋଚର ଜମିରେ ପାର୍କ ନିର୍ମାଣ

ଆନନ୍ଦପୁର, ୬।୬ (ସମିସ):

କେଉଁଠି ପର୍ବତ ଉପରେ ପାର୍କ, ତ କେଉଁଠି ଗୋଚର ଜମିରେ ଗ୍ରାମ୍ୟ ଉଦ୍ୟାନ ଓ ପାର୍କ ନିର୍ମାଣ ନାମରେ ଅର୍ଥ ଆତ୍ମସାତ ହେଉଛି। ସୂଚନା ଅଧିକାର ଆଇନ ବଳରେ

● ଅନୁଦାନ ଉପରେ ଅନୁଦାନ; ସରିନି ପ୍ରକଳ୍ପ



ହସ୍ତଗତ ତଥ୍ୟରେ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ଶୁକ୍ରବାର ଏନେଇ ପ୍ରଗତିଶୀଳ ମଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗର ପର୍ଦ୍ଦାଫାସ କରିଛି। ମଞ୍ଚର ଯଜ୍ଞପ୍ରସାଦ ସାହୁଙ୍କ ସୂଚନା ଅନୁସାରେ, ୨୦୧୮ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ବିଭିନ୍ନ ବିଭାଗରୁ ଲକ୍ଷ ଲକ୍ଷ ଟଙ୍କା ଅଜାଡ଼ି ଦିଆଯାଇଛି। ଘଞ୍ଚ ଜଙ୍ଗଲର ପାହାଡ଼ ଉପରେ ପାର୍କ ନିର୍ମାଣ ପାଇଁ ୧ କୋଟି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି।

ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ପଦନା ଗ୍ରାମର ଖାତା ନମ୍ବର-୪୨୧, ପ୍ଲଟ ନମ୍ବର- ୨୫୯୪, ଗୋଚର କିସମରେ ମୋଟ୍ ୧୭ ଏକର ୩୪ ଡେସିମିଲ ଜାଗା ରହିଛି। ଏହି ଜାଗାରୁ ପ୍ରାୟ ଦେଢ଼ ଏକର ସ୍ଥାନରେ ପାର୍କ ନିର୍ମାଣ ପାଇଁ ୨ କୋଟି ଖର୍ଚ୍ଚ କରାଯାଇ ଅର୍ଥ ଉଠାଣ ହୋଇଛି। ଏଠାରେ ପାର୍କ କହିଲେ କେବଳ ପାଚେରି ଆଉ କିଛି ସିମେଣ୍ଟ ଚେୟାର ସହ ପୁରୁଣା ଗଛ। ପାର୍କ ନିର୍ମାଣ ଶେଷ ହୋଇଥିବା ଦର୍ଶାଯାଇ ଅର୍ଥ ଉଠାଣ ହୋଇଛି। ଗୋଚର ଜମିରେ ପାର୍କ ପାଇଁ ଅନୁମତି ନଥିଲେ ମଧ ବ୍ଲକ ପ୍ରଶାସନ ଓ ରାଜସ୍ୱ ବିଭାଗ କିଭଳି ଏହା ଜାଣି ପାରିଲା ନାହିଁ ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ ହୋଇଛି।

ସେହିପରି ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତରେ ପର୍ବତ ୧ ଜମିରେ ପାର୍କ ନିର୍ମାଣ ହୋଇଛି। ଖାତା ନମ୍ବର-୧୬୧, ପ୍ଲଟ ନମ୍ବର-୫୩୯ରେ ମୋଟ ସାଢ଼େ ୧୦ ଏକର ଜମି ରହିଛି। ଏଥିରୁ ପ୍ରାୟ ଦେଢ଼ ଏକର ସ୍ଥାନରେ ପାର୍କ ନିର୍ମାଣ କରାଯାଇଛି। ଏହି ଜମି ଉପରେ ପୂର୍ବରୁ ଶତାଧିକ ଶାଳ ଗଛ ଥିଲା। ଏଥିରୁ ୫୦ରୁ ଅଧିକ ଗଛକୁ ବନ ବିଭାଗର ବିନା ଅନୁମତିରେ କାଟି ପାର୍କ ନିର୍ମାଣ କରାଯାଇଛି। ମନରେଗା, ପଞ୍ଚାୟତ ବିକାଶ ପାଣ୍ଠି, ୫ମ ରାଜ୍ୟ ଅର୍ଥ କମିଶନ ଅର୍ଥ ସହ ବିଧାୟକ ପାଣ୍ଠି ମଧ ଏଥିରେ ବିନିଯୋଗ କରାଯାଇ ୧ କୋଟି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ପାର୍କ ନିର୍ମାଣ ଏବେବି ଅସମ୍ପୂର୍ଣ୍ଣ ରହିଛି ବୋଲି ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି। ଏପରି ଜାଲିଆତି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ସାହୁ ଓ ଶ୍ରୀ ନାୟକ ଦାବି କରିଛନ୍ତି।

## ନୌସେନା କର୍ମଚାରୀ ଅକାଳ ବିୟୋଗ

ବୈଶିଙ୍ଗା, ୬।୬(ସମିସ): ଗୁଜରାଟର ପୋର ବନ୍ଦରରେ କାର୍ଯ୍ୟରତ ନୌସେନା କର୍ମଚାରୀ ଧର୍ମେନ୍ଦ୍ର ଗାଆଣଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୁଗଳ ପଞ୍ଚାୟତ ଜାନକୀଦେଇପୁର। ମସ୍ତିଷ୍କ କର୍କଟରେ ପୀଡିତ ହୋଇ ୫ ମାସର ଗୁରୁତର ଅସୁସ୍ଥତା ପରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଆଜି ଧର୍ମେନ୍ଦ୍ରଙ୍କ ମୃତଦେହକୁ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜାନକୀଦେଇପୁର ବାସଭବନରେ ନୌସେନାର ଏକାଧିକ କର୍ମଚାରୀଙ୍କ ସହାୟତାରେ ପରିବାରବର୍ଗ ପକ୍ଷରୁ ଶବକୁ ଅଣାଯାଇଥିଲା। ଏହି ସମୟରେ କାନ୍ଦବୋବାଳିରେ ଗାଁ ପରିବେଶ ଫାଟିପଡ଼ିଥିଲା। ଅସହାୟ ବାପା ମାଆ, ବିଧବା ସ୍ତ୍ରୀ, ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଗ୍ରାମବାସୀ ବାହୁନି ବାହୁନି କାନ୍ଦିବା ଦୃଶ୍ୟ ଅତି ହୃଦୟ ବିଦାରକ ଥିଲା। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ଶବକୁ ଶ୍ମଶାନକୁ ନିଆଯିବା ପରେ ସେଠାରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ୨୦୧୭ ମସିହାରେ ଚିଲିକାରେ ନୌସେନା କର୍ମଚାରୀ ଭାବେ ଯୋଗ ଦେଇଥିଲେ। ମୃତ୍ୟୁ ପୂର୍ବରୁ ସେ ଗୁଜୁରାଟ ସ୍ଥିତ ପୋରବନ୍ଦରରେ କାର୍ଯ୍ୟରତ ଥିଲେ। ଶେଷକୃତ୍ୟ ସମୟରେ ଶତାଧିକ ଗ୍ରାମବାସୀ, ଜନ ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ଯୁଦ୍ଧରେ ହାରିଲେ ଶିଶୁପାଳ

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ



■ ଫୁଲରେ ଝଲସୁଛି ଶ୍ରୀମନ୍ଦିର

■ ସିଂହଦ୍ୱାରରେ ବାଜିଲା ମହୁରି, ତେଲିଙ୍ଗି ବାଜା

ପୁରୀ, ୬।୬ (ସମିସ): ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବା ବେଳେ ମହାପ୍ରଭୁ ତାଙ୍କୁ ହରଣ କରିନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଶୁକ୍ରବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ବାହାଘର ପାଇଁ ଶ୍ରୀମନ୍ଦିରକୁ ଫୁଲରେ ସଜା ଯାଇଥିବା ବେଳେ ସିଂହଦ୍ୱାରରେ ବାଜୁଥିଲା ଶୁଭ ଶଙ୍ଖ, ମହୁରି ଓ ତେଲିଙ୍ଗି ବାଜା।

ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ।

ଭୋଗମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳା ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରକୁ ଆସିବା ସମୟରେ ମହାପ୍ରଭୁ ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ପରେ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା।

## ରାଜ୍ୟ ସରକାରଙ୍କ ନବମ ନିଯୁକ୍ତି ମେଳା

# ୭ଟି ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୬।୬ (ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ଆମ ରାଜ୍ୟରେ କେବଳ ଶିଳ୍ପ କ୍ଷେତ୍ରରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଏଥିପାଇଁ ଆମ ଯୁବପିଢ଼ିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭଲ କାମ କରିବାକୁ ପରାମର୍ଶ ଦେଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ।

■ ଓଏଚ୍‌ପିସି ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି

# ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍‌ରୁ ଉତ୍ପାଦିତ ହେବ ୬୦୦ ମେଗାୱାଟ ବିଜୁଳି

ଭୁବନେଶ୍ୱର, ୬।୬ (ସମିସ): ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରରିପେକ୍ଷୀରେ ଶୁକ୍ରବାର ମୁଖ୍ୟଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ(ଓଏଚପିସି) ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପ୍‌କୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବିଭାଗୀୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଏଚ୍‌ପିସି ଏହାର ୬୦୦ ମେଗାୱାଟ୍ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ ଭି ସିଂହଦେଓ କହିଛନ୍ତି।

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣେ ମୃତ

ବୈଶିଙ୍ଗା, ୬।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଡେଉଁଚପଦା ଗାଁ ମୁଣ୍ଡରେ ଏକ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ମୋରଡ଼ା ଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅଧୀନ ଅଙ୍ଗାରିଆ ଗ୍ରାମର ଲୁସ୍କୁ ମାର୍ଣ୍ଡିଙ୍କ ପୁଅ ବାବୁଲା ମାର୍ଣ୍ଡି। ସବୁଦିନ ଭଳି ବାବୁଲା ଗୁରୁବାର ରାତି ପ୍ରାୟ ସାଢ଼େ ୮ ଟାରେ ସାଇକଲରେ ଘରକୁ ଫେରୁଥିବା ବେଳେ ଡେଉଁଚପଦାଠାରେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେବା ସହ ମୁଣ୍ଡକୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବେତନଟୀ ବନବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାବୁଲାଙ୍କ ଶବକୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

■ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି

# କରୋନା ସଂକ୍ରମିତଙ୍କୁ ରଥଯାତ୍ରା ମନା

ଭୁବନେଶ୍ୱର, ୬।୬ (ସମିସ): ରାଜ୍ୟରେ କୋଭିଡ ସଂକ୍ରମଣ ବଢିବା ଆରମ୍ଭ କରିଛି। ଆଗକୁ ରାଜ୍ୟର ସବୁଠାରୁ ବଡ଼ ପର୍ବ ରଥଯାତ୍ରା ଆସୁଛି। ପୁରୀରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଅସମ୍ଭାଳ ଭିଡ଼ରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛି ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ସଚିବ ଅମରେନ୍ଦ୍ର ମହାନ୍ତି ପରାମର୍ଶ ଦେଇଛନ୍ତି। କୋଭିଡରେ ଆକ୍ରାନ୍ତଥିଲେ ରଥଯାତ୍ରାକୁ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଯେଉଁମାନେ ଆକ୍ରାନ୍ତ ନାହାନ୍ତି ସେମାନଙ୍କୁ ହାତଧୁଆ ବ୍ୟବହାର ଏବଂ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ ରଖିବା ସହ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆଗକୁ ରଥଯାତ୍ରା ଥିବାରୁ ଗାଇଡଲାଇନ ଆସିପାରେ। ତେବେ କେନ୍ଦ୍ର ସହ ଏନେଇ ବୈଠକ ବସିବା ପରେ ନିଷ୍ପତ୍ତି ନିଆଯିବ। ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଆସିବ। ଅପରପକ୍ଷରେ ରାଜ୍ୟରେ କୋଭିଡ ସ୍ଥିତି ଆଦୌ ସଂକଟଜନକ ନୁହେଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଆଉ ୭ନୂଆ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଏଯାବତ୍ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬, କଟକ ଜିଲ୍ଲାରୁ ୯ଜଣ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି।

## ଆଉଟ୍ ସୋର୍ସିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି


# ଖାଲି ପଡ଼ିଥିବା ପଦବି ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର, ୬।୬ (ସମିସ): ରାଜ୍ୟରେ ମୋହନ ସରକାର ୧ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ବର୍ଷପୂର୍ତ୍ତିକୁ ମହାଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା କରିଛନ୍ତି। ମାତ୍ର ରାଜ୍ୟର ବେକାରୀ ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ଗତ ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା, ତାହା ପୂରଣ କରିବାକୁ ଭୁଲିଯାଇଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଶୁକ୍ରବାର ଡଃ ଲେଙ୍କା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବି ଖାଲି ପଡ଼ିଛି। ହଜାର ହଜାର ଶିକ୍ଷିତ ଯୁବକଯୁବତୀ ଚାକିରି ପାଇଁ ଲଢ଼େଇ ଜାରି ରଖିଛନ୍ତି। ହେଲେ ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍ ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଆଜି ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଡଃ ଲେଙ୍କା ଦୁଇଟି ପ୍ରମୁଖ ଦାବି ଉପସ୍ଥାପନ କରି ଏହାର ସମାଧାନ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲିପଡ଼ିଛି। ତେଣୁ କେଉଁ ବିଭାଗରେ କେତେ ପଦବି ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଏଥିସହ କେବେ ସେହି ପଦବି ସବୁ ପୂରଣ କରାଯିବ ତାହା ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷରେ ରାଜ୍ୟରେ ପାଖାପାଖି ୬୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ରହିଛନ୍ତି। ଦିନମଜୁରିଆ ଭଳି ସ୍ୱଳ୍ପ ଦରମାରେ ସେମାନେ ପରିବାର ଭରଣପୋଷଣ କରୁଛନ୍ତି। ସେମାନଙ୍କ ଚାକିରିର କୌଣସି ସ୍ଥାୟିତ୍ୱ ନାହିଁ। ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ ସରକାର ରାଜ୍ୟର ଯୁବକଯୁବତୀଙ୍କୁ ୟୁଜ୍ ଆଣ୍ଡ ଥ୍ରୋ ଭଳି ବ୍ୟବହାର କରୁଛନ୍ତି। ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ଆଉଟ୍‌ସୋର୍ସିଂ ଏଜେନ୍ସିମାନଙ୍କ ସ୍ୱାର୍ଥ ପାଇଁ ଏହି କର୍ମଚାରୀମାନଙ୍କୁ ଅବହେଳା କରିଚାଲିଛନ୍ତି। ସମାନ ବିଭାଗରେ ସମାନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସମାନ ଦରମା ମିଳିପାରୁନାହିଁ। ତେଣୁ ସରକାର ଏହି କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରିବା ସହ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବାକୁ ଡଃ ଲେଙ୍କା ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୯୯
- ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮
- ୟେନ୍ ୦.୫୯


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୩୧୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)


## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା

ଭୁବନେଶ୍ୱର, ୬।୬ (ସମିସ): କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ଜିଏମ୍ ଜଗ୍‌ଦୀଶ ଚନ୍ଦରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ପୁରୁଣା/ମଇଳା କଏନ୍ ଏବଂ ସ୍ୱଳ୍ପ ମୂଲ୍ୟର ନୋଟ୍‌ଗୁଡିକୁ ସମସ୍ତ ପ୍ରମୁଖ ସେଣ୍ଟରଗୁଡିକରେ ଏକ୍ସଚେଞ୍ଜ କରାଯାଇଥିଲା। ଇଦ୍-ଉଲ୍-ଜୁହା ଏବଂ ରଜ ପର୍ବ ପୂର୍ବରୁ ଅନୁଷ୍ଠିତ ଏହି ମେଳାକୁ ଗ୍ରାହକଙ୍କ ଆଡୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ବହୁ ସଂଖ୍ୟାରେ ଲୋକ ଏହି ସେଣ୍ଟର ଗସ୍ତ କରିଥିଲେ ।




## ପୁଣି କମିଲା ସୁଧହାର

# ରେପୋ ହାରରେ ୫୦ ବେସିସ୍ ପଏଣ୍ଟ ହ୍ରାସ

■ ଲଗାତାର ତୃତୀୟ ଥର ପାଇଁ କମିଲା

■ କମିବ ଇଏମ୍‌ଆଇ, ଶସ୍ତା ହେବ ଋଣ



ନୂଆଦିଲ୍ଲୀ ୬।୬ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣ ସୁଧ ହାର ଅର୍ଥାତ୍ ରେପୋ ହାର ହାରରେ ୦.୫୦% ହ୍ରାସ କରିଛି। ଫଳରେ ରେପୋ ହାର ୫.୫୦%କୁ ହ୍ରାସ ପାଇଛି। ଏହି କାରଣରୁ, ବ୍ୟାଙ୍କଗୁଡ଼ିକ ଆର୍‌ବିଆଇଠାରୁ କମ ସୁଧ ହାରରେ ଋଣ ପାଇବେ। ଯଦି ବ୍ୟାଙ୍କଗୁଡ଼ିକ ଏହି ସୁଧ ହ୍ରାସକୁ ସେମାନଙ୍କ ଗ୍ରାହକଙ୍କୁ ହସ୍ତାନ୍ତର କରନ୍ତି, ତେବେ ଆଗାମୀ ଦିନରେ ଋଣ ଶସ୍ତା ହୋଇପାରେ। ଯଦି ଋଣ ଶସ୍ତା ହୁଏ, ତେବେ ଲୋକଙ୍କ ବର୍ତ୍ତମାନର ଇଏମ୍‌ଆଇ ମଧ୍ୟ ହ୍ରାସ ପାଇବ। ଚଳିତମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ସୁଧ ହାର ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ଏହି ସୂଚନା ଦେଇଛନ୍ତି।


ଏଠାରେ ସୂଚନାଯୋଗ୍ୟ ଯେ, ଫେବୃଆରୀରେ ଅନୁଷ୍ଠିତ ବୈଠକରେ ଆର୍‌ବିଆଇ ସୁଧ ହାର ୬.୫% ରୁ ୬.୨୫% କୁ ହ୍ରାସ କରିଥିଲା। ସେତେବେଳେ ପ୍ରାୟ ୫ ବର୍ଷ ପରେ ମୁଦ୍ରା ନୀତି କମିଟି ଦ୍ୱାରା ଏହି ହ୍ରାସ କରାଯାଇଥିଲା। ଏପ୍ରିଲରେ ଅନୁଷ୍ଠିତ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାରରେ ମଧ୍ୟ ୦.୨୫% ହ୍ରାସ କରାଯାଇଛି। ଏବେ ତୃତୀୟ ଥର ପାଇଁ ହାର ହ୍ରାସ କରାଯାଇଛି। ଅର୍ଥାତ୍, ମୁଦ୍ରା ନୀତି କମିଟି ତିନି ଥରରେ ୧% ସୁଧ ହାର ହ୍ରାସ କରିଛି। ରେପୋ ହାର ହ୍ରାସ ପରେ, ବ୍ୟାଙ୍କଗୁଡ଼ିକ ଗୃହ ଏବଂ ଅଟୋ ଭଳି ଋଣ ଉପରେ ମଧ୍ୟ ସୁଧ ହାର ହ୍ରାସ କରିବେ। ସୁଧ ହାର ହ୍ରାସ ହେଲେ ଗୃହ ଚାହିଦା ବୃଦ୍ଧି ପାଇବ। ଅଧିକ ଲୋକ ରିଅଲ ଇଷ୍ଟେଟରେ ନିବେଶ କରିପାରିବେ। ଏହା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍)କୁ ୪% ରୁ ୩%କୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି ଯେ ଆର୍‌ବିଆଇ ର ଏହି ପଦକ୍ଷେପ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥାକୁ ଆସିବ।

ଏଠାରେ ସୂଚନାଯୋଗ୍ୟ ଯେ, ସିଆର୍‌ଆର୍ ହେଉଛି ସେହି ଟଙ୍କା ଯାହାକୁ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ସେମାନଙ୍କର ମୋଟ ଜମାର ଏକ ଅଂଶ ରଖିବାକୁ ପଡିଥାଏ। ଏହା ସହିତ ଆର୍‌ବିଆଇ ନିୟନ୍ତ୍ରଣ କରେ ଯେ ବଜାରରେ କେତେ ଟଙ୍କା ରହିବ। ଯଦି ସିଆର୍‌ଆର୍ ହ୍ରାସ କରାଯାଏ, ତେବେ ବ୍ୟାଙ୍କଗୁଡ଼ିକନିକଟରେ ଋଣ ଦେବା ପାଇଁ ଅଧିକ ଟଙ୍କା ରହିବ। ଯେମିତି ଏଥର ୧% ରେପୋ ହ୍ରାସ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆସିବ।

# ଖୁବ୍‌ଶୀଘ୍ର ଭାରତରେ ମିଳିପାରେ ଷ୍ଟାର୍‌ଲିଙ୍କ୍‌ର ଇଣ୍ଟରନେଟ ସେବା

● ମସ୍କଙ୍କ କମ୍ପାନୀକୁ ମିଳିଲା ଜିଏମ୍‌ପିସିଏସ୍ ଲାଇସେନ୍ସ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଖୁବ୍ ଶୀଘ୍ର ଭାରତରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ ହେବାକୁ ଯାଉଛି। ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍‌କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ମିଳିଛି ଗ୍ଲୋବାଲ ମୋବାଇଲ ପର୍ସନାଲ କମ୍ୟୁନିକେସନ ବାୟ ସାଟେଲାଇଟ ବା ଜିଏମ୍‌ପିସିଏସ୍ ଲାଇସେନ୍ସ। ଏହା ପୂର୍ବରୁ ଗତ ମାସରେ ଷ୍ଟାରଲିଙ୍କଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ମିଳିସାରିଛି।



ଏମିତିରେ ଏବେ କେବଳ କମ୍ପାନିକୁ ଇନ୍‌ସ୍ପେସ୍‌ରୁ ଅନ୍ତିମ ଅନୁମୋଦନର ଆବଶ୍ୟକତା ରହିଛି। ମଞ୍ଜୁରୀ ମିଳିବା ପରେ ଭାରତରେ ସାଟେଲାଇଟ ଆଧାରିତ ଇଣ୍ଟରନେଟ ସର୍ଭିସ ଷ୍ଟାରଲିଙ୍କର ବ୍ୟବହାର କରିପାରିବେ। ସୂଚନାଥାଉକି, ପୂର୍ବରୁ ୱାନ୍‌ୱେବ୍ ଏବଂ ରିଲାଏନ୍ସକୁ ମଧ୍ୟ ଏହି ଲାଇସେନ୍ସ ମିଳିସାରିଛି। ଅର୍ଥାତ ଷ୍ଟାରଲିଙ୍କ ଏହି ଲାଇସେନ୍ସ ପାଇବାରେ ତୃତୀୟ କମ୍ପାନୀ। ଷ୍ଟାରଲିଙ୍କ୍‌ର ସେବା ବର୍ତ୍ତମାନ ୧୦୦ରୁ ଅଧିକ ଦେଶରେ ସକ୍ରିୟ ଅଛି। ଏହି କମ୍ପାନୀର ଉଦ୍ଦେଶ୍ୟ ଲେଟେନ୍ସୀ ବ୍ରଡବ୍ୟାଣ୍ଡ ଦ୍ୱାରା ଦ୍ରୁତ ଇଣ୍ଟରନେଟ ସେବା ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଭାରତରେ ଷ୍ଟାରଲିଙ୍କ ପ୍ରାରମ୍ଭିକ ଭାବରେ ପ୍ରାୟ ୮୪୦ ଟଙ୍କାରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିପାରେ। ଉଲ୍ଲେଖଯୋଗ୍ୟ, ଭାରତରେ ଏବେ ବି ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଭିତ୍ତିଭୂମିର ଅଭାବ ଯୋଗୁ ଇଣ୍ଟରନେଟ ପହଞ୍ଚିପାରିନାହିଁ। କିନ୍ତୁ ଷ୍ଟାରଲିଙ୍କ ଏବଂ ଅନ୍ୟ କମ୍ପାନୀଙ୍କ ଆସିବା ପରେ ଏଭଳି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ଇଣ୍ଟରନେଟ୍ ସେବା ମିଳିପାରିବ।

# ଟାଟା ପାୱାର୍‌ର ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ



ଭୁବନେଶ୍ୱର, ୬।୬ (ସମିସ): ଟାଟା ପାୱାରର ଅନୋଖା ଧାଗା ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ ୫୦୦୦ କେଜିର ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ଉଚ୍ଚ ଗୁଣାତ୍ମକ ମାନର, ରିସାଇକଲ୍ ଫ୍ୟାବ୍ରିକ୍ ଉତ୍ପାଦରେ ପରିଣତ କରିଛି। ୬ଟି କେନ୍ଦ୍ରର ମହିଳାମାନଙ୍କ ନେତୃତ୍ୱାଧୀନ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ଜରୁରୀକାଳୀନ ଆହ୍ୱାନର ମୁକାବିଲା କରୁଥିବା ବେଳେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ଉଚିତ୍ ବ୍ୟବସାୟ ଆୟ ସହିତ ସ୍ଥାନୀୟ ସମାଜକୁ ସଶକ୍ତ କରୁଛି। ଏହି କାର୍ଯ୍ୟକ୍ରମ ଡେନିମ୍ ଦାନ ସହିତ ସମନ୍ୱିତ ରହିଛି ଯାହା ପ୍ରାକ୍-ପସନ୍ଦର ପୋଷାକକୁ ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରୁଥିବା ବେଳେ ୟୁଜଡ୍ ପୋଷାକର ଜୀବନକାଳକୁ ବଢ଼ାଉଛି। ଟାଟା ଗ୍ରୁପ୍‌ର ପ୍ରୋଜେକ୍ଟ ଆଲିଙ୍ଗନ ଓ ସର୍କୁଲାର ଇକୋନିମ୍ ସମାଧାନ ପାଇଁ ଟାଟା ପାୱାର୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ହୋଇ ଶୁଭାରମ୍ଭ କରାଯାଇଥିବା ଏହି ଅଭିଯାନ ବିଶ୍ୱ ପରିବେଶ ଦିବସ ୨୦୨୫ ଭାବ ଓ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାର ବିଷୟବସ୍ତୁ ସହିତ ଯୋଡ଼ିହୋଇରହିଛି। ବର୍ଜ୍ୟ ପରିଚାଳନା ସାମାଜିକ ସଂସ୍ଥା ରିସର୍କଲ୍ ଓ ସଫାଇ ସାଥୀଙ୍କ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗ୍ରହ କରାଯାଇଥିବା ବର୍ଜ୍ୟକୁ ଆର୍‌ପିଇଟି (ରିସାଇକଲ୍‌ଡ ପଲିଥିଲିନ୍ ଟେରେଫଥାଲେଟ୍)ରେ ରୂପାନ୍ତରିତ କରାଯାଇଥିଲା। ରିସାଇକ୍‌ଲ୍‌ଡ ଫ୍ୟାବ୍ରିକ୍‌ରୁ ସ୍ଥାୟୀ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନୋଖା ଧାଗା ସହିତ ଜଡ଼ିତ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଟି-ସାର୍ଟ, ଟୋଟା ବ୍ୟାଗ୍, ଓ ବସ୍ତା ଆଦି ପ୍ରସ୍ତୁତ କରିଥିଲେ।

● ଟ୍ରମ୍ପଙ୍କ ତାଗିଦକୁ ବେଖାଖାତି; ଭାରତରେ କାରବାର ବଢ଼ାଉଛି ଆପଲ୍

# ଟାଟାକୁ ଆଇଫୋନ୍, ମ୍ୟାକ୍‌ବୁକ୍ ମରାମତି ଦାୟିତ୍ୱ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାଗିଦକୁ ଖାତିର ନ କରି ଭାରତରେ ନିଜର ଉପସ୍ଥିତି ବଢ଼ାଇ ଚାଲିଛି ଆପଲ। ଗୁରୁବାର କମ୍ପାନୀ ଭାରତରେ ଆଇଫୋନ୍ ଏବଂ ମ୍ୟାକବୁକ୍ ମରାମତି ଦାୟିତ୍ୱ ଟାଟା ଗ୍ରୁପ୍‌କୁ ଦେଇଛି। ଫଳରେ ଦୁଇ କମ୍ପାନୀର ସହଭାଗିତାର ବିସ୍ତାର ଏବଂ ଆପଲର ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତୀୟ କମ୍ପାନୀର ଭୂମିକା ଏଥିରେ ବଢ଼ିଯାଇଛି।

ଆମେରିକାର ଏହି ଟେକ୍ ଜାଏଣ୍ଟ ଚୀନ୍ ବାହାରେ ଏହାର ଉତ୍ପାଦନ କ୍ଷେତ୍ରରେ ବିବିଧତା ଆଣିବା ଜାରି ରଖିଥିବାରୁ, ଟାଟା ଏକ ପ୍ରମୁଖ ସହଯୋଗୀ ଭାବରେ ଉଭା ହୋଇଛି। ଏହି ଜଏଣ୍ଟ ଭେଞ୍ଚର ଦକ୍ଷିଣ ଭାରତର ତିନୋଟି କାରଖାନାରୁ ଆଇଫୋନ୍ ଆସେମ୍ବେଲ କରୁଛନ୍ତି। ଏଥିରେ ଗୋଟିଏ ପ୍ଲାଣ୍ଟରେ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ତିଆରି ମଧ୍ୟ କରାଯାଉଛି। ଆଇଫୋନ୍ ଆସେମ୍ବଲ କରିବା ପରେ ଏବେ ଟାଟା ଏହାର ମରାମତି କାମ କରିବ। ଏଥିପାଇଁ ଟାଟା ୱିଷ୍ଟ୍ରନର ସ୍ଥାନୀୟ ୟୁନିଟ୍, ଆଇସିଟି ସର୍ଭିସ୍ ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ଠାରୁ ଏହି ଦାୟିତ୍ୱ ହାତକୁ ନେଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କର୍ଣ୍ଣାଟକରେ ଟାଟାର ଆଇଫୋନ୍ ଆସେମ୍ବଲି ପ୍ଲାଣ୍ଟରେ ଆପଲ ପ୍ରଡକ୍ଟର ମରାମତି କରାଯିବ। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାର ହୋଇଥିବା ବେଳେ ଏଠାରେ ଆଇଫୋନ୍ ବିକ୍ରୟ ବୃଦ୍ଧି ପାଉଛି। ୨୦୨୩ ମସିହାରେ ପ୍ରାୟ ୧୧ ମିଲିଅନ ଆଇଫୋନ ୟୁନିଟ୍ ବିକ୍ରି ହୋଇଛି। ୨୦୨୦ରେ ମାତ୍ର ୧% ବଜାର ଅଂଶ ଥିବା ବେଳେ ଗତ ବର୍ଷ ଏହା ୭% ବୃଦ୍ଧି ହୋଇଥିଲା। ତେଣୁ ଆଇଫୋନ ବିକ୍ରି ବୃଦ୍ଧି ଯୋଗୁ ଡିଭାଇସ୍ ମରାମତି ବ୍ୟବସାୟରେ ବୃଦ୍ଧି ହୋଇପାରେ ବିଚାର କରି ଆପଲ ଟାଟାକୁ ଏହି ଦାୟିତ୍ୱ ଦେଇଛି। ଏହି ସହଭାଗିତା ଟାଟା ଉପରେ ଆପଲର ବଢୁଥିବା ବିଶ୍ୱାସକୁ ସଙ୍କେତ ଦେଉଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅଫିସ୍ ସହକର୍ମୀଙ୍କୁ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।


**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୯୫୫-ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସୋଭିଏତ୍ ସଂଘକୁ ଯାତ୍ରା କଲେ।
- ୧୯୮୯- ଭାରତର ଦ୍ୱିତୀୟ କୃତ୍ରିମ ଉପଗ୍ରହ ଭାସ୍କରକୁ ସୋଭିଏତ୍ ରକେଟ୍‌ରେ ମହାକାଶକୁ ପ୍ରକ୍ଷେପଣ କରାଗଲା।
- ୧୯୯୯- ଶ୍ରୀଲଙ୍କାରେ ପ୍ରଚଳିତ ଆବର୍ଜନ ନିୟମକୁ ନିଷ୍କ୍ରିୟ କରି ଦିଆଗଲା।
- ୨୦୦୦- ଆମେରିକୀୟ ଅଦାଲତ ମାଇକ୍ରୋସଫ୍ଟ କମ୍ପାନିକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ।

## ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ । ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଉଚିତ। ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ୍ ୭ ତାରିଖକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ବିଶେଷକରି ଯେଉଁମାନେ ପୁଷ୍ଟିହୀନ ଖାଦ୍ୟ ଯୋଗୁଁ ଗମ୍ଭୀର ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପଦକ୍ଷେପ । ଏହି ଦିନ ଖାଦ୍ୟ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ଖାଦ୍ୟ ଏବଂ କୃଷି ସଂଗଠନ ସହଯୋଗରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଡିସେମ୍ବର ୨୦୧୮ ରେ ଏହି ଦିବସର ପାଳନ ପାଇଁ ଘୋଷଣା କରାଯାଇଥିଲା। ୭ ଜୁନ୍, ୨୦୧୯ ରେ ପ୍ରଥମ ଥର ପାଇଁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥିଲା, ଯାହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଛି। ଏହାପୂର୍ବରୁ ୧୬ ଅକ୍ଟୋବରକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡ଼ିତ ଅନ୍ୟ ସଂଗଠନଗୁଡ଼ିକର ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଖାଦ୍ୟ ଏବଂ କୃଷି ସଂଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଲୋକେ ବହୁତ ପ୍ରକାରର ଖାଦ୍ୟ ଖାଇଥାନ୍ତି । ତେବେ ମଣିଷ ଖାଉଥିବା ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହଁ ଏହା ଜାଣିବା ପାଇଁ ଉତ୍ପାଦନ, ମାନକ, ପ୍ରକାର, ପ୍ରସ୍ତୁତିକରଣ ଆଦିର ମାନ ଯାଞ୍ଚ ହେବା ଆବଶ୍ୟକ। କାରଣ ଆମ ଦେଶରେ ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଅନେକ ଲୋକ ଅକାଳରେ ଜୀବନ ହରାଉଛନ୍ତି । ତେବେ ଏନେଇ ଲୋକଙ୍କୁ ଜାଗ୍ରତ କରିବାର ଉଦ୍ଦେଶ୍ୟ ନେଇ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଉଛି। ପୃଥିବୀରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ, ଫଳରେ ସେମାନଙ୍କ ସ୍ୱାସ୍ଥ୍ୟଗତ ତ୍ରୁଟି ଦେଖାନଯାଉ, ଏହା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । କିନ୍ତୁ ସମ୍ପ୍ରତି ଆମ ଦେଶରେ ଅଧିକାଂଶ ଲୋକ ଅତି ନିମ୍ନମାନର ଖାଦ୍ୟ ଗ୍ରହଣ କରିବା ଫଳରେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ଓ ତାହା ସାମାଜିକ ଚିନ୍ତାର କାରଣ ମଧ୍ୟ ପାଲଟୁଛି। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରେ ଯେ, ଖାଦ୍ୟ ଉତ୍ପାଦନ ଠାରୁ ଅମଳ, ପ୍ରକ୍ରିୟାକରଣ, ସଂରକ୍ଷଣ, ବଣ୍ଟନ, ବ୍ୟବହାର ପୂର୍ବରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ନିରାପଦ ଅଟେ। ଏହି ସଚେତନତା ପାଇଁ ଖାଦ୍ୟ ସୁରକ୍ଷା ଦିବସର ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱ ବଢ଼ିଥାଏ।



## ପୁରୁଷଙ୍କ ତୁଳନାରେ ମହିଳା କରନ୍ତି ଅଧିକ କାମ

ବିବାହିତ ଯୋଡ଼ିଙ୍କ ଉପରେ ଏବେ ଏକ ସର୍ଭେ କରାଯାଇଛି। ଏଥିରୁ ଦେଖାଯାଇଛି ଯେ, ବାହାଘର ପରେ ମହିଳାଙ୍କ ଉପରେ ଘରୋଇ ଦାୟିତ୍ୱ ବହୁ ଅଧିକ ବଢ଼ିଯାଏ। ଏଭଳି ସ୍ଥିତିରେ କିନ୍ତୁ ପୁରୁଷଙ୍କ ଦିନଚର୍ଯ୍ୟାରେ କୌଣସି ପରିବର୍ତ୍ତନ ଆସି ନ ଥାଏ। ସେହିପରି ମହିଳାମାନେ ଘରୋଇ କାର୍ଯ୍ୟରେ ନିତିଦିନ ୬ ଘଣ୍ଟା ଅତିବାହିତ କରୁଥିବା ବେଳେ ପୁରୁଷମାନେ କେବଳ ୪୭ ମିନିଟ୍ ସମୟ ଦେଇଥାନ୍ତି। ଅଧିକାଂଶ ପୁରୁଷ ଏହି ୪୭ ମିନିଟ୍‌ର କାମ ଛୁଟିଦିନରେ ହିଁ କରୁଥିବାର ଦେଖାଯାଏ। ସର୍ଭେରୁ ଏକଥା ସାମ୍ନାକୁ ଆସିଛି ଯେ, ରୋଷେଇ କରିବାରେ ମହିଳାମାନେ ନିତିଦିନ ୩ ଘଣ୍ଟା ଲଗାନ୍ତି। ପୁରୁଷମାନେ ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ ୪ ମିନିଟ୍ ନିଅନ୍ତି। ତେବେ ଏହି ୪ ମିନିଟ୍ ଚା' ତିଆରି ପାଇଁ ଯଥେଷ୍ଟ ହୋଇ ନ ଥାଏ। ତେଣୁ ଏହି ତଥ୍ୟ ଘରୋଇ ଦାୟିତ୍ୱରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଅସମାନତାକୁ ଦର୍ଶାଇଛି। କେବଳ ଘର କାମ ନୁହେଁ, ବାହାଘର ପରେ ମହିଳାଙ୍କ ବୃତ୍ତିଗତ ଜୀବନ ଉପରେ ବି ଏହାର ବଡ଼ ପ୍ରଭାବ ପଡ଼ିଥାଏ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଭାରତରେ ବାହାଘର ପରେ ମହିଳାଙ୍କ ରୋଜଗାର ହାର ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଏ। ଏହାର ଅର୍ଥ ହେଉଛି ପ୍ରତି ୧୦୦ ଜଣ ମହିଳାଙ୍କ ମଧ୍ୟରେ ପ୍ରାୟ ୧୨ ଜଣ ମହିଳା ବାହାଘର ପରେ ଚାକିରି କିମ୍ବା ବ୍ୟବସାୟ ଛାଡ଼ି ଦେଇଥାନ୍ତି। ଅନ୍ୟପଟେ ପୁରୁଷମାନେ ବିବାହ କରିବା ପରେ ସେମାନଙ୍କର କ୍ୟାରିୟରରେ ଉନ୍ନତି ୧୩ ପ୍ରତିଶତ ବୃଦ୍ଧି ପାଏ ଏବଂ ଏହି ଧାରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହେ।

## ଅପ୍ରେଲରୁ ଆରମ୍ଭ ହେବ 'ଧୂମ୍-୪'ର ସୁଟିଂ



ଯଶରାଜ ବ୍ୟାନର୍‌ର 'ଧୂମ୍' ଭାରତୀୟ ସିନେମା ଇଣ୍ଡଷ୍ଟ୍ରୀର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ। ବିଗତ ୧୨ ବର୍ଷ ହେଲାଣି 'ଧୂମ୍-୪'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏବେ ଏହାର ସୁଟିଂକୁ ନେଇ ଖବର ଆସିଛି। ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆସନ୍ତା ବର୍ଷ ଏପ୍ରିଲ୍‌ରୁ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଶ୍ରୀଧର ରାଘବନ୍‌ଙ୍କ ସହ ମିଶି ଆଦିତ୍ୟ ଏବେ ଏହାର କାହାଣୀ ଫାଇନାଲ କରୁଛନ୍ତି। ଏଥିରେ ରଣବୀର କପୁର ଲିଡ୍ ରୋଲରେ ନଜର ଆସିବେ। ତେବେ ଏଥିରେ ଅନ୍ତର୍ଜାତୀୟ ସ୍ତରର ଆକ୍ସନ୍ ସିନ୍ ରଖିବାକୁ ଆଦିତ୍ୟ ପ୍ରୟାସ ଚଳାଇଥାନ୍ତି। ଅୟାନ୍ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ୱାର୍-୨' ରିଲିଜ୍ ହେବା ପରେ ଅୟାନ୍ ଏହାର ପ୍ରିପ୍ରଡକ୍ସନ୍ କାମରେ ଲାଗିଯିବେ। ୨୦୨୬ ଶେଷ ଆଡ଼କୁ ସୁଟିଂ ସରିବା ପରେ ୨୦୨୭ ରେ 'ଧୂମ୍-୪' ରିଲିଜ୍ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରଣବୀର ଏବେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାପରେ ସେ 'ରାମାୟଣ-୨'ର ସୁଟିଂରେ ଯୋଗ ଦେବେ। ଅପ୍ରେଲ୍, ୨୦୨୬ରୁ ରଣବୀର 'ଧୂମ୍-୪'ର ସୁଟିଂ ଆରମ୍ଭ କରିବେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୭

(୧) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ନେତୃତ୍ୱ କିଏ ନେଇଥିଲେ?
ଉତ୍ତର : ______

(୨) 'ଗୀତାଞ୍ଜଳି'ର ରଚୟିତା କିଏ?
ଉତ୍ତର : ______

(୩) ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ଭାରତୀୟ କିଏ ଥିଲେ?
ଉତ୍ତର : ______

(୪) ଓଟାବା କେଉଁ ଦେଶର ରାଜଧାନୀ?
ଉତ୍ତର : ______

(୫) ପେସ୍‌ମେକର୍‌ର ସଂପର୍କ ମଣିଷ ଶରୀରର କେଉଁ ଅଂଶ ସହ ଜଡ଼ିତ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା ,ଭଦ୍ରକ।
- ମନୋଜା ମିଶ୍ର, ଆନନ୍ଦପୁର, କେନ୍ଦୁଝର
- ସତ୍ୟପ୍ରକାଶ ମଲ୍ଲିକ୍, ଜଟଣି, ଖୋର୍ଦ୍ଧା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ହାତୀ ବେଶରେ ଜଗନ୍ନାଥ




ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ
ଚତୁର୍ଦ୍ଧାମୂରତୀ ବିଜେ ସ୍ନାନ ମଣ୍ଡପରେ
ବେଦଧ୍ୱନୀ ହୋଇ ଶହେ ଆଠ କଳସୀରେ
ସ୍ନାନ କଲେ ପ୍ରଭୁ ସ୍ୱର୍ଣ୍ଣ କୂଅର ଜଳରେ ।
ବିଜେ ସୁଦର୍ଶନ ପଣ୍ଡା ସେବକ ମେଳରେ
ଜଗନ୍ନାଥ ଆସିଥାନ୍ତି ଦଇତା ସାଥିରେ
ମନ୍ତ୍ରସ୍ନାନ ହୋଇଥାନ୍ତି ଅନ୍ୟ ସମୟରେ
ସ୍ନାନ କରିଥାନ୍ତି ପ୍ରଭୁ ପୂର୍ଣ୍ଣମୀ ତିଥିରେ ।
ସ୍ନାନ ସାରି ସଜ୍ଜିତ ପ୍ରଭୁ ଗଜ ବେଶରେ
ମହମହ ବାସୁଥାନ୍ତି ସଜ କୁସୁମରେ
ଧୂପ ଦୀପ ଅଗୁରୁ ଚନ୍ଦନ ନୈବେଦ୍ୟରେ
ଦର୍ଶନ ଦିଅନ୍ତି ପ୍ରଭୁ ସ୍ନାନ ମଣ୍ଡପରେ ।
ଶୁଭୁଥାଏ ମନ୍ତ୍ରଧ୍ୱନୀ କାହାଳୀ ଶବ୍ଦରେ
କମ୍ପିଯାଏ ମଣ୍ଡପ ଭଜନ କୀର୍ତ୍ତନରେ
ଭକ୍ତଙ୍କୁ ଆଣନ୍ତି ଡାକି ପୁନେଇଁ ତିଥିରେ
ଗଜବେଶ ଦେଖିବାକୁ ଆନନ୍ଦ ଚିତ୍ତରେ ।
ଗଣପତି ଭଟ୍ଟଙ୍କର ପ୍ରଗାଢ଼ ଭକ୍ତିରେ
ସନ୍ତୁଷ୍ଟ ହୋଇ ଦେଖାଦେଲେ ଗଜ ବେଶରେ
ଖରାତାପ ନ ସହି ଗୁଲୁଗୁଲି ପାଗରେ
ପାହୁଣ୍ଡ ପକେଇ ବିଜେ ସ୍ନାନ ମଣ୍ଡପରେ ।
ସ୍ନାନ ସାରି ଫେରିଗଲେ ଅଣସର ଘରେ
ପ୍ରଭୁ ସୁଦର୍ଶନ ଭାଇ ଭଉଣୀ ସାଥିରେ
ସ୍ନାନ କଲେ ପଇଁତିରିଶି ଗରା ଜଳରେ
ପୂଜା ପାଇଲେ ମଣ୍ଡପେ ଗୋଟିଏ ଧୂପରେ ।
ଜଗତ ଦେଖିଲା ତାଙ୍କୁ ସ୍ନାନବେଦୀ ପରେ
ଭକ୍ତ ହେଲେ ତୋଷ ଦେଖି ଗଜ ବେଶରେ ।



ନଳିନୀ ଦାଶ

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮ ୯୯୬୭୪୯

## ଜ୍ଞାନ ଲାଭ ପାଇଁ ବୟସ ନାହିଁ



ଥରେ ସ୍ୱାମୀ ରାମତୀର୍ଥ ଜାପାନ ଦେଶ ଭ୍ରମଣରେ ଥାଆନ୍ତି। ଦେଶର ବିଭନ୍ନ ସ୍ଥାନ ବୁଲୁ ବୁଲୁ ଗୋଟିଏ ଦୃଶ୍ୟ ତାଙ୍କୁ ବେଶି ପ୍ରଭାବିତ କଲା। ଜଣେ ବୃଦ୍ଧ ବ୍ୟକ୍ତି ଜଣେ ଯୁବକଙ୍କ ପାଖରେ ବସି କ'ଣ ସବୁ ଶିଖୁଥିବାର ସେ ଦେଖିଲେ। ସେ ତାଙ୍କ ପାଖକୁ ଗଲେ। ଚମ ଧୁଡୁ ଧୁଡୁ ବୃଦ୍ଧ ବ୍ୟକ୍ତିଙ୍କ ବୟସ ପାଖାପାଖି ଅଶୀ । କିନ୍ତୁ ଜଣେ ବିଦ୍ୟାର୍ଥୀଙ୍କ ଭଳି ମନଯୋଗ ସହକାରେ ଅଧ୍ୟୟନରତ। ସ୍ୱାମୀଜୀ ତାଙ୍କୁ ପ୍ରଶ୍ନ କଲେ। "ମହାଭାଗ ଆପଣ ଏ ବୟସରେ ପାଠ ପଢ଼ୁଛନ୍ତି? ବୃଦ୍ଧ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ," ବାବୁ, ପାଠ ପଢ଼ିବାରେ ବୟସ ନ ଥାଏ। ମୁଁ ପ୍ରାଣୀ ବିଜ୍ଞାନର ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ଜାଣିବାକୁ ପାଇଲି ଏହି ବିଷୟରେ ଜର୍ମାନୀ ଭାଷାରେ ବହୁ ଉପାଦେୟ ପୁସ୍ତକମାନ ରହିଛି। ମୁଁ ଯଦି ଜର୍ମାନୀ ଭାଷା ଶିଖିଯାଏ ତେବେ ତାକୁ ଆମ ଭାଷାରେ ଅନୁବାଦ କରିବି, ଯାହା କି ଆମ ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁତ ଉପଯୋଗୀ ହେବ। ଆମ ପିଲାମାନେ ନୂଆ ନୂଆ କଥା ଜାଣି ପାରିବେ। ତେଣୁ ମୁଁ ଜର୍ମାନୀ ଭାଷା ଶିଖୁଛି। ମରିବା ପୂର୍ବରୁ ଯଦି ଏତିକି କରି ପାରିଲି ଆମ ଆଗାମୀ ପିଢ଼ି ତ ଉପକୃତ ହେବେ। ସେଥିପାଇଁ ଏ ବାବୁଙ୍କ ଠାରୁ ଜର୍ମାନୀ ଭାଷା ଶିଖୁଛି।" ଜ୍ଞାନ ପିପାସୁ ବୃଦ୍ଧଙ୍କର କଥା ସ୍ୱାମୀ ରାମତୀର୍ଥଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ସେ ମନେ ମନେ ଭାବୁଥିଲେ - "ସତରେ ଯେଉଁ ଦେଶରେ ଏ ଭଳି ବ୍ୟକ୍ତି ଜନ୍ମଲାଭ କରିଛନ୍ତି ସେ ଦେଶକୁ ଉନ୍ନତି ପଥରୁ କେହି ହଟେଇ ପାରିବ ନାହିଁ।" ସେଥିପାଇଁ ଜାପାନ ଦେଶ ଆଜି ଏକ ଉନ୍ନତଶୀଳ ଦେଶ ଭାବେ ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ଅଗ୍ରଗତି କରିଛି।

ତେଣୁ ପିଲାଏ, ଜ୍ଞାନ ଆହରଣ ବୟସ କେତେବେଳେ ବି ବାଧକ ହୁଏନାହିଁ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜ୍ଞାନ ଆହରଣ ପାଇଁ ଆମ ସମସ୍ତଙ୍କ ମନରେ ଆଗ୍ରହ ରହିବା ନିହାତି ଆବଶ୍ୟକ।



ଡକ୍ଟର ରବିନାରାୟଣ ସାହୁ

ସ୍ମୃତିନଗର, ବରଗଡ଼
ମୋ - ୯୮୬୧୦୮ ୯୩୪୮



ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦାଶ
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କୋରାପୁଟ





ସାଇଶ୍ରୀ ବେହେରା
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ସାନ୍‌ଭି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର





ଦେବହୂତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା



## ପ୍ରହେଳିକା

- ରାତିହେଲେ ସିଏ ଆଲୋକ ଦିଏ
  ଆମ ଠୁଁ ଅନେକ ଦୂରରେ ରୁହେ
  ଆହାକି ସୁନ୍ଦର ରୂପଟି ତା'ର
  ଆକାଶ ଛାତିରେ ତୋଳିଛି ଘର
  ନାମଟି ତାହାର କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ

  ଉ-ଜହ୍ନ

- ନାଲି ଟହ ଟହ ରୂପଟି ତା'ର
  ମଝିରେ କେଶର ଥାଏ
  ମା'ତାରିଣୀଙ୍କ ପ୍ରିୟ ସେ ଫୁଲ
  ନାମଟି କହିବ କିଏ।

  ଉ- ମନ୍ଦାର

- ଆସନ ନୁହେଁ କିନ୍ତୁ ବସି ଖାଇଛି
  ବିଛଣା ନୁହେଁ କିନ୍ତୁ ସେଠି ଶୋଇଛି
  ପଡ଼ିଆ ନୁହେଁ କିନ୍ତୁ କେତେ ଖେଳିଛି
  ହସି ଖେଳି ଦିନ କେତେ କାଟିଛି।

  ଉ- ମା'କୋଳ

- ପରିବା ଭିତରେ ଅଟେ ସେ ସାର
  କାଟିଦେଲେ ତା'ର ବୁହଇ ଲାଳ
  ସବୁଜ ରଙ୍ଗରେ ସେ ଦିଶେ ସୁନ୍ଦର
  ସ୍ୱାଦ ତା'ର ଲାଗେ ଭାରି ମଧୁର
  ଦିଶୁଥାଏ ସିଏ ଆଙ୍ଗୁଳି ପରି
  କିଏ ସେ କହିବ ନାମ ତାହାରି

  ଉ-ଭେଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର,ଯାଜପୁର
ମୋ-୮୮ ୯୨୩୦୧୧୪୩



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

### ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ଲୋକେଶ ରାହୁଲଙ୍କ ଦମ୍‌ଦାର ଶତକ

ନଟିଂହାମ୍, ୬।୬ (ଏଜେନ୍ସି):

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଏଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ଦଳ ପ୍ରଥମ ଇନିଂସରେ ପ୍ରଥମ ଦିନ ଶେଷ ଖବର ସୁଦ୍ଧା ୪ ୱିକେଟ ବିନିମୟରେ ୨୪୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୧୧୨ ଓ ନୀତୀଶ କୁମାର ରେଡ୍ଡି ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଓପନର ଯଶସ୍ୱୀ ଜୟସ୍ୱାଲ ୧୭, ନଂ-୩ରେ ବ୍ୟାଟିଂ କରିଥିବା ଅଠଧିନାୟକ ଅଭିମନ୍ୟୁ ଈଶ୍ୱରନ ୧୧, ୱିକେଟରକ୍ଷକ ଧ୍ରୁବ ଜୁରେଲ ୫୨ ଓ କରୁନ ନାୟାର ୪୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ୩ଟି ଓ ଜର୍ଜ ହିଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଏହି ମୁକାବିଲାରେ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଟେଷ୍ଟ ସିରିଜ୍‌ରେ ଖେଳିବାକୁ ମନୋନୀତ ହୋଇଥିବା ଅର୍ଦ୍ଧାଧିକ ଖେଳାଳି ଭାଗ ନେଇଛନ୍ତି। ଆଇପିଏଲ ମ୍ୟାଚ୍ ଖେଳିବା ପରେ ଭାରତୀୟମାନେ ଏହି ଅନ୍‌ଅଫିସିଆଲ ଟେଷ୍ଟରେ ମ୍ୟାଚ୍ ପ୍ରାକ୍ଟିସ କରିବାର ସୁଯୋଗ ପାଇଛନ୍ତି। ଏହା ମଧ୍ୟରେ ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ଅନ୍ୟ ଟେଷ୍ଟ ଖେଳାଳିମାନେ ଆଜି ଇଂଲଣ୍ଡରେ ପହଞ୍ଚିଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଅଧିନାୟକ ଜେମ୍ସ ରିଉ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଭାରତ-ଏ'କୁ ଆମନ୍ତ୍ରଣ କରିଥିଲେ। ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭ମ ଓଭରରେ ୨୮ ରନ୍‌ରେ ଜୟସ୍ୱାଲ ଓ ଏକାଦଶ ଓଭରରେ ୪୦ ରନ୍‌ରେ ଈଶ୍ୱରନ ଆଉଟ ହୋଇଥିଲେ। ବର୍ଷା ଯୋଗୁଁ କିଛି ସମୟ ଖେଳ ବନ୍ଦ ରହିବା ପରେ ଇନିଂସ ଓପନ କରିଥିବା ରାହୁଲ ଓ କରୁନ ନାୟାରଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ଏମାନେ ସତର୍କତାର ସହ ଖେଳି ତୃତୀୟ ୱିକେଟରେ ୧୩୯ ବଲ୍‌ର ସାମ୍ନା କରି ୮୬ ରନ୍ ଉଠାଇଥିଲେ। ଅଭିଜ୍ଞତାରୁ ଫାଇଦା ଉଠାଇ ଭଲ ଖେଳୁଥିବା ନାୟାର ୭୧ ବଲ୍‌ର ସାମ୍ନା କରି ମାତ୍ର ୪ଟି ଚୌକା ସହ ୪୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲଙ୍କୁ ଆଉ ଜଣେ ଭଲ ପାର୍ଟନର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ରୂପରେ ମିଳିଥିଲା। ଉଭୟ ଖେଳାଳି ପରିସ୍ଥିତି ସହ ଖାପ୍ ଖୁଆଇ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଟେଷ୍ଟ ଦଳରେ ସାମିଲ ହୋଇଥିବା ଦୁଇ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ଓ ଜୋଶ ଟଙ୍ଗ୍‌ଙ୍କୁ ଉଚିତ ମୁକାବିଲା କରିଥିଲେ ରାହୁଲ ଓ ଜୁରେଲ। ଏମାନେ ଚତୁର୍ଥ ୱିକେଟରେ ୧୫୯ ବଲ୍‌ରୁ ୧୨୧ ରନ୍ କରିଥିଲେ। ଜୁରେଲ ୮୭ ବଲ୍‌ରୁ ୭ ଚୌକା ସହ ୫୨ ରନ୍ କରିଥିଲେ। ରାହୁଲ ୧୦୨ ବଲ୍‌ରେ ଅର୍ଦ୍ଧଶତକ ଓ ୧୫୧ ବଲ୍‌ରେ ଶତକ ପୂରଣ କରିଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସଙ୍କୁ ସର୍ବାଧିକ ସଫଳତା ମିଳିଥିଲା। ଚା'ପାନ ବିରତି ବେଳକୁ ଭାରତ ହରାଇଥିବା ୩ ଜଣ ଯାକ ଖେଳାଳିଙ୍କୁ ୱକ୍ସ ଆଉଟ କରିଥିଲେ। ଏହି ୩ଜଣ ଯାକ ବ୍ୟାଟର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।




**ସଂକ୍ଷିପ୍ତ ସ୍କୋର**

ଭାରତ-ଏ' ପ୍ରଥମ ଇନିଂସ: ୨୪୮/୪, ୬୦ ଓଭର ସୁଦ୍ଧା (ଲୋକେଶ ରାହୁଲ-ବ୍ୟାଟିଂ-୧୧୨, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୩୦)।

## ଲଣ୍ଡନରେ ପହଞ୍ଚିଲେ ଭାରତୀୟ ଟେଷ୍ଟ କ୍ରିକେଟର

ଲଣ୍ଡନ,୬।୬ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଲଣ୍ଡନରେ ଶୁକ୍ରବାର ପହଞ୍ଚିଛନ୍ତି। ଏହି ଦଳରେ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଇପିଏଲ୍ ପ୍ଲେ ଅଫ୍‌ରେ ଖେଳିଥିବା ଓ ପୂର୍ବରୁ ଯାଇ ନ ଥିବା ଖେଳାଳିମାନେ ଦଳ ସହ ଯାଇଥିଲେ। ଗୁରୁବାର ଏମାନେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲେ। ଏମାନଙ୍କ ମଧ୍ୟରେ ଉପଅଧିନାୟକ ଋଷଭ ପନ୍ତ, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା ପ୍ରମୁଖ ଦଳ ସହ ଯାଇଥିଲେ। ପୂର୍ବରୁ ଦଳରେ ସ୍ଥାନ ପାଇଥିବା କିଛି ଖେଳାଳି ଆଗୁଆ ଇଂଲଣ୍ଡରେ ପହଞ୍ଚି ଇଂଲଣ୍ଡ ଲାୟନ୍ସ ସହ ଅଭ୍ୟାସ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ଆଜି ପହଞ୍ଚିଥିବା ଖେଳାଳିମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଖେଳାଳିମାନେ ନିଜ ନିଜ ମଧ୍ୟରେ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ଟି କେଣ୍ଟ କ୍ରିକେଟ ଗ୍ରାଉଣ୍ଡରେ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ। ଏହା ମଧ୍ୟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ନାମକରଣ ପରିବର୍ତ୍ତନ କରାଯାଇଛି। ଏହାକୁ ଏବେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ନାମରେ ନାମିତ କରାଯାଇଛି। ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜ୍‌ରେ ଖେଳୁନାହାନ୍ତି। ଏଣୁ ଭାରତୀୟ ଦଳ ଜଣେ ଅନଭିଜ୍ଞ ଅଧିନାୟକ ଓ ବିଦେଶରେ ଅସଫଳ ବ୍ୟାଟର ଶୁବମନ ଗିଲଙ୍କୁ ଭାରତୀୟ କମାଣ୍ଡ ସମ୍ଭାଳିବେ। ସେ ପ୍ରଥମଥର ଦଳର ନେତୃତ୍ୱ ନେଉଥିବାରୁ ଭାରତୀୟମାନେ ତାଙ୍କଠାରୁ ବିଶେଷ କିଛି ଆଶା ରଖିନାହାନ୍ତି।

ଟେଷ୍ଟ ସିରିଜର ଅନ୍ୟ ମ୍ୟାଚ୍ ଗୁଡ଼ିକ ଏଜ୍‌ବାଷ୍ଟନରେ ଜୁଲାଇ୨, ଲର୍ଡ୍ସରେ ଜୁଲାଇ ୧୦, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ ଓ କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।



ପ୍ରଶିକ୍ଷକ ଗୌତମ ଗମ୍ଭୀର

■ ରାଜ୍ୟ ଓପନ ଚେସ୍

## ଅବିନାଶ ଚାମ୍ପିଅନ

ଭୁବନେଶ୍ୱର,୬।୬ (ଏଜେନ୍ସି): ଜଟଣୀର ଅବିନାଶ ବଳିୟାରସିଂ ଲଡୁକିଶୋରନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ଏଠାରେ ଶୁକ୍ରବାର ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ଅବିନାଶ ପ୍ରଥମ, କଟକର ରବୀନ୍ଦ୍ର ଓଝା ଦ୍ୱିତୀୟ, ପୁରୀର ମହେଶ ସେଠୀ ତୃତୀୟ, କନ୍ଧମାଳର ଲରେନ୍ସ ପ୍ରଧାନ ଚତୁର୍ଥ, ଜଟଣୀର ସ୍ଥିତପ୍ରଜ୍ଞ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ରାଜ୍ୟଗୁଇନ୍ଦା ବିଭାଗର ଡିଏସ୍‌ପି ପ୍ରିଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲାବେଳେ ଆଇଆଇଏଫ୍‌ଏଲ୍‌ର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ।



## ଫାଇନାଲରେ ଆଲ୍‌କାରାଜ

**ଫ୍ରେଞ୍ଚ ଓପନ**

ପ୍ୟାରିସ, ୬।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ପୁରୁଷ ଏକକ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ଲଢ଼େଇରେ ଦ୍ୱିତୀୟ ସିଡ୍ ସ୍ପାନିଶ ତାରକା ଆଲ୍‌କାରାଜଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟ୍ଟିଙ୍କ ସହ ହୋଇଥିଲା। ତେବେ ଏହି ମ୍ୟାଚରେ ଆଲ୍‌କାରାଜ ୪-୬, ୭-୬, ୬-୦, ୨-୦ରେ ଆଗୁଆ ରହିଥିବାବେଳେ ୮ମ ସିଡ୍ ମୁସେଟ୍ଟୀଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଫଳରେ ସେ ଚତୁର୍ଥ ସେଟ୍‌ରେ ୨-୦ରେ ପଛୁଆ ଥିବାବେଳେ ରିଟାୟାର୍ଡ ହୋଇଯାଇଥିଲେ। ଯେଉଁଥି ପାଇଁ ଆଲ୍‌କାରାଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା ଏବଂ ସେ ଫାଇନାଲରେ ପ୍ରବେଶ କରିଥିଲେ। ସେ ଟାଇଟଲ୍ ବଜାୟଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ରବିବାର ଫାଇନାଲରେ ଆଲ୍‌କାରାଜଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର କିମ୍ବା ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ଓ ଜୋକୋଭିଚ୍ ପରସ୍ପର ସାମ୍ନାସାମ୍ନି ହେବେ। ଅପରପକ୍ଷରେ ଶନିବାର ଆମେରିକାର କୋକୋ ଗଫ୍ ଓ ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ମହିଳା ବିଭାଗ ଫାଇନାଲ ଅନୁଷ୍ଠିତ ହେବ।

## ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବେ ଉଜବେକିସ୍ତାନ, ଜୋର୍ଡାନ

ଆବୁଧାବି, ୬।୬ (ଏଜେନ୍ସି): ଦୁଇ ଏସୀୟ ରାଷ୍ଟ୍ର ଉଜବେକିସ୍ତାନ ଓ ଜୋର୍ଡାନ ଇତିହାସ ରଚିଛନ୍ତି। ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଏହି ଦୁଇ ଦେଶର ଫୁଟ୍‌ବଲ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ୟୁଏଇ ବିପକ୍ଷରେ ଉଜବେକିସ୍ତାନ ଗୋଲଶୂନ୍ୟ ଡ୍ର ରଖିଥିଲା। ଏହି ଡ୍ର ଫଳରେ ଉଜବେକିସ୍ତାନ ୧୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ସ୍ୱୟଂଚାଳିତ ଭାବେ ଯୋଗ୍ୟତା ଅର୍ଜନ କରିଛି। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଜୋର୍ଡାନ ୩-୦ ଗୋଲରେ ଇରାକକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ଅପରପକ୍ଷରେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ହୋଇଛି। ସେହିଭଳି ଗ୍ରୁପ୍-ସି'ରୁ ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ୨୦୨୬ ଫିଫା ବିଶ୍ୱକପ୍ ଖେଳିବେ।

## ସମସ୍ତ ପ୍ରକାର ଫର୍ମାଟ୍‌ରୁ ଚାୱଲାଙ୍କ ଅବସର



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଲେଗ୍-ସ୍ପିନର ପିୟୁଷ ଚାୱଲା ଶୁକ୍ରବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ସନ୍ୟାସ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟରେ ଅବସର ସୂଚନା ଦେଇଥିବା ୩୮ ବର୍ଷୀୟ ଚାୱଲା କହିଛନ୍ତି, 'ପଡ଼ିଆରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତାଇବା ପରେ ଏବେ ଏହି ସୁନ୍ଦର ଖେଳକୁ ଅଲ୍‌ବିଦା କରିବାର ସମୟ ଆସିଯାଇଛି। ଆଇପିଏଲ୍ ଖେଳିବା ମୋ କ୍ୟାରିୟରର ଏକ ବିଶେଷ ମୁହୂର୍ତ୍ତ ରହିଥିଲା। ଆଇପିଏଲ୍ ଖେଳିବା ସମୟରେ ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିଛି।' ଦୁଇ ଦୁଇଥର ବିଶ୍ୱକପ୍ (୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ) ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଚାୱଲା ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଛନ୍ତି। ସେ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ମୋଟ୍ ୧୯୨ ମ୍ୟାଚ୍ ଖେଳି ୧୯୨ ୱିକେଟ୍ ନେଇଛନ୍ତି। ସେହିଭଳି ୨୦୦୬ରେ ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଚାୱଲା ୨୦୧୨ରେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩ଟି ଟେଷ୍ଟ, ୨୫ ଏକଦିବସୀୟ ଓ ୭ ଟି-୨୦ ମ୍ୟାଚ୍ ଖେଳିଥିବା ଚାୱଲା ଯଥାକ୍ରମେ ୭, ୩୨ ଓ ୪ଟି ୱିକେଟ୍ ନେଇଛନ୍ତି।

## ଆଇପିଏଲ୍ ଶ୍ରେଷ୍ଠ ଟିମ୍‌ରେ କୋହଲି, ବୁମ୍‌ରା, ଆୟର

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ରେ ଅନେକ ରୋମାଞ୍ଚକ ମୁକାବିଲା, ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ରେକର୍ଡ ଦେଖିବାକୁ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି। ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ପକ୍ଷରୁ ଚଳିତ ଆଇପିଏଲ୍‌ରେ ଶ୍ରେଷ୍ଠ ଟିମ୍ ଚୟନ କରାଯାଇଛି। ଏଥିରେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଦଳ ଗୁଡିକର ୧୦ଜଣ ଏବଂ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଦଳରୁ ଜଣେ ଖେଳାଳି ରହିଛନ୍ତି। ରନର୍ସ ଅପ୍ ଟିମ୍ ପଞ୍ଜାବ କିଙ୍ଗ୍‌ସର ଶ୍ରେୟସ ଆୟରଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି।

ଦଳର ଦୁଇ ଓପନର ଭାବେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଚାମ୍ପିଅନ ବେଙ୍ଗାଲୁରୁର ବିରାଟ କୋହଲିଙ୍କୁ ଚୟନ କରାଯାଇଛି। ସୁଦର୍ଶନ ୧୫ଟି ମ୍ୟାଚ୍‌ରୁ ୧୫୬.୧୭ ଷ୍ଟ୍ରାଇକ୍‌ରେଟ୍‌ରେ ୭୫୯ ରନ୍ କରିଥିଲେ। ସେହିପରି କୋହଲି ୮ଟି ଅର୍ଦ୍ଧଶତକ ସହ ୧୫ଟି ମ୍ୟାଚ୍‌ରୁ ୧୪୪.୭୧ ହାରରେ ୬୫୭ ରନ୍ କରିଛନ୍ତି। ନଂ-୩ରେ ଜୋଶ ବଟ୍ଲର ୧୩ଟି ମ୍ୟାଚ୍‌ରୁ ୫୩୮, ନଂ-୪ରେ ସୂର୍ଯ୍ୟକୁମାର ଯାଦବ ୧୬ଟି ମ୍ୟାଚ୍‌ରୁ ୧୬୭.୯୧ ହାରରେ ୭୧୭ ରନ୍ କରିଛନ୍ତି। ଦଳର ନେତୃତ୍ୱ ନେବାକୁ ମନୋନୀତ ଶ୍ରେୟସ ଆୟର ୧୭ଟି ମ୍ୟାଚ୍‌ରୁ ୧୭୫.୦୭ ଷ୍ଟ୍ରାଇକ୍ ରେଟ୍‌ରେ ୬୦୪ ରନ୍ କରିଛନ୍ତି। ୱିକେଟ କିପର ଭାବେ ବେଙ୍ଗାଲୁରୁର ଜିତେଶ ଶର୍ମା ରହିଛନ୍ତି। ଦୁଇ ଅଲରାଉଣ୍ଡର ଭାବେ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୫ମ୍ୟାଚ୍, ୨୨୪ରନ୍, ୧୪ ୱିକେଟ), ବେଙ୍ଗାଲୁରୁର କ୍ରୁନାଲ ପାଣ୍ଡ୍ୟା (୧୫ମ୍ୟାଚ୍, ୧୭ୱିକେଟ, ୧୦୯ରନ୍) ରହିଛନ୍ତି। ଏକମାତ୍ର ସ୍ପିନର ଭାବେ ୨୪ଟି ୱିକେଟ ନେଇଥିବା ଚେନ୍ନଇ ସୁପରକିଙ୍ଗ୍‌ସର ନୁର ଅହମ୍ମଦ୍ ରହିଛନ୍ତି। ମୁମ୍ବାଇର ଯଶପ୍ରୀତ୍ ବୁମ୍‌ରା (୧୨ମ୍ୟାଚ୍, ୧୮ ୱିକେଟ), ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା (୧୫ମ୍ୟାଚ୍‌ରେ ୨୫ ୱିକେଟ) ଓ ବେଙ୍ଗାଲୁରୁର ଜୋଶ ହାଜ୍‌ଲେଉଡ୍ (୧୨ ମ୍ୟାଚ୍‌ରେ ୨୨ ୱିକେଟ)ଙ୍କୁ ପେସ୍ ବୋଲର ଭାବେ ନିଆଯାଇଛି।

## ବେକ୍‌ହାମଙ୍କୁ ମିଳିବ 'ନାଇଟ୍' ଉପାଧି

ଲଣ୍ଡନ, ୬।୬ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ମହାନ ଫୁଟ୍‌ବଲ ଖେଳାଳି ଡେଭିଡ୍ ବେକ୍‌ହାମଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିବ। ଫୁଟ୍‌ବଲରେ ଦେଶକୁ ଅତୁଳନୀୟ ଅବଦାନ ଓ ଦାନଶୀଳ କାର୍ଯ୍ୟକ୍ରମ ଲାଗି ୫୦ ବର୍ଷୀୟ ବେକ୍‌ହାମଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ବ୍ରିଟେନର ରାଜା ଚାର୍ଲସ ତୃତୀୟ ତାଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ବେକ୍‌ହାମଙ୍କ ନାମକୁ ସାମିଲ କରିଛନ୍ତି। ଆସନ୍ତା ସପ୍ତାହରେ ରାଜା ଚାର୍ଲସ ତୃତୀୟଙ୍କ ଜନ୍ମଦିବସ ଅବସରରେ ଏହି ନାଇଟ୍ ଉପାଧି ବେକ୍‌ହାମଙ୍କୁ ମିଳିବ। ଫଳରେ ବେକ୍‌ହାମଙ୍କ ନାମ ପୂର୍ବରୁ ଏବେ 'ସାର୍' ଯୋଡ଼ିହେବ। ପୂର୍ବରୁ ଇଂଲଣ୍ଡ କ୍ରୀଡ଼ା ଜଗତରୁ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ପ୍ରଶିକ୍ଷକ ଆଲେକ୍ସ ଫର୍ଗୁସନ, ବ୍ରିଟେନ ଟେନିସ ଖେଳାଳି ଆଣ୍ଡି ମୁରେଙ୍କୁ 'ନାଇଟ୍' ଉପାଧି ମିଳିଥିଲା। ବେକ୍‌ହାମ ଇଂଲଣ୍ଡ ପାଇଁ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ୍ ଦେଇଥିଲେ।



■ ଅରବିନ୍ଦ ସ୍ମାରକୀ କ୍ରିକେଟ

## ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ

ଭୁବନେଶ୍ୱର,୬।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ହେବାକୁ ଥିବା ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାର ବିଜେତା ସହ ରବିବାର ରାଇଜିଂ ଷ୍ଟୁଡେଣ୍ଟସ ଫାଇନାଲ ଖେଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟସ ୬ ୱିକେଟରେ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୧୦୪, ଅମିନ ଖାନ୍ ୭୪ ଓ ବିକ୍ରମ ସାମଲ ଅପରାଜିତ ୫୩ ରନ୍ କରିଥିଲେ। ଜବାବରେ ୟୁନିଅନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ରାଜୀବ ଲୋଚନ ସାହୁ ୫୧ ଓ ବିଶ୍ୱଜିତ ପ୍ରଧାନ ୩୩ ରନ୍ କରି କିଛିଟା ପ୍ରତିରୋଧ କରିଥିଲେ। ଅମିନ ଖାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବିଏଏ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର।




## ୱାଲଟର୍ ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ

ୱେଲିଂଟନ, ୬।୬ (ଏଜେନ୍ସି): ରବ୍ ୱାଲଟର୍ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଗ୍ୟାରୀ ଷ୍ଟେଡ୍‌ଙ୍କ ସ୍ଥାନରେ ସେ ତିନୋଟି ଯାକ ଫର୍ମାଟ୍‌ରେ ନ୍ୟୁଜିଲାଣ୍ଡର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଗୁରୁ ଦାୟିତ୍ୱ ତୁଲାଇଥିବା ୪୯ ବର୍ଷୀୟ ୱାଲଟର୍ ଆଗାମୀ ୩ ବର୍ଷ ଅର୍ଥାତ୍ ୨୦୨୮ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହି ସମୟରେ ଏକଦିବସୀୟ ବିଶ୍ୱକପ୍, ୨୦୨୬ ଓ ୨୦୨୮ ଟି-୨୦ ବିଶ୍ୱକପ୍ ଖେଳାଯିବ। ସେହିଭଳି ୧୦୦ ବର୍ଷ ପରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଛି। ତାଙ୍କ ପ୍ରଶିକ୍ଷଣରେ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ ଖେଳିବାର ସୁଯୋଗ ରହିଛି। ୱାଲଟର୍ ଦକ୍ଷିଣ ଆଫ୍ରିକାର ପ୍ରଶିକ୍ଷକ ଥିବାବେଳେ ଦଳ ୨୦୨୩ ବିଶ୍ୱକପ୍ ସେମିଫାଇନାଲ, ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ଓ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା।

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

## ଦିବ୍ୟାଂଶୁଙ୍କୁ ୫ ୱିକେଟ; କଟକ-ବି ବିଜୟୀ

କଟକ,୬।୬(ସମିସ):

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଶୁକ୍ରବାର କଟକ-ବି ୫ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନୁଗୋଳ ଦଳ ଟସ୍ ଜିତି ସମସ୍ତ ୱିକେଟ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟ ବେହେରା ୨୮ ଏବଂ ସୌମ୍ୟ ସିଂହ ୨୫ ରନ ସଂଗ୍ରହ କରିଥିଲେ। କଟକ-ବି'ର ଦିବ୍ୟାଂଶୁ ନାୟକ ୪୦ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଅଭିଷେକ ସେନାପତିଙ୍କୁ ୩ଟି ୱିକେଟ ମିଳିଥିଲା। ୨୬.୪ ଓଭରରେ କଟକ-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଭିଷେକ କାଳିଆ ସର୍ବାଧିକ ୩୭ ରନ କରିଥିଲେ। ୫ ୱିକେଟ ସଫଳତା ପାଇଥିବା ଦିବ୍ୟାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ବଲାଙ୍ଗୀର ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ସମସ୍ତ ୱିକେଟ ହରାଇ ମାତ୍ର ୯୬ରନ କରିଥିଲା। ବଲାଙ୍ଗୀରର ମୌସମରାଜ ନାଗ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ଭବ୍ୟ ପଧାରିଆଙ୍କ ୪୬ ଏବଂ ସମରପ୍ରୀତ ପଟେଲଙ୍କ ୪୨ ରନର ଅପରାଜିତ ପାଳି ବଳରେ ବଲାଙ୍ଗୀର ସହଜ ବିଜୟ ହାସଲ କରିଥିଲା। ମୌସମରାଜ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୭ ୱିକେଟରେ ଗଜପତିକୁ ପରାସ୍ତ କରିଥିଲା। ୪ ୱିକେଟ ଅକ୍ତିଆର କରିଥିବା ବିଜୟୀ ଦଳର ଆୟୁଷ ସୋନିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ଼ ୭ ୱିକେଟରେ ମୟୂରଭଞ୍ଜକୁ, କୋରାପୁଟ ୧୯ ରନରେ ଜଗତସିଂହପୁରକୁ, ମାଲକାନଗିରି ୧ ୱିକେଟରେ ଦେବଗଡ଼କୁ ହରାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ (୪ ୱିକେଟ) ଓ ମାଲକାନଗିରିର ସାନା ଶ୍ରେୟାସ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।



ଦିବ୍ୟାଂଶୁ ନାୟକ



ଧୀରଜ କୁମାର ମାଝୀ



ମୌସମରାଜ ନାଗ୍

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS